# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 29 APRIL 2026
ବୁଧବାର ୨୯ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 341 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୪୧ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


### କେନ୍ଦୁଝର ଉଚ୍ଚବାଲିରେ ୧୬୪୭ କୋଟିର ଗ୍ରୀଡ୍ ପ୍ରକଳ୍ପର ଶିଳାନ୍ୟାସ

# ୨୦୩୬ ସୁଦ୍ଧା ଆଉ ୩୪ ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍

**ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ହେବ କେନ୍ଦୁଝର : ମୁଖ୍ୟମନ୍ତ୍ରୀ**



**ଭୁବନେଶ୍ୱର, କେନ୍ଦୁଝର,୨୮।୪/ଏନ୍ଏନ୍ଏସ୍:**

ଓଡ଼ିଶାରେ ୨୦୦୦ରେ ରାଜ୍ୟରେ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଥିଲେ। ଏବେ ୧ କୋଟିରେ ପହଞ୍ଚିଛି। ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ୨୦୩୬ ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସବଷ୍ଟେସନ କରାଯିବ। ବିଶେଷକରି ଭୁବନେଶ୍ୱର, ଯାଜପୁର, ଝାରସୁଗୁଡ଼ା ଓ ଗଜପତିରେ ପ୍ରଥମ ଥର ପାଇଁ ୭୬୫ କେଭି ଗ୍ରୀଡ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଓପିଟିସିଏଲ ପକ୍ଷରୁ ଏଣିକି 'ହଟ୍‌ଲାଇନ ମେଣ୍ଟେନାନ୍ସ' ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନକରି ମଧ୍ୟ ତାର ମରାମତି କରାଯାଇପାରିବ। ସେହିପରି କେନ୍ଦୁଝର ହେବ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର। ଏହି ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରାଯିବ। 'ସୁନାର କେନ୍ଦୁଝର' ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ସହ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଶୁଭାରମ୍ଭ ହୋଇଛି।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ଜିଲ୍ଲାର ବଡ଼ବିଲ ଅଞ୍ଚଳର ଉଚ୍ଚବାଲି ଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ୪୨୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରନ ମାଝୀ। ସେ କହିଛନ୍ତି ଯେ, କେନ୍ଦୁଝରର ବିକାଶ ଦାୟିତ୍ୱ ମୋର। ଉଚ୍ଚବାଲି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ। ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏଣୁ ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ। ପ୍ରକଳ୍ପର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ ସମଗ୍ର ଅଞ୍ଚଳକୁ ଏକ ସୁଦୃଢ଼ ନେଟଓ୍ୱର୍କରେ ଯୋଡ଼ିବା ନେଇ ସେ ଦର୍ଶାଇଛନ୍ତି ଯେ, ୪୦୦ କେଭି ଏଲଆଇ ଲାଇନ ସହିତ ଟିଟିପିଏସ୍ ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ। ଏହାଦ୍ୱାରା ଶିଳ୍ପ ଓ ଘରୋଇ ଚାହିଦା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରାଯାଇପାରିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ,, ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତିକରଣ ଆମର ପ୍ରାଥମିକତା। ଆମେ ହଟ୍ ଲାଇନ ମେଣ୍ଟେନାନ୍ସର ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛୁ, ଯାହାଦ୍ୱାରା ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ। ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ। ରାଜ୍ୟର ବିଦ୍ୟୁତ୍ ପରିଚାଳନା ପ୍ରଣାଳୀକୁ ସ୍ମାର୍ଟ କରାଯିବ। 'ଆମେ ଓଡ଼ିଶାକୁ ଡିଜିଟାଲାଇଜେସନ ଦିଗରେ ଆଗେଇ ନେଉଛୁ। ମଞ୍ଚେଶ୍ୱରଠାରେ ନିର୍ମିତ ନୂତନ ଏସଏଲଡିସି ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ। ଏହାସହ ଷ୍ଟାମ୍ପ ପ୍ରକଳ୍ପ ଜରିଆରେ ୭୦ଟି ଗ୍ରୀଡ୍‌କୁ ରିମୋଟ୍ ▶▶ ୬

---

● ସରକାରୀ କର୍ମଚାରୀଙ୍କ ପାଇଁ ଅର୍ଥ ବିଭାଗର କଡ଼ା ନିର୍ଦ୍ଦେଶ

# ଇଭି ଯାନ ପାଇଁ ଆଉ ମିଳିବନି ସୁଧ ଛାଡ଼

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:**



**ଆର୍ଥିକ ବର୍ଷ ୨୦୨୬-୨୭ରୁ ଲାଗୁ**

ସରକାରୀ କର୍ମଚାରୀମାନେ ଆଉ ଇଭି ଯାନ କିଣିବାବେଳେ ଋଣ ଉପରେ ସୁଧ ଛାଡ଼ ପାଇବେ ନାହିଁ। ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରୁ ଏହା ଲାଗୁ ହୋଇଛି। ଏନେଇ ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ଯେମିତି ଉଲ୍ଲଂଘନ ନହୁଏ ସେଥିପ୍ରତି ଯତ୍ନଶୀଳ ହେବାକୁ ସରକାର କହିଛନ୍ତି।

ମଙ୍ଗଳବାର ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ଚିଠି ନମ୍ବର ୧୧୦୮୪/ଅର୍ଥ ବିଭାଗ ଭିତ୍ତିରେ ସବୁ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଇଲେକ୍ଟ୍ରିକ ଭେଇକିଲ୍ ପଲିସି-୨୦୨୧ ଆଧାରରେ ଓଡ଼ିଶା ସରକାର ସରକାରୀ କର୍ମଚାରୀଙ୍କୁ ଇଲେକ୍ଟ୍ରିକ୍ ଗାଡ଼ି କିଣିବା ପାଇଁ ସ୍ୱତନ୍ତ୍ର ସୁଧ ଛାଡ଼ କରିବାକୁ ନିଷ୍ପତ୍ତି ନେଇଥିଲେ। ସମସ୍ତ ରାଜ୍ୟ ସରକାରୀ କର୍ମଚାରୀ, ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀ, ବୋର୍ଡ ଓ ନିଗମ କର୍ମଚାରୀ ଏହି ସୁବିଧା ପାଉଥିଲେ। କର୍ମଚାରୀଙ୍କ ଚାକିରି ଅବଧି ଅନ୍ତତଃ ୫ ବର୍ଷ ହୋଇଥିବାର ନିୟମ ରହିଥିଲାବେଳେ ଜଣେ କର୍ମଚାରୀ କେବଳ ଥରେ ଏହି ସୁବିଧା ନେଇପାରିବେ ବୋଲି ବିଜ୍ଞପ୍ତି ସ୍ପଷ୍ଟ କରାଯାଇଥିଲା। ପ୍ରଥମେ ଦୁଇ ଚକିଆ ଯାନ ପାଇଁ ଋଣ ଉପରେ ତିନି ବର୍ଷ ପର୍ଯ୍ୟନ୍ତ ଶତ ପ୍ରତିଶତ ସୁଧ ଛାଡ଼ କରିଥିବା ବେଳେ ଚାରି ଚକିଆ ଯାନ ପାଇଁ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ୩ ବର୍ଷ ପର୍ଯ୍ୟନ୍ତ ଶତ ପ୍ରତିଶତ ସୁଧ ଛାଡ଼ କରିଥିଲେ। ଏଥିସହ ଇଭି ଯାନ ପାଇଁ ୧୦୦% ରୋଡ୍ ଟ୍ୟାକ୍ସ ଓ ରେଜିଷ୍ଟ୍ରେସନ୍ ଫି ମଧ୍ୟ ଛାଡ଼ ହୋଇଥିଲା। ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ସୁଧ ଛାଡ଼ ନିଷ୍ପତ୍ତି ବୈଧ ଥିଲା। ପୁଣି ରାଜ୍ୟ ସରକାର ୩୧ ମାର୍ଚ୍ଚ ୨୦୨୬ ଯାଏ ଛାଡ଼ ଅବଧିକୁ ବୃଦ୍ଧି କରିଥିଲେ। ଏପରିକି ସୁଧଛାଡ଼ ପରିମାଣକୁ ୭୫%କୁ ବି ହ୍ରାସ କରାଯାଇଥିଲା। ସରକାରୀ କର୍ମଚାରୀମାନେ ଉଭି ଯାନ ସୁଧ ଛାଡ଼ ପାଇବା ନିମନ୍ତେ ଡିଡିଓ ଜରିଆରେ ଟ୍ରେଜେରୀ ପୋର୍ଟାଲ୍‌ରେ ଆବେଦନ କରିବା ସହ ବ୍ୟାଙ୍କରୁ ଇଭି ଲୋନ୍‌ବେଳେ ସେଙ୍କ୍‌ସନ ଚିଠି ଦେବାକୁ ପଡୁଥିଲା। ଏବେ ରାଜ୍ୟ ସରକାର ସୁଧ ଛାଡ଼ ନିଷ୍ପତ୍ତିରୁ ଓହରି ଯାଇଛନ୍ତି। ଅର୍ଥାତ ସରକାରୀ କର୍ମଚାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରେ ଇଭି ଯାନ ପାଇଁ ଋଣ ଉପରେ ସୁଧ ଛାଡ଼ ପାଇବେ ନାହିଁ।

---

### ବଢ଼ିଲା ଚିନ୍ତା: ୧ରୁ ନୂଆ ଏଲ୍‌ପିଜି ସିଲିଣ୍ଡର ନିୟମ

# ବୁକିଂ ବ୍ୟବଧାନରେ ପରିବର୍ତ୍ତନ, ମୂଲ୍ୟରେ ସଂଶୋଧନ

**ନୂଆଦିଲ୍ଲୀ, ୨୮।୪/ଏଜେନ୍ସି:**



ଆସନ୍ତା ମେ' ୧ରୁ ଦେଶର ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ବୁକିଂ ଏବଂ ଡେଲିଭରି ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ ହେବାକୁ ଯାଉଛି। କଳାବଜାରୀ ଏବଂ ସବ୍‌ସିଡିଯୁକ୍ତ ଗ୍ୟାସ୍‌ର ଅପବ୍ୟବହାର ରୋକିବା ପାଇଁ ଦେଶର ତିନୋଟି ପ୍ରମୁଖ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍ (ଆଇଓଏଲ୍), ଭାରତ ପେଟ୍ରୋଲିୟମ୍ (ବିପି) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ (ଏଚ୍‌ପି) ନୂଆ ନିୟମ ପ୍ରଣୟନ କରିବାକୁ ଯାଉଛନ୍ତି।

ରିପୋର୍ଟ ଅନୁସାରେ ଏଲ୍‌ପିଜି ବୁକିଂ ବ୍ୟବଧାନରେ ନୂଆ ନିୟମ ଅନ୍ତର୍ଗତ ଦୁଇଟି ବୁକିଂ ମଧ୍ୟରେ ସମୟ ସୀମାକୁ ବଢ଼ାଇ ଦିଆଯାଇଛି। ସହରାଞ୍ଚଳରେ ଏହି ବ୍ୟବଧାନ ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଥିବା ବେଳେ ଗ୍ରାମାଞ୍ଚଳରେ ଏହା ୪୫ ଦିନ ପର୍ଯ୍ୟନ୍ତ ରହିବ। ନିର୍ଦ୍ଧାରିତ ସମୟ ପୂର୍ବରୁ ବୁକିଂ କଲେ ସିଷ୍ଟମ ତାହାକୁ ଗ୍ରହଣ କରିବ ନାହିଁ। ସିଧା ଅର୍ଥରେ କହିଲେ ନିର୍ଦ୍ଧାରିତ ସମୟସୀମା ଶେଷ ହେବା ପୂର୍ବରୁ କରାଯାଇଥିବା ଯେକୌଣସି ବୁକିଂ ପ୍ରୟାସକୁ ସିଷ୍ଟମ୍ ସ୍ୱୟଂଚାଳିତ ଭାବରେ ବ୍ଲକ୍ କରିଦେବ। ସେହିପରି ମେ ୧ରୁ ଡେଲିଭରି ଅଥେଣ୍ଟିକେସନ୍ କୋଡ୍ (ଓଟିପି) ଆଧାରିତ ସିଲିଣ୍ଡର ଡେଲିଭରି ବାଧ୍ୟତାମୂଳକ ହେବ। କେବଳ ବ୍ଲୁ-ବୁକ୍ କିମ୍ବା ରସିଦ ଦେଖାଇ ଗ୍ରାହକ ସିଲିଣ୍ଡର ନେଇପାରିବେ ନାହିଁ। ବୁକିଂ ସମୟରେ ପଞ୍ଜିକୃତ ମୋବାଇଲ୍ ନମ୍ବରକୁ ଏକ ଓଟିପି ଆସିବ, ଯାହାକୁ ଡେଲିଭରି ଦେବାକୁ ଆସିଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ। ବର୍ତ୍ତମାନ ସୁଦ୍ଧା ୯୪.୫%ରୁ ଅଧିକ ଡେଲିଭରି ଏହି ଓଟିପି ବ୍ୟବସ୍ଥା ଅନ୍ତର୍ଗତ ହିଁ କରାଯାଉଛି। ଏତଦ୍‌ବ୍ୟତୀତ ମେ' ୧ରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କ ▶▶ ୬

---

### ପଞ୍ଚାୟତ ନିର୍ବାଚନ ଏକାକୀ ଲଢ଼ିବ କଂଗ୍ରେସ

# ବିଜେଡି ସହ ମେଣ୍ଟ କରିବନି ଦଳ: ଭକ୍ତ ଦାସ

**ଭୁବନେଶ୍ୱର, ୨୮।୪/ଏନ୍ଏନ୍ଏସ୍:**



ଆଗାମୀ ଦିନରେ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ଏହାକୁ ନେଇ ଦଳୀୟସ୍ତରରେ ଯେଉଁଠି ହଲ୍‌ଚଲ୍ ଆରମ୍ଭ ହୋଇଛି ସେତେବେଳେ କଂଗ୍ରେସ ପକ୍ଷରୁ ଏକ ବଡ଼ ସ୍ପଷ୍ଟୀକରଣ ସାମ୍ନାକୁ ଆସିଛି। କଂଗ୍ରେସ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏକାକୀ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିଷ୍ପତ୍ତି ନେଇଛି। ବିଜୁ ଜନତା ଦଳ (ବିଜେଡି) ସହ କୌଣସି ପ୍ରକାର ମେଣ୍ଟ ହେବାର ସମ୍ଭାବନାକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି।

ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀ ଦାସ କହିଛନ୍ତି ଯେ, କଂଗ୍ରେସ ନିଜ ଶକ୍ତିରେ ଜିଲ୍ଲା ପରିଷଦ, ପଞ୍ଚାୟତ ଏବଂ ପୌର ନିର୍ବାଚନ ଲଢ଼ିବ। ବିଜେଡି ସହ ସମ୍ଭାବ୍ୟ ମେଣ୍ଟକୁ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଦେଖାଦେଇଥିବା ଅସନ୍ତୋଷ ତଥା ଆଭ୍ୟନ୍ତରୀଣ ବିରୋଧ ପରେ ଦଳ ଏହି ରଣନୈତିକ ପଦକ୍ଷେପ ନେଇଛି। ଦଳ ଏକାକୀ ନିର୍ବାଚନ ଲଢ଼ି ତୃଣମୂଳ ସ୍ତରରେ ନିଜ ସ୍ଥିତି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଥିବା ଶ୍ରୀ ଦାସ ଉଲ୍ଲେଖ କରିଛନ୍ତି। ଶ୍ରୀ ଦାସ ସ୍ପଷ୍ଟ କରିଛନ୍ତି ଯେ, ବିଜେଡ଼ି ସହ ମେଣ୍ଟ ହେବା ନେଇ କେବେ ବି କୌଣସି ପ୍ରକାର ସମ୍ଭାବନା ନଥିଲା। ଦଳକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏଭଳି କେବଳ କିଛି ଗୁଜବ ସୃଷ୍ଟି କରାଯାଇଥିଲା। ତେବେ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡ଼ି ସହ ମେଣ୍ଟକୁ ମନା କରିଥିଲେ ମଧ୍ୟ ଭକ୍ତ ଦାସ ଭବିଷ୍ୟତରେ ବିଧାନସଭା ନିର୍ବାଚନ ପାଇଁ କିନ୍ତୁ ଏକ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ ରଖିଛନ୍ତି। ସେ କହିଛନ୍ତି ଯେ ବିଧାନସଭା ନିର୍ବାଚନ ସମୟରେ ବିଜେଡି ସହ ମେଣ୍ଟ ହେବ କି ନାହିଁ, ▶▶ ୬

---

# ମେ' ୪ରୁ ଓଜେଇଇ

**ଭୁବନେଶ୍ୱର,୨୮।୪ /ଏନ୍ଏନ୍ଏସ୍:**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଆସନ୍ତା ମେ' ୪ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ। ତେବେ ଏହି ପରୀକ୍ଷା ୩ଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ସିଫ୍ଟ ସକାଳ ୯ ଟାରୁ ୧୧ ଟା, ଦ୍ୱିତୀୟ ସିଫ୍ଟ ଅପରାହ୍ନ ୧ଟାରୁ ୩ଟା ଏବଂ ତୃତୀୟ ସିଫ୍ଟ ଅପରାହ୍ନ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ହେବ। ତେବେ ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡ୍‌ରେ କରାଯାଉଛି। ଆବେଦନକାରୀଙ୍କ ଆଡମିଟ୍ କାର୍ଡ ଓ୍ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଏନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ମେ' ୪ ତାରିଖରେ ତିନୋଟି ଯାକ ସିଫ୍ଟରେ ବେସିକ୍ ବିଏସ୍‌ସି ନର୍ସିଂର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୫ ତାରିଖରେ ପ୍ରଥମ ଓ ଦ୍ୱିତୀୟ ସିଫ୍ଟରେ ବେସିକ୍ ବିଏସ୍‌ସି ନର୍ସିଂର ପରୀକ୍ଷା ହେବ। ତୃତୀୟ ସିଫ୍ଟରେ ବି ଫାର୍ମାର ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଭାବରେ ୬ ତାରିଖରେ ୩ଟି ଯାକ ସିଫ୍ଟ ବି ଫାର୍ମା ପରୀକ୍ଷା ଅନୁଷ୍ଠିତ ହେଉଥିବା ବେଳେ ୭ ତାରିଖରେ ପ୍ରଥମ ସିଫ୍ଟରେ ଇଣ୍ଟିଗ୍ରେଟେଡ୍ ଏମବିଏ ଓ ଏମ୍‌ଏସ୍‌ସି ନର୍ସିଂ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ଓ ତୃତୀୟ ସିଫ୍ଟରେ ଏମବିଏ ପରୀକ୍ଷା ହେବ। ୮ ତାରିଖରେ ସମସ୍ତ ସିଫ୍ଟରେ ଏଲ୍‌ଇ. ଟେକ୍ (ଡିପ୍ଲୋମା) ପରୀକ୍ଷା ରହିଛି। ୯ ତାରିଖର ପ୍ରଥମ ସିଫ୍ଟରେ ▶▶ ୬

---

# ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷା ଫଳ ପ୍ରକାଶ

**କଟକ,୨୮।୪/ ଏନ୍ଏନ୍ଏସ୍:**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)-୨୦୨୪ର ମୁଖ୍ୟ ଲିଖିତ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ୩୮୫ ପ୍ରାର୍ଥୀ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଆସନ୍ତା ମେ ୧୪ରେ ସେମାନଙ୍କର ସାକ୍ଷାତକାର ସହ ପ୍ରମାଣପତ୍ର ଯାଂଚ କରାଯିବ। ଏନେଇ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଓପିଏସ୍‌ସି ଦ୍ୱାରା ଗତ ଜାନୁଆରୀ ୩୧ ରୁ ଫେବୃଆରୀ ୧୦ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ଲିଖିତ ପରୀକ୍ଷା କରାଯାଇଥିଲା। ୨୪୦୫ ଜଣ ଆଶାୟୀ ଏହି ପରୀକ୍ଷା ଦେଇଥିଲାବେଳେ ୩୮୫ ଜଣ କୃତକାର୍ଯ୍ୟ ହୋଇପାରିଛନ୍ତି। କୃତୀ ଆଶାୟୀଙ୍କ ମଧ୍ୟରେ ୧୫୫ ମହିଳା ରହିଛନ୍ତି।

---

# ରନ୍ଧନ ଗ୍ୟାସ୍ ଓ ପେଟ୍ରୋଲ-ଡିଜେଲ୍ ଯୋଗାଣର ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

**ଭୁବନେଶ୍ୱର,୨୮।୪ /ଏନ୍ଏନ୍ଏସ୍:**



ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ରାଜ୍ୟରେ ରନ୍ଧନ ଗ୍ୟାସ ଏବଂ ପେଟ୍ରୋଲ-ଡିଜେଲ୍‌ର ଉପଯୁକ୍ତ ଯୋଗାଣର ସ୍ଥିତି ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ପାତ୍ର ଏଚ୍‌ପିସିଏଲ୍, ଆଇଓସିଏଲ୍, ବିପିସିଏଲ୍, ଆଦାନୀ ଗ୍ରୁପ୍ ଆଦି ବିଭିନ୍ନ ଇନ୍ଧନ ବିତରଣକାରୀ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବା ସହ ରାଜ୍ୟରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ସମ୍ପର୍କିତ ସ୍ଥିତି ବାବଦରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ। ବୈଠକରୁ ଜଣାପଡ଼ିଛି ଯେ ବର୍ତ୍ତମାନ ଘରୋଇ ରନ୍ଧନ ଗ୍ୟାସ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି। ଘରୋଇ ଖାଉଟିମାନେ ଗ୍ୟାସ ସିଲିଣ୍ଡର ବୁକିଂ କରିବାର ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ୟାସ ପାଇପାରୁଛନ୍ତି। ଗ୍ୟାସ ସଙ୍କଟ ନେଇ ଲୋକଙ୍କ ମଧ୍ୟରେ ଥିବା ଭୟ ବର୍ତ୍ତମାନ ଦୂର ହୋଇଛି। ସେହିଭଳି ଅଣ-ଘରୋଇ ତଥା ବାଣିଜ୍ୟକ କ୍ଷେତ୍ରରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ଗ୍ୟାସ ଯୋଗାଣ ସମ୍ଭବ ହୋଇପାରୁଛି। ଫଳରେ ହୋଟେଲ, ରେଷ୍ଟୋରାଁଗୁଡ଼ିକର ଚାହିଦା ଆନେକାଂଶରେ ପୂରଣ ହୋଇପାରୁଛି। ▶▶ ୬

---

# ତତଲା ତାଓ୍ୱାରେ ଝାରସୁଗୁଡ଼ା

**ଝାରସୁଗୁଡା, ୨୮।୪/ଏନ୍ଏନ୍ଏସ୍:**

**୪୫ ଡିଗ୍ରୀ ତାପମାତ୍ରାରେ ସିଝୁଛନ୍ତି ଜିଲ୍ଲାବାସୀ**

ଆଜି ଓଡ଼ିଶାର ଶିଳ୍ପ ସହର ଝାରସୁଗୁଡ଼ାରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି, ଯାହା ସ୍ୱାଭାବିକ ଠାରୁ ପ୍ରାୟ ୪.୭ ଡିଗ୍ରୀ ଅଧିକ। ତେବେ ଆଜି ରେକର୍ଡ କରାଯାଇଥିବା ତାପମାତ୍ରା ଚଳିତ ଗ୍ରୀଷ୍ମ ଋତୁର ସବୁଠାରୁ ଗରମ ଦିନ ଭାବେ ରେକର୍ଡଭୁକ୍ତ ହୋଇଛି। ଫଳରେ ଝାରସୁଗୁଡ଼ା ଆଜି ସମଗ୍ର ଓଡ଼ିଶାର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବେ ପରିଗଣିତ ହୋଇଛି। ଝାରସୁଗୁଡ଼ା ବ୍ୟତୀତ ବୌଦ୍ଧ (୪୩.୭ଡିଗ୍ରୀ), ସମ୍ବଲପୁର (୪୩.୫ଡିଗ୍ରୀ), ହୀରାକୁଦ (୪୩.୪ଡିଗ୍ରୀ) ଏବଂ ବରଗଡ଼ରେ (୪୨.୯ ଡିଗ୍ରୀ) ▶▶ ୬

---

### ବ୍ୟାଙ୍କ୍‌ରେ ଭଉଣୀ କଙ୍କାଳକୁ ଧରି ପହଞ୍ଚିବା ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ଆରଡିସି ତଦନ୍ତ ନିର୍ଦ୍ଦେଶ

**ଫେରିପାଇଲେ ଜମା ଟଙ୍କା ସହ ସୁଧ ଓ ମିଳିଲା ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା**

**କେନ୍ଦୁଝର, ୨୮।୪/ଏନ୍ଏନ୍ଏସ୍:**

ବହୁ ଚର୍ଚ୍ଚିତ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅନ୍ତର୍ଗତ ମଲ୍ଲୀପସି ସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଘଟିଥିବା ଅଭାବନୀୟ ଘଟଣାକୁ ନେଇ ରାଜ୍ୟରେ ଏକ ପ୍ରକାର ହଟଚମଟ ସୃଷ୍ଟି ହୋଇଥିବା ବେଳେ ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ହସ୍ତକ୍ଷେପ କରିଛନ୍ତି। ଘଟଣାର କାରଣ ଜାଣିବା ପାଇଁ ମୁଖ୍ୟମନ୍ତ୍ରୀ ଆରଡିସି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଆସନ୍ତା କାଲି ଠାରୁ ଏହି ଘଟଣାରେ ଆର୍‌ଡିସି ତଦନ୍ତ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଜିତୁ ମୁଣ୍ଡା ନାମକ ବ୍ୟକ୍ତିଙ୍କୁ ବ୍ୟାଙ୍କ୍ ପକ୍ଷରୁ ସୁଧମୂଳ ସହ ଜମାଟଙ୍କା ଓ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ବାବଦ ମୋଟ୍ ୪୯ ହଜାର ୪୦୨ ଟଙ୍କା ପ୍ରଦାନ କରାଯାଇଥିବା ବେଳେ, ମୃତକଙ୍କ ମୃତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରାଯାଇଛି।

ବ୍ୟାଙ୍କରୁ ଜିତୁ ମୁଣ୍ଡା ନାମକ ଜଣେ ବ୍ୟକ୍ତି ଠିକ୍ ସମୟରେ ଟଙ୍କା ନ ପାଇବା ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଭାବେ ବ୍ୟଥିତ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହିତ ଅଧିକାରୀ ମାନଙ୍କୁ ସାଧାରଣ ଲୋକଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ଏହି ଘଟଣାରେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆରସି) ମଧ୍ୟ ଅବଗତ ହୋଇଛନ୍ତି। ଭଉଣୀର କଙ୍କାଳ କାନ୍ଧରେ ବୋହି ଜିତୁ ମଣ୍ଡଳ ବ୍ୟାଙ୍କରେ ପହଞ୍ଚିବା ଘଟଣାରେ ଏନ୍‌ଏଚ୍‌ଆରସିଙ୍କ ନିକଟରେ ମାମଲା ରୁଜୁ ହୋଇଛି। ତୁରନ୍ତ ଏହି ଘଟଣାର ତଦନ୍ତ ଆରମ୍ଭ ପାଇଁ ଏନ୍‌ଏଚ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ମାନସିକ ଚାପ ପାଇଥିବା ଜିତୁ ମଣ୍ଡଳଙ୍କୁ କ୍ଷତିପୂରଣ ଦେବା ନେଇ ଆବେଦନ ହୋଇଛି। ଆଗାମୀ ଦିନରେ ଅସହାୟ ଅଳ୍ପ ଶିକ୍ଷିତଙ୍କ କ୍ଷେତ୍ରରେ ଟଙ୍କା ଉଠାଣରେ ବ୍ୟାଙ୍କ ପକ୍ଷରୁ ସରଳୀକରଣ ବ୍ୟବସ୍ଥା ଲାଗୁ ପାଇଁ ଆବେଦନ ହୋଇଛି। ପାଟଣା ବ୍ଲକ ଅନ୍ତର୍ଗତ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ତାଙ୍କ ମୃତ ଭଉଣୀ କଲରା ମୁଣ୍ଡାଙ୍କ ନାମରେ ୧୯ ହଜାର ୩ ଶହଟଙ୍କା ଏହି ବ୍ୟାଙ୍କରେ ଜମା ଥିଲା। ସୋମବାର ଏହି ଟଙ୍କା ନେବାକୁ ତାଙ୍କ ଭାଇ ଜିତୁ ବ୍ୟାଙ୍କକୁ ଆସିଥିଲେ। କିନ୍ତୁ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଯାହା ନାମରେ ▶▶ ୬

---

### ରାତି ପାହିଲେ ପଶ୍ଚିମବଙ୍ଗରେ ଭୋଟ୍

# ଭବାନୀପୁରରେ ମମତା-ଶୁଭେନ୍ଦୁ ଟକ୍କର

**କୋଲକାତା,୨୮।୪/ ଏଜେନ୍ସି:**



ଆସନ୍ତା କାଲି ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟରେ ୧୪୨ ଆସନ ପାଇଁ ମତଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏପ୍ରିଲ୍ ୨୩ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ବ୍ୟାପକ ହିଂସାକୁ ଦେଖି ଜବରଦସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ୧୪୨ ଆସନ ପାଇଁ ରାଜ୍ୟବାସୀ ସେମାନଙ୍କ ନେତା ଚୟନ କରିବେ। ଉତ୍ତର ଓ ଦକ୍ଷିଣ କୋଲକାତା ସହ ହାଓ୍ୱଡ଼ା, ନର୍ଥ ଓ ସାଉଥ୍ ୨୪ ପ୍ରଗଣା, ନଦିଆ, ହୁଗୁଳି ଏବଂ ପୂର୍ବ ବର୍ଦ୍ଧମାନ ଭଳି ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ଏସବୁ ଅଞ୍ଚଳ ବେଶ୍ ସମ୍ବେଦନଶୀଳ ଅଞ୍ଚଳ ବର୍ଗରେ ରଖାଯାଇଛି। ସବୁଠୁ ବଡ଼କଥା ହେଉଛି ଏସବୁ ଅଞ୍ଚଳ ମଧ୍ୟରେ ହାଇଭୋଲଟେଜ୍ ଭବାନୀପୁର ଆସନ ମଧ୍ୟ ରହିଛି। ଯେଉଁଠି ତୃଣମୂଳ କଂଗ୍ରେସ ମୁଖିଆ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟକ୍କର ଦେଉଛନ୍ତି ବିରୋଧୀଦଳ ନେତା ତଥା ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ। ଏହି ପର୍ଯ୍ୟାୟରେ ୩ କୋଟି ୨୧ ଲକ୍ଷ ଭୋଟର ନିର୍ଦ୍ଧାରଣ କରିବେ ୧୪୪୮ ପ୍ରାର୍ଥୀଙ୍କ ଭାଗ୍ୟ। ସେଥିପାଇଁ ଇଭିଏମ୍ ସହ ଆବଶ୍ୟକ ସାଜ ସରଞ୍ଜାମ ଧରି ବୁଥ୍ ମାନଙ୍କରେ ପହଞ୍ଚି ସାରିଛନ୍ତି ପୋଲିଂ ପାର୍ଟି। ତେଣେ ଭୋଟ୍ ସମୟରେ ଅସାମାଜିକ ତତ୍ତ୍ୱଙ୍କୁ ରୋକିବାକୁ ସୁରକ୍ଷାକର୍ମୀ ସବୁ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରୁଛନ୍ତି। ସିଆରପିଏଫ୍ ଯବାନଙ୍କ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି।

ପଶ୍ଚିମ ବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ବ୍ୟାପକ ହିଂସା ପରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ସବୁଠି ସୁରକ୍ଷା ପୂରା ଟାଇଟ୍। ବିଭିନ୍ନ ରାଜ୍ୟରୁ ବହୁ ଦକ୍ଷ ଆଇପିଏସ୍ ଅଫିସରଙ୍କୁ ଭିନ୍ନ ଭିନ୍ନ ନିର୍ବାଚନ କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି ନିର୍ବାଚନ କମିଶନ। ଆଉ ସମସ୍ତେ ଏବେ ଆକ୍ଟିଭ ମୋଡ୍ ରେ। ୟୁପିରୁ ଆସିଥିବା ଆଇପିଏସ୍ ଆଜୟ ପାଲ ଶର୍ମା ଦକ୍ଷିଣ ୨୪ ପ୍ରଗଣାର ଅବଜରଭର। ଭୋଟ୍ ବେଳେ ବଦମାସୀ କଲେ କେମିତି ଉଚିତ୍ ଦଣ୍ଡ ଦିଆଯିବ ସେନେଇ ସେ ଚେତାବନୀ ଦେଇଛନ୍ତି।ଅନ୍ୟ ଏକ ସମ୍ବାଦ ଅନୁସାରେ ଓଡ଼ିଶାରୁ ମଧ୍ୟ ୧୦ ଆଇପିଏସ୍ ଅବରଜରଭର ଭାବେ ବେଙ୍ଗଲ ଯାଇଛନ୍ତି। ଏହି ଅଧିକାରୀମାନେ ହେଲେ ହିମାଂଶୁ ଲାଲ, ସତ୍ୟଜିତ୍ ନାୟକ, ଅନୁପ ସାହୁ, ବି. ଗଙ୍ଗାଧର, ଶ୍ରବଣା ବିବେକ, ସ୍ମିଥ୍ ପରମାର, ଜେ. ବନୋଥ, ଜୟନାରାୟଣ ପଙ୍କଜ, ଅବିନାଶ କୁମାର ଓ ଚରଣ ସିଂ ମୀନା। ତେବେ ନଦିଆ ଜିଲ୍ଲା ଦାୟିତ୍ୱରେ ଥିବା ଆଇପିଏସ୍ ବି.ଗଙ୍ଗାଧରଙ୍କୁ କିନ୍ତୁ ନିଶାନା କରିଛନ୍ତି ଟିଏମସି ସାଂସଦ ମହୁଆ ମୌଇତ୍ର। ନିଜ ସୋସିଆଲ ମିଡିଆ ଏକ୍ସରେ ମହୁଆ ଆକ୍ଷେପ କରିଛନ୍ତି- ତାଙ୍କ ଦଳର କର୍ମୀଙ୍କୁ ପୋଲିସ ଧମକ ଦେଉଛି। ଯାହା ବେଆଇନ୍।

ପ୍ରକାଶ, ୨୯୪ ଆସନ ବିଶିଷ୍ଟ ବେଙ୍ଗଲ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ଏପ୍ରିଲ୍ ୨୩ରେ ୧୫୨ ଆସନରେ ମତଦାନ ଅନୁଷ୍ଠିତ ▶▶ ୬

## ବିରଳ ବଜ୍ରକାପ୍ତା ଉଦ୍ଧାର

**କଣ୍ଟାପଡ଼ା,୨୮।୪/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତ ଅଧିନ ସିରସିନ୍ଦରପୁର ଗ୍ରାମ ନଂ ୮ର ନିରଞ୍ଜନ ମଲିକ ଓ ପ୍ରକାଶ ଚନ୍ଦ୍ର ମଲିକ ଆଜି ସକାଳ ସମୟରେ ଗାଁ ପାଖ ଜଙ୍ଗଲରେ ବୁଲୁଥିବା ଅବସ୍ଥାରେ ୨୫କିଲୋଗ୍ରାମ ଓଜନର ଏକ ବିରଳ ବଜ୍ରକାପ୍ତାକୁ ଧରିବାକୁ ସକ୍ଷମ ହୋଇଥିଲେ। ବଜ୍ରକାପ୍ତାକୁ ଧରିବା ପରେ ଫଗେ ଫଗେ ବନ ବିଭାଗକୁ ଫୋନ ଯୋଗେ ଜଣାଇଥିବା ସୂଚନା ମିଳିଛି।

ନିତିଦିନ NITIDIN

# ତିନିରଥର ୪୨ ତୁମ୍ବର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ

## ଉଭୟ ପାର୍ଶ୍ୱ ଅଖ ବିନ୍ଧ ଖୋଦେଇ ଆରମ୍ଭ



**ପୁରୀ,୨୮।୪/ଏନ୍ଏନ୍ଏସ୍:** ଆଜି ରଥ ନିର୍ମାଣର ଅଷ୍ଟମ ଦିନରେ ରଥ ନିର୍ମାଣକାରୀ ମାନେ ସକାଳ ୮ଘଟିକା ପୂର୍ବରୁ ରଥଖଳା ଠାରେ ଉପସ୍ଥିତ ହୋଇ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନର ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ରଥ ନିର୍ମାଣ ରେ ତିନିରଥ ମହାରଣା ସେବକ ୬୫ ଜଣ, ଭୋଇ ସେବକ ୩୮ ଜଣ, କରତୀ ସେବକ ୪ ଜଣ, ତିନି ରଥ କମାର ସେବକ ୧୨ ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୧୨୦ ଜଣ ଯୋଗ ଦେଇଥିଲେ। ଗତକାଲି ନିର୍ମାଣ କାର୍ଯ୍ୟ ଶେଷ ସୁଦ୍ଧା ତିନିରଥର ମୋଟ ୪୨ ଗୋଟି ତୁମ୍ବ ର ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଆଜି ତିନିରଥର ୪୨ ଗୋଟି ତୁମ୍ବ ର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇ ତୁମ୍ବ ଉଭୟ ପାର୍ଶ୍ୱ ଅଖ ବିନ୍ଧ ଖୋଦେଇ ଆରମ୍ଭ ହୋଇଛି।ତିନି ରଥର ମୁଖ୍ୟ ମହାରଣା ଙ୍କ ମାର୍ଗ ଦର୍ଶନରେ ତିନିରଥ ର ମୋଟ ୪୨ ଗୋଟି ତୁମ୍ବ ର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ତିନି ରଥ ଚାଳି ର ସାଥୀ ମହାରଣା ସେବକ ମାନେ ଶେଷ କରି, ଉକ୍ତ ବିନ୍ଧ ହୋଇଥିବା ତୁମ୍ବ ଗୁଡ଼ିକର ସଂଶୋଧନ କାର୍ଯ୍ୟ ଆରମ୍ଭ କରିଛନ୍ତି, ବିନ୍ଧ ଗୁଡ଼ିକର ଆବଶ୍ୟକତାକୁ ପରଖା ଯାଇ ନିହାଣ ମାରା କାର୍ଯ୍ୟ ଜାରୀ ରହିଥିଲା। ଏଥିସହ ତୁମ୍ବରେ ଅର ସଂଯୋଗ ପାଇଁ ହୋଇଥିବା ଅର ବିନ୍ଧ ନିକଟରେ କଣ୍ଟା ବସିବାପାଇଁ ଅଗର ବିନ୍ଧ ହୋଇ ତୁମ୍ବ ଗୁଡ଼ିକର ବଳକା ଅଂଶକୁ ବାଦ ଦେବା ପାଇଁ ତୁମ୍ବର ଘେରକଟା କାର୍ଯ୍ୟ କରତୀ ମହାରଣା ସେବକ ମାନେ ଜାରି ରଖିଛନ୍ତି। ତିନି ରଥର ଘେର କଟାଯାଇଥିବା ତୁମ୍ବ ଗୁଡ଼ିକର ଦୁଇ ପାର୍ଶ୍ୱରେ ଅଖ ବିନ୍ଧ ପାଇଁ ସୂତା ମାପ ଚିହ୍ନ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ଜାରୀ ରହିଛି। ମାପ ଶେଷ ହୋଇଥିବା ତୁମ୍ବ ଗୁଡିକରେ ଅଖବିନ୍ଧ କାର୍ଯ୍ୟ ତିନିରଥର ମହାରଣାମାନେ ଆରମ୍ଭ କରିଛନ୍ତି। ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାରଶାଳରେ ତିନିରଥର ଓଝା କମାର ସେବକମାନେ ଆବଶ୍ୟକ ପ୍ରକାରେ ଅରକଣ୍ଟା ପ୍ରସ୍ତୁତି ଜାରୀ ରଖିବା ସହ ଆଜିସୁଦ୍ଧା ତିନିରଥର ଏକ ନମ୍ବର ନାହାକା ତୁମ୍ବ ପାଇଁ ଆବଶ୍ୟକ ୨୦ ଗୋଟି ପନ୍ଦାରି ବଳା ନିର୍ମାଣ ଶେଷ କରିଛନ୍ତି। ଉକ୍ତ ପନ୍ଦାରିବଳା ଗୁଡ଼ିକର ମଠା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଗରିବ ମୁସ୍‌ଲିମ୍ ଝିଅର ବିବାହ କରାଇଲା ଅକିକ୍ ଫାଉଣ୍ଡେସନ୍



**ଖୋର୍ଦ୍ଧା,୨୮।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ବ୍ଲକ ଜଟଣୀ ଅଞ୍ଚଳ ବେଣାପାଞ୍ଜରୀ ଗ୍ରାମରେ ଏକ ଗରିବ ଝିଅ ରଉନକ ହବିବାର ବିବାହ ଅନୁଷ୍ଠିତ ହୋଇଯାଇଛି। ଝିଅର ବାପା ଧାଳ ଖାଁନ ଏକ ଗରିବ ଶ୍ରେଣୀର ଲୋକ। ସେ ପେସାରେ ଜଣେ ଡ୍ରାଇଭର ବୟସ ଅତ୍ୟଧିକ ହୋଇଥିବାରୁ ସେ ସବୁବେଳେ ଗାଡି ଚଳାଇ ପାରୁନାହାନ୍ତି। ଆଉ ଝିଅ ବିବାହ ନେଇ ସେ ବହୁଦିନ ହେଲା ଚିନ୍ତିତ ଥିଲେ। ଝିଅ ବିବାହ କରାଇବା ତାଙ୍କ ପ୍ରତି ଅସମ୍ଭବ ହୋଇପଡ଼ିଥିଲା। ଗ୍ରାମବାସୀଙ୍କୁ ଅନୁରୋଧକ୍ରମେ ଗ୍ରାମର କିଛି ପୁରୁଖା ବ୍ୟକ୍ତି ଏହାକୁ ବିଚାରକୁ ନେଇ ଗ୍ରାମର ମୁରବୀଙ୍କ ମଧ୍ୟରୁ ଜାଫର ଖାନ, ମହମ୍ମଦ ସାହାଜାନ ଏବଂ ମହମ୍ମଦ ଇଲିୟସଙ୍କ ପ୍ରୟାସରେ ସରଧାପୁର ସ୍ଥିତ ମହମ୍ମଦ ରଫିକ ଯିଏ ଅକିକ ୱେଲ୍‌ଫାୟାର୍ ଫାଉଣ୍ଡେସନ୍‌ର ସ୍ରଷ୍ଟାଙ୍କ ସହ ଆଲୋଚନା କରିବା ପରେ ବିବାହର ସମସ୍ତ କାର୍ଯ୍ୟରେ ଫାଉଣ୍ଡେସନ ସହଯୋଗ କରିବ ବୋଲି କହିଥିଲେ। ଏହାପରେ ମହମ୍ମଦ ରଫିକ୍ ୧ଲକ୍ଷ ୫୦ହଜାର ଟଙ୍କା ବିବାହ କାର୍ଯ୍ୟରେ ଅନୁଦାନ ଦେଇଥିଲେ। ଏଥିସହ ବରକନ୍ୟାର ସମସ୍ତ ବସ୍ତ୍ର ଓ ଲୋକଙ୍କ ପାଇଁ ଖାଦ୍ୟପେୟର ସମସ୍ତ ବ୍ୟବସ୍ଥା ମଧ୍ୟ କରିଥିଲେ। ଆଗକୁ ମଧ୍ୟ ଆଉ ଏକ ବଡ଼ ଧରଣର ସମୂହ ବିବାହ କାର୍ଯ୍ୟର ଯୋଜନା ରହିଥିବା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ଅନେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ। ସରଧାପୁର ଗ୍ରାମର ହାଜି ଇନାମୁଲ, ମହମ୍ମଦ ଫରୁକୁଦ୍ଦିନ, ମହମ୍ମଦ ସଲିମ, ମହମ୍ମଦ ଆଜିଜ୍ ହୁସେନ, ଜଟଣିରୁ ହବିବୁର ରହମାନ, ଖୋର୍ଦ୍ଧାରୁ ସୟଦ ଅଫସର ଅଲ୍ଲି, ବେଣାପାଞ୍ଜରୀରୁ ମହମ୍ମଦ ଅତିକ, ମହମ୍ମଦ ଫଜଲୁର ରହମାନ, ମହମ୍ମଦ ଇଲିୟାସ, ଜାଫର ଖାଁ, ମହମ୍ମଦ ସାହାଜାନ ପ୍ରମୁଖ ଉପସ୍ଥିତ ରହି ବରକନ୍ୟାକୁ ଆଶୀର୍ବାଦ ଦେଇଥିଲେ।

## କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ



**ଓଡ଼ଗାଁ,୨୮।୪/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ସ୍ଥିତ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମନଇଚ୍ଛା କାର୍ଯ୍ୟାଳୟରେ ପଶି ପଣସ ଚୋରି କରିବା ସହିତ ଦିନରେ ଶୌଚକରି ନିତ୍ୟକର୍ମ କରୁଛନ୍ତି। ଏହା ଦିନକର ଘଟଣା ନୁହଁ, ବେଶ କିଛିଦିନ ହେବ ଏଭଳି ଚାଲିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଓଡ଼ଗାଁ କଲେଜ ରୋଡରେ କ୍ଷୁଦ୍ର ଜଳ ସେଚନ ବିଭାଗ କାର୍ଯ୍ୟାଳୟ ରହିଛି। ଏଠାରେ ୨ଏକର ଜାଗାରେ କାର୍ଯ୍ୟାଳୟ ସହିତ କ୍ୱାର୍ଟର ବି ନିର୍ମାଣ କରାଯାଇଛି। କିନ୍ତୁ କର୍ମଚାରୀ ରହୁନଥିବାରୁ କିଛିଲୋକ କାର୍ଯ୍ୟାଳୟ ଭିତରେ ମନଇଚ୍ଛା ପ୍ରବେଶ କରୁଛନ୍ତି। ଏବେ ଏଭଳି ପରିସ୍ଥିତି ସୃଷ୍ଟି ହେଲାଣି କାର୍ଯ୍ୟାଳୟ ଭିତରେ ଥିବା ପଣସ ଚୋରି କରି ନେଉଛନ୍ତି ଏବଂ କର୍ମଚାରୀଙ୍କ ପାଇଁ ନିର୍ମାଣ ହୋଇଥିବା ଶୌଚାଳୟ ଓ ଗାଧୁଆ ଘରକୁ ବ୍ୟବହାର କରୁଛନ୍ତି। କିଛିମାସ ଧରି ଏଭଳି ଅରାଜକତା ଚାଲିଥିଲେ ମଧ୍ୟ କ୍ଷୁଦ୍ର ଜଳସେଚନ ବିଭାଗ ପାଖରେ ଏହାର ଟିକେବି ଖବର ନାହିଁ। ଏହି ଘଟଣାରେ କ୍ଷୁଦ୍ର ଜଳସେଚନ ଯନ୍ତ୍ରୀ ମନୋଜ କୁମାର ରାଉତ ଘଟଣାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଆମେ ଅଭିଯୋଗ ପାଇଛୁ କାର୍ଯ୍ୟାଳୟ ମଧ୍ୟରେ ଅବାଧ ପ୍ରବେଶ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବିକଲା ବରିଷ୍ଠ ନାଗରିକ ମଞ୍ଚ

**ଖୋର୍ଦ୍ଧା,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲାର ସଦର ମହକୁମାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ତରଫରୁ ଦାବି ଉପସ୍ଥାପନ କରାଯାଇଛି। ଦ୍ୱିତୀୟରେ ଶିକ୍ଷାନୁଷ୍ଠାନରେ ଛୁଟି ଥିବା ସତ୍ତ୍ୱେ ଓଡ଼ିଆ ଜାତିର ଭଗିରଥ ମଧୁବାବୁଙ୍କ ଜୟନ୍ତି ପାଳନ କରାଯିବା ଉଚିତ୍ ବୋଲି ମଞ୍ଚ ସଭାଗୃହରେ ଅନୁଷ୍ଠିତ ଜୟନ୍ତି ସଭାରେ ବକ୍ତାମାନେ ମତପ୍ରକାଶ କରିଥିଲେ। ବରପୁତ୍ରଙ୍କୁ କୃତଜ୍ଞତା ପ୍ରଦର୍ଶନ କରିବାରେ ଅବହେଳା କଲେ ସେ ଜାତି ସମୟ ସ୍ରୋତରେ ନିଶ୍ଚିହ୍ନ ହୋଇଯିବା ଇତିହାସର ଶିକ୍ଷା ବୋଲି ମଞ୍ଚର ସମ୍ପାଦକ ରାମଶଙ୍କର ମତପ୍ରକାଶ କରିଥିଲେ। ସ୍ୱର୍ଣ୍ଣରେଣୁ ପଟ୍ଟନାୟକ, ଅନସୂୟା ସାମନ୍ତରାୟ, ପ୍ରଫୁଲ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ମହାରଣା, ଲକ୍ଷ୍ମୀଧର ବଡ଼ଜେନା, ଦିବାକର ମୁଦୁଲି, ବୈକୁଣ୍ଠ ନାଥ ରାଜଗୁରୁ, ରାଜକିଶୋର ବଳିୟାରସିଂହ, ଶରତ କୁମାର ସାହୁ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଧୁବାବୁଙ୍କ ତ୍ୟାଗମୟ ଜୀବନର ସ୍ମୃତିଚାରଣ କରି କବିତାପାଠ ଓ ବକ୍ତବ୍ୟ ରଖିଥିଲେ। କ୍ଷେତ୍ରବାସୀ ସାହୁ, ହରମୋହନ ମହାପାତ୍ର, ଗଦାଧର ଗୋଛି ସଭା ପରିଚାଳନା କରିଥିଲେ ଓ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ନୀଳମାଧବଙ୍କ ମନ୍ଦିରରେ ପାନୀୟଜଳ ସଙ୍କଟ

### ମାରୱାଡ଼ି ଯୁବମଞ୍ଚ ଦେଇଥିବା ଆକ୍ୱାଫିଲ୍‌ଟର୍ ଅଚଳ




**କଣ୍ଟିଲୋ,୨୮।୪/ଏନ୍ଏନ୍ଏସ୍:** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କୁ ଦର୍ଶନ କରିବାକୁ ପ୍ରତିଦିନ ଆସୁଥିବା ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ, ବ୍ରାହ୍ମଣ ସେବାୟତ, ଛତିଶ ନିଯୋଗିଆ ଓ ସର୍ବସାଧାରଣ ଜନତା ମନ୍ଦିର ଉପରେ ମୁନ୍ଦାଏ ଥଣ୍ଡା ପାନୀୟ ଜଳ ପାଇଁ ବିକଳ ହେଉଥିବା ବେଳେ ଦେବୋତ୍ତର ବିଭାଗ କୌଣସି ସୁବିଧା କରି ନଥିବାରୁ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ସହିତ ସର୍ବସାଧାରଣ ଜନତା ଘୋର ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରସାରିତ କରାଯିବା ପରେ ଭୁବନେଶ୍ୱର ସ୍ଥିତ ମାରୱାଡ଼ି ଯୁବମଞ୍ଚର କର୍ମକର୍ତ୍ତା ଓ ସଦସ୍ୟମାନେ ଗତ ଅପ୍ରେଲ ମାସ ୧୧ ତାରିଖରେ ଶ୍ରୀଜିଉଙ୍କ ମନ୍ଦିର ଉପରେ ଭୋଲ୍‌ଟାସ୍ କମ୍ପାନୀର ଏକ ଆକ୍ୱା ୱାଟର୍ ଫିଲ୍ଟର ମେସିନ ସ୍ଥାପନ କରି ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗାଇ ଦେଇଥିଲେ। କିନ୍ତୁ ମାତ୍ର ୧୭ ଦିନ ମଧ୍ୟରେ ଏହା ଅଚଳ ହୋଇ ପଡ଼ି ରହିଥିବା ଯୋଗୁ ପୁଣି ପାନୀୟଜଳ ସଙ୍କଟ ଦେଖାଦେଇଛି। ଯାହାଫଳରେ ସମସ୍ତ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ, ସେବାୟତ, ଛତିଶ ନିଯୋଗିଆ ଓ ସାଧାରଣ ଜନତା ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ଖଣ୍ଡପଡ଼ା ଦେବୋତ୍ତର ବିଭାଗ କାହିଁକି ଶ୍ରୀ ଜିଉଙ୍କ ନିଜସ୍ୱ ରାଜସ୍ୱ ଅର୍ଥରୁ ଏକ ସ୍ଥାୟୀ ପ୍ରତିକାର କରୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏଥିପାଇଁ ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଓ ସ୍ଥାନୀୟ କର୍ମଚାରୀ ଦାୟୀ ବୋଲି ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି। ତେଣୁ ଯଥାଶୀଘ୍ର ନୟାଗଡ଼ ଜିଲ୍ଲାପାଳ, ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱବିସ୍ମୃତ ତ୍ରିପାଠୀ ଶ୍ରୀଜିଉଙ୍କ ନିଜସ୍ୱ ରାଜସ୍ୱ ଅର୍ଥରୁ ସାଧାରଣ ଜନତାଙ୍କ ପାଇଁ ତୁରନ୍ତ ଏକ ସ୍ଥାୟୀ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ମିଡିଆ ହାଉସ୍ ପକ୍ଷରୁ ମହିଳା ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା



**ଆଠଗଡ଼,୨୮।୪/ଏନ୍ଏନ୍ଏସ୍:** ମଧୁସୂଦନ ଦାସଙ୍କ ପୁଣ୍ୟ ଜନ୍ମତିଥିରେ ପାଳିତ ହେଇଯାଇଛି ଆଇନଜୀବୀ ଦିବସ। ଏହି ଅବସରରେ ଆଠଗଡ଼ର ସାମ୍ବାଦିକ ସଂଗଠନ 'ଆଠଗଡ଼ ମିଡିଆ ହାଉସ' ପକ୍ଷରୁ ଆଠଗଡ଼ ବାର ଆସୋସିଏସନରେ କାର୍ଯ୍ୟରତ ମହିଳା ଆଇନଜୀବୀମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ମିଡିଆ ହାଉସ ପକ୍ଷରୁ ସଭାପତି ସଚ୍ଚିଦାନନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଲରାଯାଇଥିଲା। ପରେ ଅଦାଲତ ପରିସରରେ ମହିଳା ଆଇନଜୀବୀ ସନ୍ତୋଷୀ ଶ୍ରୀଚନ୍ଦନ ରାୟ, ଶ୍ୱେତା ପଦ୍ମାସିନୀ ଦାସ, ସୁଧୀସ୍ମିତା ନନ୍ଦ, ସୁପ୍ରଭା ଦୋରା, ପ୍ରତିମା ପଣ୍ଡା ଓ ଦୀପାଳୀ ଦାସଙ୍କୁ ଉତ୍ତୋରିୟ ଫୁଲତୋଡା ଦିଆଯାଇ ସମ୍ବର୍ଦ୍ଧନା କରାଯାଇଛି। କାର୍ଯ୍ୟକ୍ରମରେ ହାଉସର ସମ୍ପାଦକ ସାମ୍ବାଦିକ ଦିଲ୍ଲୀପ କୁମାର ଦାସ, ବରିଷ୍ଠ ସଦସ୍ୟ ଶୈଳେନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସ୍ୱରାଜ ପଣ୍ଡା, ଯୁଗ୍ମ ସମ୍ପାଦକ ମାନସ କୁମାର ସାହୁ, ମହେଶ୍ୱର ବେହେରା, ସୋନାଲି ଓ କାଳିଆ ପ୍ରମୁଖ ଉପସ୍ଥିତ ରହି ମହିଳା ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଆଠଗଡ଼ର ବରିଷ୍ଠ ଆଇନଜୀବୀ ତଥା ବାର ଆସୋସିଏସନର ପୂର୍ବତନ ସଭାପତି ପ୍ରାଣକୃଷ୍ଣ ଦାସ, ବାର୍ ଆସୋସିଏସନ୍‌ର ନବନିର୍ବାଚିତ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନ ବିହାରୀ ସାହୁ, କୋଷାଧ୍ୟକ୍ଷ ଶ୍ରୀନିବାସ ଦାସ, ଉପସଭାପତି ସୁବାଷ ଚନ୍ଦ୍ର ସାହୁ, ବୈଜୟନ୍ତ ଦାସ, ସୁଶାନ୍ତ କୁମାର ମିଶ୍ର, ପ୍ରସନ୍ନ ରାଉତ ଓ ଅନ୍ୟ ସମସ୍ତ ବରିଷ୍ଠ କନିଷ୍ଠ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରା ମାଟି ଚାଲାଣ, ୩ ଟ୍ରାକ୍ଟର ଜବତ

**କୋଣାର୍କ,୨୮।୪/ଏନ୍ଏନ୍ଏସ୍:** ଗତ ସୋମବାର ବିଳମ୍ବିତ ରାତିରେ ବେଆଇନ୍ ଭାବେ ମାଟି ଚୋରା ଚାଲାଣ ହେଉଥିବା ୩ଟି ଟ୍ରାକ୍ଟରକୁ ଚଢ଼ାଉ କରି କୋଣାର୍କ ପୋଲିସ ଜବତ କରିବା ସହ ଦୁଇଜଣ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ଜଣେ ଡ୍ରାଇଭର ଚମ୍ପଟ ମାରି ଫେରାର ହୋଇଯାଇଥିଲା। ସୂଚନା ମୁତାବକ କୋଣାର୍କ ଥାନା ଅଧିନ ଅନସରା ଗ୍ରାମ ରେ ବିଳମ୍ବିତ ରାତିରେ ମାଟି ଚୋରା ଚାଲାଣ ହେଉଥିବା ଖବର ପାଇ କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀଙ୍କ ନିର୍ଦ୍ଦେଶକ୍ରମେ ବିଳମ୍ବିତ ରାତ୍ରିରେ ଏସ୍ଆଇ କେଦାର ଚନ୍ଦ୍ର ଡୋରାଙ୍କ ନେତୃତ୍ୱରେ ଏକ ଟିମ୍ ଅନସରା ଗ୍ରାମରେ ଚଢ଼ଉକରି ୩ଟି ଟ୍ରାକ୍ଟର ଜବତ କରିବା ସହ ଦୁଇଜଣ ଡ୍ରାଇଭରଙ୍କୁ ଗିରଫ କରିଥିଲେ। ଏ ନେଇ ଥାନା ପକ୍ଷରୁ ମାମଲା ରୁଜୁକରି ଦୁଇ ଅଟକ ଡ୍ରାଇଭରଙ୍କୁ ଆଜି ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଶୁଭଲକ୍ଷ୍ମୀ ରାଇସ୍ ମିଲ୍‌ରେ ଅଗ୍ନିକାଣ୍ଡ

**ବୋଲଗଡ଼,୨୮।୪/ଏନ୍ଏନ୍ଏସ୍:** ରାଜସୁନାଖଳାସ୍ଥିତ ଶୁଭଲକ୍ଷ୍ମୀ ରାଇସ ମିଲ ଠାରେ ଆଜି ଅପରାହ୍ନ ସମୟରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଘଟି ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତି। ଅନୁମାନରୁ ଜଣାପଡିଛି ଯେ କୌଣସି କାରଣରୁ କିମ୍ବା କେହି ଦୁର୍ବୃତ୍ତ ଏହି ଅଗ୍ନିକାଣ୍ଡ ଘଟାଇଥିବ ବୋଲି ରାଇସ ମିଲ୍ ମାଲିକ କହୁଛନ୍ତି। ତେବେ ତଡ଼ିତ ବେଗରେ ଅଗ୍ନିକାଣ୍ଡ ଘଟି ୧୫୦ ବସ୍ତା ଚଷୁ ଓ ୧୫ ହଜାର ଜରି ବସ୍ତା ଜଳି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିସେବା ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ମୁଖ୍ୟ ଅଧିକାରୀ ବିବେକାନନ୍ଦ ଦାସ ଓ ତାଙ୍କ କର୍ମଚାରୀମାନେ ସଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ କୋଟି କୋଟି ଟଙ୍କାର ଧାନ ସୁରକ୍ଷିତ ହୋଇପାରିଛି ବୋଲି ଜଣାପଡ଼ିଛି।

## ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ନୟାଗଡ଼,୨୮।୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ମାନଙ୍କର ବିଭିନ୍ନ ବହୁ ପ୍ରତୀକ୍ଷିତ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାପାଳଙ୍କ ଜରିଆରେ ପ୍ରେରିତ ଏହି ସ୍ମାରକପତ୍ରରେ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ଓ କଲ୍ୟାଣ ନେଇ ୪ଦଫା ଦାବି ଉପସ୍ଥାପନ କରାଯାଇଛି। ସଂଘ ପକ୍ଷରୁ ଦର୍ଶାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ରହିଛି ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସମ୍ମାନଜନକ ପେନସନ ପ୍ରଦାନ କରିବା, କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ତୁରନ୍ତ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ବ୍ଲକ, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସରକାରୀ ସ୍ୱୀକୃତି ପ୍ରଦାନ ପାଇଁ ଆକ୍ରିଡ଼ିଏସନ କମିଟି ଗଠନ କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ସାମ୍ବାଦିକମାନଙ୍କୁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପରିବାରର ବାପ, ମାଆ ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ କରିବା। ଏହି ଅବସରରେ ସଂଘର ସଦସ୍ୟମାନେ ପ୍ରକାଶ କରିଛନ୍ତି ଯେ, ସାମ୍ବାଦିକମାନେ ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ବେଳେ ସେମାନଙ୍କର ନିଜସ୍ୱ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ। ଏହି ଦାବିପତ୍ର ପ୍ରଦାନ ସମୟରେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ସଦସ୍ୟ ଲୋକନାଥ ମିଶ୍ର, ପୁରୁଷୋତ୍ତମ ମହାପାତ୍ର, ଗୋକୁଳ କୁମାର ଷଡ଼ଙ୍ଗୀ, ବିଭୁତି ଭୂଷଣ ପଟ୍ଟନାୟକ, ସୁଧାକର ମିଶ୍ର, ରଞ୍ଜନ ବେହେରା, ପ୍ରମୋଦ କୁମାର ନନ୍ଦ, ଜିତୁନ କୁମାର ମହାପାତ୍ର, ସତ୍ୟନାରାୟଣ ବେହେରା, ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପ୍ରସ୍ତୁତି ବୈଠକ



**ପୁରୀ,୨୮।୪/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ ର ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡି ଠାରେ ପ୍ରତି ବର୍ଷ ମଇ ମାସ ୨୧ ତାରିଖ କୁ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଭାବେ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ୯୬ତମ ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ପରାମର୍ଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଏହାକୁ ସମସ୍ତଙ୍କ ସହଯୋଗରେ ପାଳନ କରାଯିବାର ବ୍ୟବସ୍ଥା ହେଉଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ କହିଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ନିଷ୍ପତ୍ତି ଅନୁସାରେ ମଇ ୨୧ ତାରିଖ ପୂର୍ବାହ୍ନ ୭ ଘଟିକା ସମୟରେ ବ୍ଲକ ନିକଟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି, ବ୍ଲକ ପରିସରରେ ଥିବା ସ୍ମୃତି ସ୍ତମ୍ଭଠାରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା କୁହୁଡିଠାରେ ପହଞ୍ଚିବ। ସେଠାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାତୀୟ ପତାକା ଉତ୍ତୋଳନ କରାଯିବ।

ପରେ ଲବଣ ସତ୍ୟାଗ୍ରହ ସମାରୋହ ଅନୁଷ୍ଠିତ ହେବ। ରାସ୍ତା ମରାମତି, ପରିଷ୍କାର ପରିଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଆୟୋଜନ, କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜିତ ହେବ। ଏହାର ସୁବନ୍ଦୋବସ୍ତ ସଠିକ ସମୟ ସୀମା ମଧ୍ୟରେ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନୀ ପରିଡା, ଅତିରିକ୍ତ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଓ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଉତ୍କଳ ଗୌରବ କରାଟେ ଏକାଡେମୀର ୧୧ଶ ବାର୍ଷିକ ଉତ୍ସବ



**ସାଲେପୁର,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ କରାଟେ ଏକାଡେମୀର ୧୧ଶ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁଗ୍ରାମ ପଞ୍ଚାୟତ ପାଗା ହାଟ ନିକଟରେ ଥିବା ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶ୍ରୀମନ୍ତ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ମଧୁବାବୁଙ୍କ ଦିଗଦର୍ଶନରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହିତ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ମୁଖ୍ୟ ବକ୍ତା ଭାବେ କଟକ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ ଯୋଗଦେଇ ମଧୁବାବୁ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ ପୁରୁଷ ତେଣୁ ତାଙ୍କ ପରି ସ୍ୱାଭିମାନୀ ହୋଇ କାର୍ଯ୍ୟକରି ନିଜ ଅଞ୍ଚଳର ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବହୁଗ୍ରାମର ପୂର୍ବତନ ସରପଞ୍ଚ ମିଲିରାଣୀ ବୋଷ, ପାଗା ଫାଣ୍ଡିର ଏଏସ୍ଆଇ ଦେବାଶିଷ ଶୁକ୍ଳା ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଡାକ୍ତର ସୁଶୋଭନ ଘୋଷ ସ୍ମୃତି ସମ୍ମାନ ଟ୍ରଫି ପ୍ରଦାନ କରିବା ସହିତ ବିଶିଷ୍ଟ ସମାଜସେବୀ ଅଜୟ କୁମାର ସିଙ୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୂର୍ବତନ ସରପଞ୍ଚ ଗଗନ ବିହାରୀ ମିଶ୍ର ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଡଭୋକେଟ ଅଜୟ ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ ପଢିହାରି, ଭଗବାନ ମହାନ୍ତି, ରାମକୃଷ୍ଣ ସ୍ୱାଇଁ, ଡୋଲାନ ଜଲେଇ ଜଗଦୋଲା, ଚୈତନ୍ୟ ଗିରୀ, ପ୍ରଫୁଲ୍ଲ କୁମାର ସାହୁ, ବିଜୟ କୁମାର ଘୋଷ, କୃଷ୍ଣଚନ୍ଦ୍ର ବେହେରା, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନିତିଦିନ NITIDIN



ବିକାଶ ନାଁରେ ବିପଦରେ ପଡ଼ିବନି ଜନଜୀବନ

# ବିସ୍ଥାପିତଙ୍କ ଥଇଥାନ ଓ ପ୍ରଦୂଷଣ ରୋକିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ




**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଇଲା ଖଣି ଥିବା ଜିଲ୍ଲାମାନଙ୍କର ତାପଜ ଶକ୍ତି ତଥା ଅନ୍ୟାନ୍ୟ ପ୍ରକଳ୍ପରେ ଜମି ଅଧିଗ୍ରହଣ, ସାଧାରଣ ଲୋକଙ୍କ ପୁନର୍ବାସ ଓ ଥଇଥାନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଗୁଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଜିଲ୍ଲାର ଖଣି ଖନନ ଏବଂ ତାପଜ ଶକ୍ତି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଜମି ଅଧିଗ୍ରହଣ ଯୋଗୁଁ ବିସ୍ଥାପିତ ଜନସାଧାରଣଙ୍କ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ପୂଜାରୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି।

ଖଣି ଏବଂ ଶିଳ୍ପାଞ୍ଚଳମାନଙ୍କରେ ବିଭିନ୍ନ ଖଣି କମ୍ପାନୀମାନଙ୍କ ପକ୍ଷରୁ ଟ୍ରକମାନଙ୍କ ଦ୍ୱାରା ଫ୍ଲାଏ ଆଶ୍ ପରିବହନ ହେବା ଦ୍ୱାରା ପ୍ରଦୂଷଣ ସମସ୍ୟା ଉପୁଜୁଥିବାରୁ ମାନ୍ୟବର ମନ୍ତ୍ରୀ ଏ ସମ୍ପର୍କରେ ତାଗିଦ୍ କରିବା ସହ କେବଳ ନିର୍ଦ୍ଦିଷ୍ଟ ସୀମିତ ସମୟ ମଧ୍ୟରେ ହିଁ ଟ୍ରକ୍ ମାନଙ୍କର ପରିବହନ ନିମନ୍ତେ ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ରାଧିକାରୀମାନେ ଏ ସମ୍ପର୍କରେ ନିୟମିତ ପର୍ଯ୍ୟବେକ୍ଷଣ କରି ପ୍ରଦୂଷଣ ସମସ୍ୟାର ସମାଧାନ ସୁନିଶ୍ଚିତ କରିବା ଦିଗରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ ଜିଲ୍ଲାମାନଙ୍କରେ ରାସ୍ତାରେ ପରିବହନକୁ ହ୍ରାସ କରି ଭୂତଳ ମାଧ୍ୟମରେ ଫ୍ଲାଏ ଆଶ୍ ନିଷ୍କାସନ ତଥା ଅନ୍ୟାନ୍ୟ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଟ୍ରାଫିକ୍ ସମସ୍ୟା ତଥା ପର୍ଯ୍ୟାବରଣ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ରାତି ସମୟରେ ଏବଂ ଟ୍ରକରେ ଘୋଡ଼ାଇ ଫ୍ଲାଏ ଆଶ୍ ପରିବହନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଉଁଶ ପରିବହନ କାର୍ଯ୍ୟରେ ପର୍ଯ୍ୟାୟକ୍ରମେ ଖୋଲା ଟ୍ରକ୍ ପରିବର୍ତ୍ତ କଭର୍ ଟ୍ରକ ବା କଣ୍ଟେନର୍ ବ୍ୟବହାର କରିବାପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମସିଏଲ)କୁ ସେମାନଙ୍କର ଅଧିଗୃହିତ ଜମି ଉପରେ ଜମିପଟ୍ଟା ପ୍ରଦାନ କରିବା ସହ ସ୍ଥାନୀୟ ଅଞ୍ଚଳରେ ବିସ୍ଥାପିତ ଜନସାଧାରଣଙ୍କ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କମ୍ପାନୀମାନଙ୍କୁ ପ୍ରଥମେ ସରକାରୀ ଜମି ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବା ସହ ଆବଶ୍ୟକସ୍ଥଳେ ଶେଷ ବିକଳ୍ପ ଭାବେ ବ୍ୟକ୍ତିଗତ ଜମି ଅଧିଗ୍ରହଣ ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କମ୍ପାନୀମାନେ ସାଧାରଣଲୋକଙ୍କୁ ଜମିର ସଠିକ୍ ମୂଲ୍ୟ ପ୍ରଦାନ ସହ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଏବଂ ସେମାନଙ୍କ ନିମନ୍ତେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ କହିଛନ୍ତି ଯେ ବିକାଶ ନିମନ୍ତେ ଆମେ ଖଣି ଚାହୁଁ, ଆମେ ଶିଳ୍ପ ମଧ୍ୟ ଚାହୁଁ। ମାତ୍ର ସର୍ବପ୍ରଥମେ ଆମେ ସାଧାରଣ ଲୋକଙ୍କ ପକ୍ଷଧାରୀ। ତେଣୁ ସେମାନଙ୍କ ଜୀବନକୁ ଆମେ ବିପଦରେ ପକାଇପାରିବା ନାହିଁ। ଗରିବ ଶ୍ରେଣୀର ଲୋକଙ୍କୁ ବିସ୍ଥାପିତ କରି ଅନ୍ୟ ଉଚ୍ଚପଦସ୍ଥ ଲୋକଙ୍କ ପାଇଁ ଗୃହ ନିର୍ମାଣ କରିବା କଦାପି ସମୀଚୀନ ନୁହେଁ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ପ୍ରାଥମିକତା ଦେଇ ଶିଳ୍ପ ବିକାଶକୁ ଆଗକୁ ନେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଜମି ଅଧିଗ୍ରହଣ ସମ୍ବନ୍ଧୀୟ ସମସ୍ୟାଗୁଡିକୁ ପୁନର୍ବିଚାର କରାଯାଇ, ଭୂମି ହରାଇଥିବା ତଥା ବିସ୍ଥାପିତ ବ୍ୟକ୍ତିମାନଙ୍କ ପାଇଁ ବ୍ୟବହାର କରିବା ଉଦ୍ଦେଶ୍ୟରେ ପୁନର୍ବାସ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ସମିତି (ଆରପିଡିଏସି) ମାଧ୍ୟମରେ ସିବି କ୍ଲଜ୍‌ରୁ କୋଇଲା ଖଣି ନଥିବା ଅଞ୍ଚଳକୁ ବାଦ୍ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଜମି ଅଧିଗ୍ରହଣ ସମୟରେ ଖଣି ଖନନ ଏବଂ ପାଉଁଶ ନିଷ୍କାସନ କରୁଥିବା ଶିଳ୍ପ ନିମନ୍ତେ ବାସ-ଅନୁପଯୋଗୀ ହୋଇପଡ଼ିଥିବା ନିକଟସ୍ଥ ଜମି ଗୁଡ଼ିକୁ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ-ସଚିବ ମନୋଜ ଭି ନାୟାର, ବିଭାଗୀୟ ଅତିରିକ୍ତ ସଚିବ, ଏନଟିପିସି, ଦରଲିପାଲିର ସାଧାରଣ ପରିଚାଳକ, ଓପିଜିସି, ବନହରପାଲିର ପରିଚାଳନା ନିର୍ଦ୍ଦେଶକ, ବିଭିନ୍ନ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଉତ୍ତରାଞ୍ଚଳ ରାଜସ୍ୱ କମିସନର, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୋଳ ଏବଂ ସୁନ୍ଦରଗଡ଼ର ଜିଲ୍ଲାପାଳ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ, ଏମ୍‌ସିଏଲ୍‌ର ଏମଡି ଉଦୟ ଏ କାଓଲେ ଏବଂ ଏନଏଲସି ତଲବୀରାର ସାଧାରଣ ପରିଚାଳକ ତଥା ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀଗଣ ଉପସ୍ଥିତ ଥିଲେ।

ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ପିଏମ୍‌ଶ୍ରୀ ମାନ୍ୟତା, ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା



**ଭୁବନେଶ୍ୱର,କେନ୍ଦୁଝର,୨୮।୪/ଏନ୍ଏନ୍ଏସ୍:** ବିଏନ୍‌କେ ଉଚ୍ଚ ବିଦ୍ୟାଳୟକୁ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନତିକରଣ ପାଇଁ ୭ କୋଟି ଟଙ୍କାର ସହାୟତା ରାଶି ମିଳିବ। ଏଥିସହ କୁଟାରୀପଶି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ କରାଯିବ। ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିବା ସହ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା।ସଫଳତାର କୌଣସି ସର୍ଟକଟ୍ ନାହିଁ। କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ତୁମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ। ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ। ଆମ ସରକାରଙ୍କ ପାଇଁ ଶିକ୍ଷା କେବଳ ଭିତ୍ତିଭୂମି ନୁହେଁ, ବରଂ ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ହେଉଛି ପ୍ରାଥମିକତା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ୧୩ ହଜାର ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି। ୫-ଟି ମଡେଲ ସ୍କୁଲରେ କେବଳ 'ରଙ୍ଗ ମରା' କାମକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ପ୍ରକୃତ ଭିତ୍ତିଭୂମି ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବେ, ଯାହା ପାଇଁ ବଜେଟରେ ୫୦ କୋଟିର ବ୍ୟବସ୍ଥା ହୋଇଛି। ରାଜ୍ୟର ୮୦୦ ସ୍କୁଲକୁ 'ପିଏମ୍ ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀ ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ତେଲକୋଇ ବିଧାୟକ ଡଃ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ଜିଲ୍ଲାପାଳବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲବାହୀ ଯାନରେ ଯାତ୍ରୀ ପରିବହନ କଲେ କଠୋର କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୮।୪ /ଏନ୍ଏନ୍ଏସ୍:** ଟିଟିଲାଗଡ଼ରେ ମର୍ମନ୍ତୁଦ ଦୁର୍ଘଟଣାରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଏହି ଘଟଣାରେ ଦୁର୍ଘଟଣା ଘଟାଇଥିବା ପିକ୍-ଅପ୍ ଭ୍ୟାନ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଆଗାମୀ ଦିନରେ ମଧ୍ୟ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସମୟରେ ଜଣାପଡ଼ିଛି, ଟିଟିଲାଗଡ଼ରେ ଦୁର୍ଘଟଣା ଘଟାଇଥିବା ପିକ୍-ଅପ୍ ଭ୍ୟାନ୍‌ର ଫିଟ୍‌ନେସ୍ ନାହିଁ। ବୀମାର ବୈଧତା ବି ନାହିଁ। ନିୟମ ଉଲ୍ଲଙ୍ଘନ ପାଇଁ ବାରମ୍ବାର ଚାଲାଣ ବି କଟିଛି। ପୁଣି ମାଲଗାଡ଼ିରେ ଯାତ୍ରୀ ପରିବହନ କରି ଦୁର୍ଘଟଣା ଘଟାଇବା ଭଳି ଘଟଣାରେ ମୋଟରଯାନ ଆଇନ ଅନୁଯାୟୀ ଉକ୍ତ ଗାଡ଼ିର ପଞ୍ଜିକରଣ ପ୍ରମାଣପତ୍ର ରଦ୍ଦ କରାଯିବା ସହ ଗାଡ଼ିକୁ ସ୍କ୍ରାପ୍ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିଭଳି ଆଗାମୀ ଦିନରେ ମାଲ୍ ଗାଡ଼ିରେ ଯାତ୍ରୀ ପରିବହନ କରି ସାଧାରଣ ଲୋକଙ୍କ ଜୀବନକୁ ବିପଦ ମୁହଁକୁ ଠେଲି ଦେଉଥିବା ଏଭଳି ଗାଡ଼ି ଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜ୍ୟବ୍ୟାପୀ ସମସ୍ତ ଆରଟିଓ ସ୍ତରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଭିଯାନ ଗ୍ରହଣ କରାଯିବ। ମେ ୮ ଯାଏଁ ଏହି ବିଶେଷ ଅଭିଯାନ ଜାରି ରହିବ। ଏ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ପରିବହନ ଆୟୁକ୍ତ(ସଡ଼କ ସୁରକ୍ଷା) ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି ଯେ ସଡ଼କକୁ ଗାଡ଼ି ଆସିଲେ ମୋଟର ଯାନ ନିୟମ ପାଳନ କରିବା ବାଧ୍ୟତାମୂଳକ। ମାଲବାହୀ ଗାଡ଼ି ଯାତ୍ରୀ ପରିବହନ କରିବା ବେଆଇନ। ତେଣୁ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବାକୁ ଏଭଳି ନିୟମ ଉଲ୍ଲଙ୍ଘନରୁ ବିରତ ରହିବାକୁ ସେ ଅନୁରୋଧ କରିଛନ୍ତି।

# ଚୁକ୍ତିଭିତ୍ତିକ ଅଧ୍ୟାପକ, ରିଡର୍ ଓ ପ୍ରଫେସର୍‌ଙ୍କ ଦରମା ବୃଦ୍ଧି

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟର ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଲେକ୍‌ଚରର୍, ରିଡର୍ ଏବଂ ପ୍ରଫେସରମାନଙ୍କ ଦରମା ପୁନଃନିର୍ଦ୍ଧାରଣ ଓ ବୃଦ୍ଧି କରାଯାଇଛି। ସରକାରଙ୍କ ନିଷ୍ପତ୍ତି ଅନୁସାରେ, ଚୁକ୍ତିଭିତ୍ତିକ ଅଧ୍ୟାପକଙ୍କ ଦରମା ପ୍ରତିମାସ ୭୦,୦୦୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି। ସେହିପରି ରିଡର ଓ ପ୍ରଫେସର୍‌ମାନଙ୍କ ଦରମାରେ ମଧ୍ୟ ବୃଦ୍ଧି କରାଯାଇଛି। ରିଡର୍‌ମାନଙ୍କ ଦରମା ୪୦,୦୦୦ ଟଙ୍କାରୁ ବୃଦ୍ଧି ହୋଇ ୮୦,୦୦୦ ଟଙ୍କା କରାଯାଇଥିବାବେଳେ ପ୍ରଫେସର୍‌ମାନଙ୍କ ଦରମା ୫୦,୦୦୦ ଟଙ୍କାରୁ ବୃଦ୍ଧି କରାଯାଇ ୧ ଲକ୍ଷ ଟଙ୍କା କରାଯାଇଛି। ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ସମ୍ମତି ମଧ୍ୟ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇବା ସହ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ଆୟୁଷ ଶିକ୍ଷା ଆହୁରି ସୁଦୃଢ଼ ହେବ ଏବଂ ଅଧ୍ୟାପକମାନଙ୍କୁ ଉତ୍ସାହିତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

ଉତ୍କଳ ଗୌରବଙ୍କ ଜୟନ୍ତୀ

# ମଧୁବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ: ମନମୋହନ



**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଆଜିର ଦିନ ଏକ ସ୍ମରଣୀୟ ଦିନ। ମଧୁବାବୁ ଓଡ଼ିଆ ଜାତୀୟତାର ମନ୍ତ୍ରଦାତା କେବଳ ନଥିଲେ, ସେ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। କେବଳ ରାଜନୈତିକ ସ୍ୱତନ୍ତ୍ରତା ନୁହେଁ ସାମାଜିକ ଆର୍ଥିକ ସାଂସ୍କୃତିକ, ଶୈକ୍ଷିକ ଓ ସାଭ୍ୟତିକ ଦୃଷ୍ଟିରୁ ସେ ଏକ ଉନ୍ନତ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ। ଓଡ଼ିଶାର ଉପକୂଳ, ମାଳାଞ୍ଚଳ ଓ ଗଡ଼ଜାତ ସବୁ ଭାଗର ଆତ୍ମିକ ଏକୀକରଣ ପାଇଁ ସେ ଉଦ୍ୟମ କରିଥିଲେ। ସେ ନିଜ ତ୍ୟାଗ, ତପସ୍ୟା, ସାଧନା ଓ ନିଷ୍ଠାପର ଉଦ୍ୟମ ବଳରେ ଓଡ଼ିଶାକୁ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ କରିବାରେ ସଫଳ ହୋଇଥିଲେ। ସେ ସମସ୍ତଙ୍କୁ ସାଙ୍ଗରେ ନେଇ ଏକ ବିରାଟ ଆନ୍ଦୋଳନ ଗଢି ତୋଳିଥିଲେ। ୧୯୮୦ ଦଶକରୁ ମୃତ୍ୟୁ ପର୍ଯ୍ୟନ୍ତ ମଧୁବାବୁ ତାଙ୍କର ସମଗ୍ର ଜୀବନକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କର ବିଚାରଧାରା ଲୋକଙ୍କୁ ପ୍ରଭାବିତ କରିଛି। ମଧୁବାବୁ ନଥିଲେ ଓଡ଼ିଶାର ଇତିହାସ ଆଜି ଭିନ୍ନ ହୋଇଥାନ୍ତା ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଓଡ଼ିଆ ଜାତିର ମହାନ ସନ୍ତାନ, ଆଧୁନିକ ଓଡିଶାର ରୂପକାର ତଥା ଓଡ଼ିଆ ଜାତିର କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ଲୋକଭବନ ସମ୍ମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ସଭାପତି ମନମୋହନ ସାମଲ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଜୟନ୍ତୀ ଅବସରରେ ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତା ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଓ ପାର୍ଟିର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ କାର୍ଯ୍ୟାଳୟରେ ମଧୁବାବୁଙ୍କ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସାଂସଦ ବଳଭଦ୍ର ମାଝୀ, ପୂର୍ବ ଭାରତ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ରାଜ୍ୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




# କୃଷି ସଚିବଙ୍କ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ସଚିନ ରାମଚନ୍ଦ୍ର ଯାଦବ, କମିଶନର ତଥା ଶାସନ ସଚିବ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାରାଣାସୀ ସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ଦକ୍ଷିଣ ଏସୀୟ ଆଞ୍ଚଳିକ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏକ ସ୍ଥାୟୀ କୃଷି ପ୍ରଣାଳୀ, ଡିଜିଟାଲ୍ କୃଷି ଓ ଧାନ ମୂଲ୍ୟ ଶୃଙ୍ଖଳର ବିକାଶ ଦିଗରେ ସହଯୋଗକୁ ସୁଦୃଢ଼ କରିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରତିଷ୍ଠାନ ଅନ୍ତରୀଣ ନିର୍ଦ୍ଦେଶକ ଡ଼. ବିକାଶ କୁମାର ସିଂହ ବରିଷ୍ଠ ବୈଜ୍ଞାନିକ ଏବଂ ଏହାର ସଦସ୍ୟମାନେ ପ୍ରତିନିଧିମଣ୍ଡଳଙ୍କୁ ସ୍ୱାଗତ କରିବା ସହିତ ଓଡ଼ିଶାରେ ଓଝଇଜଉ ର ଜାରି ରହିଥିବା କାର୍ଯ୍ୟ ଏବଂ ଜଳବାୟୁ-ସହନଶୀଳ ଓ ପ୍ରଯୁକ୍ତି-ଚାଳିତ କୃଷିରେ ଏହାର ଭୂମିକାକୁ ଉଲ୍ଲେଖ କରିଥିଲେ। ଏହି ଗସ୍ତ ସମୟରେ ସଚିବ ଶ୍ରୀ ଜାଧବ ଏକ ଦୁଇ-ଦିନିଆ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ୨୮ ଏବଂ ୨୯ ଦୁଇ ଦିନ ଧରି ଆୟୋଜିତ ହେଉଥିବା ଏହି କର୍ମଶାଳାରେ ରାଜ୍ୟରୁ ପ୍ରାୟ ୨୩ ଅଧିକାରୀ ସାମିଲ ହୋଇଛନ୍ତି। ପ୍ରତିନିଧିମଣ୍ଡଳଙ୍କୁ ଓଜଜଓ ର ଭାରତରେ କାର୍ଯ୍ୟପ୍ରଣାଳୀ ଓ ଓଡିଶାରେ ପ୍ରମୁଖ ଗବେଷଣା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଯାଇଥିଲା। ଏହା ସହିତ ରିମୋଟ୍ ସେନ୍ସିଂ-ଆଧାରିତ ନିଷ୍ପତ୍ତି ସହାୟତା ପ୍ରଣାଳୀ, ସ୍ପିଡ୍ ବ୍ରିଡିଂ, ମେକାନାଇଜେସନ୍ ହବ୍ ପରି ଅତ୍ୟାଧୁନିକ ସୁବିଧାଗୁଡ଼ିକୁ ବିଷୟରେ ମଧ୍ୟ ଆଲୋକପାତ କରାଯାଇଥିଲା। ପ୍ରତିନିଧିମଣ୍ଡଳ ପରୀକ୍ଷାଗାରକୁ ମଧ୍ୟ ଗସ୍ତ କରିଥିଲେ, ଯେଉଁଠାରେ ଓଡ଼ିଶାର ଧାନ ଓ ମାଣ୍ଡିଆ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ ନବୀନତମ ଉତ୍ପାଦ ବିକାଶ, ପ୍ରସ୍ତୁତିକରଣ ଓ ମୂଲ୍ୟ ବୃଦ୍ଧି ବିଷୟରେ ଆଲୋଚନା ହୋଇଥିଲା। ପରେ 'ସ୍ୱୟଂ ସହାୟକ ଗୋଷ୍ଠୀ-ନେତୃତ୍ୱାଧୀନ ଉଦ୍ୟମିତାକୁ ଧାନ ମୂଲ୍ୟ ସମ୍ବର୍ଦ୍ଧନ ମାଧ୍ୟମରେ ପ୍ରୋତ୍ସାହନ' ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଭୁବନେଶ୍ୱରରେ ଏକ ବିଶେଷ ଧାନ ଓ ମାଣ୍ଡିଆ କାରଖାନା-ସହ-ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା, ଯେଉଁଥିରେ ଅତ୍ୟାଧୁନିକ ଖାଦ୍ୟ ପ୍ରସ୍ତୁତିକରଣ ପାଇଁ ପ୍ରଣାଳୀ ରହିବ। ଉଚ୍ଚ ପ୍ରୋଟିନ୍ ଧାନ ପ୍ରଜାତି ସହିତ ଧାନ-ମାଣ୍ଡିଆ ଆଧାରିତ ଖାଦ୍ୟ ପ୍ରସ୍ତୁତିକୁ ପ୍ରୋତ୍ସାହନ ଦେବା ନେଇ ଗୁରୁତ୍ୱ ଦିଆଯାଇଥିଲା।

## ୮୦ ଜଳହସ୍ତୀଙ୍କ ଜୀବନ ରକ୍ଷା ପାଇଁ କଲମ୍ବିଆକୁ ଅନନ୍ତ ଅମ୍ବାନୀଙ୍କ ଅପିଲ୍

# 'ବନତାରା'ରେ ଆଜୀବନ ବାସସ୍ଥାନ ଯୋଗାଇବାକୁ ଦେଇଛନ୍ତି ପ୍ରସ୍ତାବ






**ଭୁବନେଶ୍ୱର,ଜାମନଗର,୨୮।୪/ଏନ୍ଏନ୍ଏସ୍ :** ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆର ମେଗଡାଲିୟାନା ନଦୀ ଉପତ୍ୟକାରେ ବାସ କରୁଥିବା ୮୦ ଜଳହସ୍ତୀଙ୍କୁ ହତ୍ୟା କରିବା ପାଇଁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିଶ୍ୱର ସର୍ବବୃହତ ବନ୍ୟପ୍ରାଣୀ ଉଦ୍ଧାର ଏବଂ ସଂରକ୍ଷଣ କେନ୍ଦ୍ର ମଧ୍ୟରୁ ଅନ୍ୟତମ 'ବନତାରା' ର ପ୍ରତିଷ୍ଠାତା ଅନନ୍ତ ମୁକେଶ ଅମ୍ବାନୀ କଲମ୍ବିଆ ସରକାରଙ୍କୁ ଏହି ଜଳହସ୍ତୀଙ୍କ ଜୀବନ ରକ୍ଷା କରିବାକୁ ଆନୁଷ୍ଠାନିକ ଭାବେ ଅନୁରୋଧ କରିଛନ୍ତି। ସେ ଏକ ମାନବୀୟ ବିକଳ୍ପ ପ୍ରସ୍ତାବ ଦେଇଛନ୍ତି ଯେ ଏହି ପ୍ରାଣୀମାନଙ୍କୁ ସୁରକ୍ଷିତ ଏବଂ ବୈଜ୍ଞାନିକ ଉପାୟରେ ଗୁଜୁରାଟର ଜାମନଗରସ୍ଥିତ 'ବନତାରା'କୁ ପଠାଯାଉ, ଯେଉଁଠାରେ ସେମାନଙ୍କୁ ଏକ ସ୍ଥାୟୀ ବାସସ୍ଥାନ ମିଳିପାରିବ।

କଲମ୍ବିଆର ପରିବେଶ ମନ୍ତ୍ରୀ ଇରେନ୍ ଭେଲେଜ୍ ଟୋରେସଙ୍କୁ ଲିଖିତ ଏକ ଚିଠିରେ ଏହି ଅନନ୍ତ ଅମ୍ବାନୀ ଏହି ଅପିଲ କରିଛନ୍ତି। ଚିଠିରେ କଲମ୍ବିଆ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନ ଏବଂ ଅନୁମୋଦନ ସହିତ ପୂର୍ଣ୍ଣ ସହାୟତା ପ୍ରଦାନ କରାଯିବା ନେଇ ଉଲ୍ଲେଖ କରାଯାଇଛି। ଏହି ପ୍ରସ୍ତାବ ପ୍ରାଣୀ କଲ୍ୟାଣ ପ୍ରତି ଅନନ୍ତ ଅମ୍ବାନୀଙ୍କ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯେଉଁ ପ୍ରତିବଦ୍ଧତା ଯାହା ପାଇଁ ତାଙ୍କୁ ନିକଟରେ 'ଗ୍ଲୋବାଲ୍ ହ୍ୟୁମେନ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା। ସେ ଏହି ସମ୍ମାନଜନକ ପୁରସ୍କାର ପାଇବାରେ ସବୁଠାରୁ କମ୍ ବୟସ୍କ ବ୍ୟକ୍ତି ଏବଂ ଏସିଆର ପ୍ରଥମ। ଅନନ୍ତ ଅମ୍ବାନୀ କହିଛନ୍ତି ଯେ ଏହି ୮୦ ଜଳହସ୍ତୀ ହେଉଛନ୍ତି ସମ୍ବେଦନଶୀଳ ପ୍ରାଣୀ ଯେଉଁମାନେ ବଦଳୁଥିବା ପରିସ୍ଥିତିର ଶିକାର ହୋଇଛନ୍ତି। ଯଦି ଆମେ ସେମାନଙ୍କୁ ସୁରକ୍ଷିତ ଏବଂ ମାନବୀୟ ଉପାୟରେ ଉଦ୍ଧାର କରିବାର କ୍ଷମତା ରଖୁ, ତେବେ ଏହା କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରିବା ଆମର ଦାୟିତ୍ୱ। 'ବନତାରା' କଲମ୍ବିଆ କର୍ତ୍ତୃପକ୍ଷଙ୍କୁ ଏକ ବିସ୍ତୃତ ଯୋଜନା ଦାଖଲ କରିଛି, ଯେଉଁଥିରେ ପଶୁଚିକିତ୍ସା ବିଶେଷଜ୍ଞଙ୍କ ଏକ ଦଳ ନିୟୋଜନ, ସୁରକ୍ଷିତ ପରିବହନ ବ୍ୟବସ୍ଥା କରିବା, ଜୈବ ସୁରକ୍ଷା ପ୍ରୋଟୋକଲ ଏବଂ ସେମାନଙ୍କ ପ୍ରାକୃତିକ ପରିବେଶ ଅନୁରୂପ ଏକ ବାସସ୍ଥାନ ପ୍ରଦାନ କରିବା ଅନ୍ତର୍ଭୁକ୍ତ ରହିଛି। ଅନନ୍ତ ଅମ୍ବାନୀ ଆହୁରି କହିଛନ୍ତି, 'କରୁଣା ଏବଂ ପ୍ରାଣୀ ଜୀବନର ସଂରକ୍ଷଣ ପରସ୍ପର ବିରୋଧୀ ନୁହେଁ। ସଠିକ୍ ବୈଜ୍ଞାନିକ ଚିନ୍ତାଧାରା ଏବଂ ଏକ ଯୋଜନାବଦ୍ଧ ପଦ୍ଧତି ସହିତ କାର୍ଯ୍ୟ କରି ସ୍ଥାନୀୟ ସମୁଦାୟ ଏବଂ ପ୍ରକୃତିକୁ ସୁରକ୍ଷା ଦେବା ସହିତ ପ୍ରାଣୀମାନଙ୍କୁ ମଧ୍ୟ ରକ୍ଷା କରିବା ସମ୍ଭବ ଅଟେ। ବନତାରା ନିକଟରେ ଏହି କାର୍ଯ୍ୟକୁ ସଫଳତାର ସହିତ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ବିଶେଷଜ୍ଞତା ଏବଂ ଭିତ୍ତିଭୂମି ଉପଲବ୍ଧ ରହିଛି।' ବନତାରା ଆନୁଷ୍ଠାନିକ ଭାବରେ ଅନୁରୋଧ କରିଛି ଯେ ଏହି ବିକଳ୍ପ ଉପରେ ପୂର୍ଣ୍ଣଭାବରେ ବିଚାର ହେବା ପର୍ଯ୍ୟନ୍ତ ପ୍ରାଣୀମାନଙ୍କୁ ହତ୍ୟା କରିବାର ନିଷ୍ପତ୍ତିକୁ ସ୍ଥଗିତ ରଖାଯାଉ। ଏହା ବ୍ୟତୀତ ବନତାରା କଲମ୍ବିଆ କର୍ତ୍ତୃପକ୍ଷଙ୍କ ସହିତ ସିଧାସଳଖ ଯୋଡି ହୋଇ ଏକ ବ୍ୟାପକ ବୈଜ୍ଞାନିକ, କାର୍ଯ୍ୟକ୍ଷମ ଏବଂ କଲ୍ୟାଣକାରୀ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହି ପ୍ରସ୍ତାବ ବନତାରାର ମୂଳ ଦର୍ଶନ 'ପ୍ରତ୍ୟେକ ଜୀବ ଅମୂଲ୍ୟ'କୁ ପ୍ରତିଫଳିତ କରୁଛି। ଏହା ବନ୍ୟପ୍ରାଣୀ ସମ୍ବନ୍ଧୀୟ ଜଟିଳ ବିଶ୍ୱ ଚ୍ୟାଲେଞ୍ଜର ବ୍ୟାପକ ଭାବରେ ବିଜ୍ଞାନ-ଆଧାରିତ ସମାଧାନ ପ୍ରଦାନ କରିବାରେ ଭାରତର ଉଦୀୟମାନ ଭୂମିକାକୁ ମଧ୍ୟ ରେଖାଙ୍କିତ କରୁଛି। ଏହି ଯୋଜନାର ଯେକୌଣସି କାର୍ଯ୍ୟାନ୍ୱୟନ କଲମ୍ବିଆ ଏବଂ ଭାରତ ସରକାରଙ୍କ ଆବଶ୍ୟକୀୟ ଅନୁମୋଦନ ଏବଂ ସମ୍ବନ୍ଧିତ ଅନ୍ତର୍ଜାତୀୟ କର୍ତ୍ତୃପକ୍ଷଙ୍କ ଅନୁମତି ମିଳିବା ପରେ ହିଁ କରାଯିବ।

## କିମ୍ସରେ ବିରଳ ଅସ୍ତ୍ରୋପଚାର

# ୧୦ବର୍ଷ ଧରି ଶଯ୍ୟାଶାୟୀ ଥିଲେ: ଏବେ ଚଲାବୁଲା କରୁଛନ୍ତି



**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଗୋଡ଼ ପାଇଁ ବିଛଣାରେ ପଡ଼ି ରହୁଥିଲେ। ନା ଚାଲିପାରୁଥିଲେ, ନା ଶୌଚାଳୟକୁ ଯାଇପାରୁଥିଲେ। ପରିବାର ଲୋକେ ଅନେକ ଡାକ୍ତରଖାନା ବୁଲିସାରିଥିଲେ, ହେଲେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିପାରିଲାନାହିଁ। ସମସ୍ତ ଆଶା ହରାଇ ଶେଷରେ କିମ୍ସରେ ପହଞ୍ଚିଥିଲେ ଯାଜପୁର ଜିଲ୍ଲାର ୬୨ ବର୍ଷୀୟ ପ୍ରଶାନ୍ତ କୁମାର ମହାନ୍ତି। ସୁସ୍ଥ ଜୀବନଯାପନ କରୁଥିବା ପ୍ରଶାନ୍ତଙ୍କ ଗୋଡ଼ରେ ପ୍ରାୟ ଏକ ଦଶନ୍ଧି ଧରି ଗମ୍ଭୀର ଲିମ୍ଫେଡେମା ଯୋଗୁଁ ସେ ପ୍ରାୟ ଶଯ୍ୟାଶାୟୀ ହୋଇପଡ଼ିଲେ।

ପ୍ରାୟ ୧୫ ବର୍ଷ ପୂର୍ବେ ନନ୍-ହଜକିନ୍ ଲିମ୍ଫୋମାର ଚିକିତ୍ସା ତାଙ୍କ ବାମ ଗୋଡ଼ରେ ଗମ୍ଭୀର ଲିମ୍ଫେଡେମା ସୃଷ୍ଟି କରିଥିଲା। ଫଳରେ ତାଙ୍କ ଗୋଡ଼ ଫୁଲି ହାତୀ ଗୋଡ଼ ପରି ବଡ଼ ହୋଇଯାଇଥିଲା। ତାଙ୍କ ଗୋଡ଼ର ଫୁଲା ଏତେ ତୀବ୍ର ହୋଇଗଲା ଯେ ତାଙ୍କୁ ବର୍ଷ ବର୍ଷ ଧରି ବିଛଣାରେ ରହିବାକୁ ପଡ଼ିଲା। ଶେଷରେ କିମ୍ସରେ ସେ ବିଶିଷ୍ଟ ପ୍ଲାଷ୍ଟିକ୍ ସର୍ଜନ ଡା ସୁନୀଲ ରାଉତଙ୍କ ସହିତ ପରାମର୍ଶ କଲେ। ଡା. ରାଉତଙ୍କ ସହ କିମ୍ସ ଶଲ୍ୟଚିକିତ୍ସା ଦଳ ତିନୋଟି ଜଟିଳ ଅସ୍ତ୍ରୋପଚାର ସଫଳତାର ସହ କରିଥିଲେ। ଦୀର୍ଘ ଚାରିମାସର ଚିକିତ୍ସା ପରେ ଏବେ ପ୍ରଶାନ୍ତ ସୁସ୍ଥ ଅନୁଭବ କରୁଛନ୍ତି। କିମ୍ସ ଡାକ୍ତରୀ ଦଳ ପ୍ରଥମେ ପ୍ରଶାନ୍ତଙ୍କ ଶରୀରରୁ ୪୦ କିଲୋଗ୍ରାମରୁ ଅଧିକ ଅତିରିକ୍ତ ଟିସ୍ୟୁ ବାହାର କରିଥିଲେ। ଏତେ ପରିମାଣର ଟିସ୍ୟୁ ଓ ତରଳ ପଦାର୍ଥ ବାହାର କରିବା ଶଲ୍ୟଚିକିତ୍ସା ଏବଂ ଆନାସ୍ଥେସିଆ ଦଳ ପାଇଁ ଏକ ଭୟଙ୍କର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କାରଣ ଅସ୍ତ୍ରୋପଚାର ସମୟରେ ଓ ପରେ ରୋଗୀଙ୍କ ରକ୍ତ ସଂଚାଳନ ଏବଂ ହେମୋଡାଇନାମିକ୍ ସ୍ଥିରତା ବଜାୟ ରଖିବା ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଥିଲା। କିମ୍ସ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ସହକାରୀ ପ୍ରଫେସର ଡା. ଜୟନ୍ତ ଲେଙ୍କା ସମଗ୍ର ଶଲ୍ୟଚିକିତ୍ସା ପ୍ରକ୍ରିୟାରେ ଡା ରାଉତଙ୍କୁ ସହାୟତା କରିଥିଲେ। ଡା. ଲିଙ୍ଗରାଜ ସାହୁ ଆନାସ୍ଥେସିଆ ଦଳର ନେତୃତ୍ୱ ନେଇଥିଲେ ଓ ପ୍ରତ୍ୟେକ ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଅସ୍ତ୍ରୋପଚାର ଥିଏଟର୍‌ରୁ ୱାର୍ଡକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଏହି ରୋଗ ସମ୍ପର୍କରେ ସୂଚନା ଦେଇ ଡା ରାଉତ କହିଛନ୍ତି ଯେ ଲିମ୍ଫ୍ ବାହ୍ୟ ନଳୀରେ ଅବରୋଧ କିମ୍ବା ଲସିକା ପ୍ରବାହରେ ବାଧା ଯୋଗୁଁ କେମୋଥେରାପି ପରେ ରୋଗୀଙ୍କ ସାରା ଶରୀରରେ ଗଭୀର ଫୁଲା ହୋଇଥିଲା। ଲିମ୍ଫୋମା ଚିକିତ୍ସା ସମୟରେ ଲସିକା ନୋଡ୍ କ୍ଷତିଗ୍ରସ୍ତ ହୋଇଥିଲା, ଫଳରେ ଲିମ୍ଫେଡେମା ହୋଇଥିଲା। ଫୁଲା ଏତେ ଗୁରୁତର ଥିଲା ଯେ ରୋଗୀଙ୍କ ଗୋଡ଼କୁ ସ୍ଥାନ ଦେବା ପାଇଁ ଅସ୍ତ୍ରୋପଚାର ଟେବୁଲ ମଧ୍ୟ ଛୋଟ ମନେ ହେଉଥିଲା। ତେବେ ଲିମ୍ଫେଡେମା ହେଉଛି ଏକ ଅବସ୍ଥା ଯେଉଁଥିରେ ଲିମ୍ଫ୍ ସିଷ୍ଟମର କ୍ଷତି କିମ୍ବା ଅବରୋଧ ହେତୁ ଟିସୁଗୁଡ଼ିକରେ ଲିମ୍ଫ୍ ତରଳ ପଦାର୍ଥ ଜମା ହୁଏ ଓ ଫଳରେ ବାହୁ କିମ୍ବା ଗୋଡରେ ଦୀର୍ଘକାଳୀନ ଫୁଲା ହୁଏ। ଏହା ପ୍ରାୟତଃ ସର୍ଜରୀ କିମ୍ବା କେମୋଥେରାପି ଭଳି କର୍କଟ ଚିକିତ୍ସା ପରେ ହୁଏ ଏବଂ ଏହା ଲିମ୍ଫ୍ ନୋଡକୁ ପ୍ରଭାବିତ କରେ ବୋଲି ଡା ରାଉତ ପ୍ରକାଶ କରିଛନ୍ତି। ଏହା ଏକ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଥିଲେ ମଧ୍ୟ କିମ୍ସରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଥିବାରୁ ଏହାକୁ ସଫଳତାର ସହ ଚିକିତ୍ସା କରାଯାଇପାରିଲା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏଭଳି ବିରଳ ରୋଗର ସଫଳ ଚିକିତ୍ସା କରିଥିବାରୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ପ୍ରଶାନ୍ତଙ୍କ ଆରୋଗ୍ୟ କାମନା କରିଛନ୍ତି। ସେହିପରି କିମ୍ସରୁ ସୁସ୍ଥ ହୋଇ ଯିବା ପରେ ପ୍ରଶାନ୍ତ କିମ୍ସ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ମୋ ଜୀବନରେ ବିରାଟ ପରିବର୍ତ୍ତନ ହୋଇଛି। ଦଶ ବର୍ଷ ଧରି ମୁଁ ଚାଲିପାରୁ ନଥିଲି, ଶଯ୍ୟାଶାୟୀ ଥିଲି। ଏବେ, ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ମୋର ବ୍ୟବସାୟ ପୁଣି ଆରମ୍ଭ କରିଛି।

## ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୩ତମ ବାର୍ଷିକ ଉତ୍ସବ

# ଉନ୍ମୋଚିତ ହେଲା ପତ୍ରିକା 'ପ୍ରତିବିମ୍ବ'




**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଏହାର ୬୩ତମ ବାର୍ଷିକ ଉତ୍ସବ ଆଜି ଅପରାହ୍ଣ ୩ଟାରେ ପ୍ରତିଷ୍ଠାନର ନୂତନ ଭାବେ ନିର୍ମିତ ଅଡିଟୋରିୟମରେ ହୋଇଯାଇଛି। ଏହି ସ୍ମରଣୀୟ ଉତ୍ସବରେ ପ୍ରତିଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀବୃନ୍ଦ, ଛାତ୍ରଛାତ୍ରୀ, ଗବେଷକ ବିଦ୍ୱାନ, ଆଲୁମିନି ଆସୋସିଏସନର ସଦସ୍ୟବୃନ୍ଦ, ଏମଓୟୁ ଅଂଶୀଦାର ଏବଂ ଅଭିଭାବକମାନେ ବହୁ ସଂଖ୍ୟାରେ ଯୋଗଦେଇ ଅନୁଷ୍ଠାନର ବର୍ଷବ୍ୟାପୀ ସଫଳତାକୁ ପାଳନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ମାନସୀ ଗୋସ୍ୱାମୀ ଉପସ୍ଥିତ ସମସ୍ତ ଅତିଥି ଓ ଅଭ୍ୟାଗତମାନଙ୍କୁ ଆନ୍ତରିକ ସ୍ୱାଗତ କରିବା ସହ ଗତ ଏକ ବର୍ଷ ମଧ୍ୟରେ ଅନୁଷ୍ଠାନର ଏକାଡେମିକ୍ ଉତ୍କର୍ଷତା, ଅଭିନବ ଗବେଷଣା ଅବଦାନ ଏବଂ ବିଭିନ୍ନ ସମ୍ପ୍ରଦାୟର ଯୋଗଦାନ ପଦକ୍ଷେପ ସମେତ ସମସ୍ତ ଉଲ୍ଲେଖନୀୟ ସଫଳତା ଉପରେ ସବିଶେଷ ଆଲୋକପାତ କରିଥିଲେ। ଅନୁଷ୍ଠାନର ଗୌରବମୟ ପରମ୍ପରାକୁ ବଜାୟ ରଖିବାରେ ଛାତ୍ର ଏବଂ ଅଧ୍ୟାପକମାନଙ୍କର ସାମୂହିକ ଏବଂ ନିରନ୍ତର ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିବା ସହ ଶୈକ୍ଷିକ ବାତାବରଣକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଛାତ୍ର ପରିଷଦର ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର ବେହେରା ଅନୁଷ୍ଠାନର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ଏହି ଅବସରରେ ମଞ୍ଚାସୀନ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଅନୁଷ୍ଠାନର ବାର୍ଷିକ ପତ୍ରିକା 'ପ୍ରତିବିମ୍ବ' ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ଯୋଗଦେଇ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ନବୋନ୍ମେଷ, ଆନ୍ତଃବିଷୟକ ଶିକ୍ଷା ଏବଂ ଗବେଷଣା ଆଧାରିତ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ନିଜର ମତାମତ ରଖିଥିଲେ। ରାଷ୍ଟ୍ର ନିର୍ମାଣରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା ଏବଂ ବୈଜ୍ଞାନିକ ସ୍ୱଭାବ ବିକଶିତ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଏନ୍‌ସିଇଆରଟି, ନୂଆଦିଲ୍ଲୀର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏକ ପ୍ରଗତିଶୀଳ ଏବଂ ସମାବେଶୀ ବ୍ୟବସ୍ଥା ନିର୍ମାଣରେ ଶିକ୍ଷକ ଶିକ୍ଷାର ବିକାଶଶୀଳ ଭୂମିକା ଉପରେ ଚର୍ଚ୍ଚା କରିଥିଲେ। ସେ ସାମଗ୍ରିକ ଶିକ୍ଷକ ବିକାଶର ଆବଶ୍ୟକତା ସହ ଏନସିଇଆରଟିର ଏକ ସ୍ୱତନ୍ତ୍ର ବର୍ଗ ଅଧୀନରେ ଥିବା 'ଡିମଡ୍ ମାନିତ ବିଶ୍ୱବିଦ୍ୟାଳୟ'ର ମାନ୍ୟତା ବିଷୟରେ ଉଲ୍ଲେଖ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜର ଶିକ୍ଷାଦାନ ପଦ୍ଧତିକୁ ନୂତନ ଜ୍ଞାନକୌଶଳ ମାଧ୍ୟମରେ ବିକଶିତ କରିବା ଲାଗି ପରାମର୍ଶ ଦେଇଥିଲେ। ଶିକ୍ଷା, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକଳାପ ଏବଂ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ରଙ୍ଗାରଙ୍ଗ ଉତ୍ସବରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଏବଂ ନାଟକ ମାଧ୍ୟମରେ ଭାରତର ଆଞ୍ଚଳିକ ବିବିଧତା ପ୍ରଦର୍ଶନ କରୁଥିବା ଏକ ଚିତ୍ତାକର୍ଷକ ସାଂସ୍କୃତିକ ପ୍ରଦର୍ଶନ କରାଯାଇଥିଲା। ସଭା ଶେଷରେ ଛାତ୍ର ପରିଷଦର ଯୁଗ୍ମ ଉପଦେଷ୍ଟା ପ୍ରଫେସର ରଶ୍ମିରେଖା ସେଠୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। ଶେଷରେ, ଶିକ୍ଷକ ଶିକ୍ଷା ଏବଂ ରାଷ୍ଟ୍ର ନିର୍ମାଣରେ ଉତ୍କର୍ଷତା ଜାରି ରଖିବା ପାଇଁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ଦୋହରାଇବା ସହ ଏହି କାର୍ଯ୍ୟକ୍ରମ ଏକ ଗର୍ବ ଏବଂ ଆଶାବାଦୀ ବାତାବରଣ ମଧ୍ୟରେ ସମାପ୍ତ ହୋଇଥିଲା।

# ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ମଧୁବାବୁ: ବାଚସ୍ପତି



**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସ ହେଉଛନ୍ତି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିଧାଣୀ ମଧୁବାବୁ ଜଣେ ଆଇନଜୀବୀ, ଶିଳ୍ପୋଦ୍ୟୋଗୀ, ସମାଜସେବୀ ଓ ସାହିତ୍ୟ-ସଂସ୍କୃତିପ୍ରାଣ ଭାବରେ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଚିର ଅମର ରହିବେ ବୋଲି ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ଦିନ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ ମଧୁବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଆଜି ସକାଳ ୮ଟାରେ ଭୁବନେଶ୍ୱରସ୍ଥିତ ରାଜଭବନ ଛକରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ ମିଶ୍ର, ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ସୁଜିତ ରଞ୍ଜନ ସ୍ୱାଇଁ, ପ୍ରମୋଦିନୀ ଟେଟେ ଓ ଏମ ଅଭିଷେକଙ୍କ ସହିତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଧାୟକ ବାବୁ ସିଂ କହିଥିଲେ ଯେ ମଧୁବାବୁଙ୍କ ଜୀବନାଦର୍ଶ ଆଜିର ଯୁବପିଢ଼ି ପାଇଁ ଶ୍ରେଷ୍ଠ ପ୍ରେରଣା। ଅନ୍ୟତମ ଅତିଥି ବିଧାୟକ ସାରଦା ପ୍ରସାଦ ପ୍ରଧାନ ମଧୁବାବୁଙ୍କ ଅତୁଳନୀୟ ତ୍ୟାଗ ଓ ସଫଳତା ସମ୍ପର୍କରେ କହିଥିଲେ। ଓଡ଼ିଆ ଭାଷା ସାହିତ୍ୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ସଂଗ୍ରାମ କେଶରୀ ରାଉତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମଧୁବାବୁଙ୍କ ଗୌରବମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ମଧୁବାବୁଙ୍କ ବହୁମୁଖୀ ଅବଦାନ ଏବଂ ସମାଜ ସଂସ୍କାର ପାଇଁ ତାଙ୍କର ନିଷ୍ଠା ଆଗାମୀ ଯୁବପିଢ଼ିକୁ ନିଶ୍ଚିତ ଭାବେ ଅନୁପ୍ରାଣିତ କରିବ ବୋଲି ଡଃ ରାଉତ ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅପରାହ୍ଣ ୫ଟାରେ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା ଦେଶାତ୍ମବୋଧକ କବିତା ପାଠ ଆୟୋଜନ କରାଯାଇଥିଲା। ବିଶିଷ୍ଟ କବି ରକ୍ଷକ ନାୟକଙ୍କ ପୌରୋହିତ୍ୟରେ ଏହି କବିତା ପାଠ ଆୟୋଜିତ ହୋଇଥିଲା। ବାଚସ୍ପତି କବିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସୂଚନା ଓ ଲୋକସମ୍ପର୍କ ବିଭାଗର ଏପରି ପ୍ରୟାସର ବହୁ ପ୍ରଶଂସା କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ଏବଂ ଅଂଶୁମାନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ମଧୁବାବୁ ହେଉଛନ୍ତି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅସାଧାରଣ ଅବଦାନ ରଖିଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଗଭୀର ଶ୍ରଦ୍ଧାସହ ସ୍ମରଣ କରାଯାଇଥିଲା। ତାଙ୍କ ଜୀବନଦର୍ଶନ ଓ ତ୍ୟାଗମୟ ଅବଦାନ ଆଜିବି ସମାଜ ପାଇଁ ପ୍ରେରଣାର ସ୍ରୋତ ବୋଲି ଏହି ଅବସରରେ ଉଲ୍ଲେଖ କରାଯାଇଥିଲା। ଏହି ଅବସରରେ ଆଜି ସକାଳ ୮ଟାରେ ଭୁବନେଶ୍ୱରସ୍ଥିତ ରାଜଭବନ ଛକରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ ଏହି ଅବସରରେ କହିଥିଲେ ଯେ ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତାର ଶକ୍ତିଶାଳୀ ପ୍ରତୀକ ଥିଲେ ଏବଂ ତାଙ୍କ ଆଦର୍ଶ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ୍ ମିଶ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ସୁଜିତ ରଞ୍ଜନ ସ୍ୱାଇଁ, ପ୍ରମୋଦିନୀ ଟେଟେ ଓ ଏମ୍ ଅଭିଶେକ୍ ସହିତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଏହାସହ ଏହି ଅବସରରେ ବହୁ ରାଜନେତା, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ବିଭିନ୍ନ ସାମାଜିକ ଓ ରାଜନୈତିକ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭୁବନେଶ୍ୱର-ଧାନବାଦ୍ ଏକ୍ସପ୍ରେସ୍ ସମ୍ପୂର୍ଣ୍ଣ ରୂପେ ଏଲ୍ଏଚ୍‌ବି କୋଚ୍‌ରେ ସଜ୍ଜିତ

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସର କଳେବରରେ ଆସିଛି ଏକ ବୈପ୍ଳବିକ ପରିବର୍ତ୍ତନ। ଯାତ୍ରୀମାନଙ୍କ ନିରାପତ୍ତା ଏବଂ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂର୍ବତଟ ରେଳପଥ ପକ୍ଷରୁ ଏହି ଟ୍ରେନକୁ ଏବେ ସମ୍ପୂର୍ଣ୍ଣ ରୂପେ ଏଲ୍ଏଚ୍‌ବି କୋଚ୍‌ରେ ସଜ୍ଜିତ କରାଯାଇଛି। ଭୁବନେଶ୍ୱରରୁ ପ୍ରକାଶିତ ଏହି ସଦ୍ୟତମ ଖବର ଅନୁଯାୟୀ, ରେଳବାଇର ଆଧୁନିକୀକରଣ ପ୍ରକ୍ରିୟାରେ ଏହା ଏକ ପ୍ରମୁଖ ସଫଳତା ଭାବେ ଉଭା ହୋଇଛି। ଯାତ୍ରୀମାନେ ଏବେ ପୂର୍ବାପେକ୍ଷା ଅଧିକ ସୁରକ୍ଷିତ ଏବଂ ଆରାମଦାୟକ ଭାବେ ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ। ଟ୍ରେନ୍ ନମ୍ବର ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସରେ ଦ୍ୱିତୀୟ ଏଲ୍ଏଚ୍‌ବି ର୍‍ୟାକ୍ ସଫଳତାର ସହ ସାମିଲ କରାଯିବା ଫଳରେ ଏହି ରୁଟ୍‌ର ସମସ୍ତ ଯାତ୍ରୀ ଏବେ ଅତ୍ୟାଧୁନିକ ସେବାର ସୁଯୋଗ ପାଇବେ।

ପୂର୍ବତଟ ରେଳପଥ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ପରିବର୍ତ୍ତନ ପ୍ରକ୍ରିୟା ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ଏହି ଟ୍ରେନର ପ୍ରଥମ ଏଲ୍ଏଚ୍‌ବି ର୍‍ୟାକ୍ ଭୁବନେଶ୍ୱରରୁ ଗତ ୨୧ ତାରିଖ ଏବଂ ଧାନବାଦରୁ ଗତ ୨୨ ତାରିଖଠାରୁ ପରିଚାଳିତ ହେଉଥିଲା। ଏବେ ଏହି ପ୍ରକ୍ରିୟାକୁ ଶେଷ ପର୍ଯ୍ୟାୟରେ ପହଞ୍ଚାଇ ଦ୍ୱିତୀୟ ର୍‍ୟାକ୍‌କୁ ମଧ୍ୟ ସାମିଲ କରାଯାଇଛି। ଆଜି ଅର୍ଥାତ୍ ୨୮ ତାରିଖଠାରୁ ଭୁବନେଶ୍ୱରରୁ ଏବଂ ଆସନ୍ତାକାଲି ୨୯ ତାରିଖଠାରୁ ଧାନବାଦରୁ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏହା ସହିତ ପୁରୁଣା ଆଇସିଏଫ୍ କୋଚ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ହଟାଇ ଦିଆଯାଇଛି। ଏହି ନୂତନ ଏଲଏଚବି କୋଚ୍‌ଗୁଡ଼ିକର ବିଶେଷତ୍ୱ ହେଉଛି ଏହାର ନିର୍ମାଣ ଶୈଳୀ। ଜର୍ମାନୀ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ଏହି କୋଚ୍‌ଗୁଡ଼ିକ ଷ୍ଟେନଲେସ୍ ଷ୍ଟିଲ୍‌ରେ ନିର୍ମିତ ଏବଂ ଅପେକ୍ଷାକୃତ ହାଲୁକା। ଏଥିରେ 'ଆଣ୍ଟି-କ୍ଲାଇମ୍ବିଂ' ବ୍ୟବସ୍ଥା ରହିଛି, ଯାହା କୌଣସି ଦୁର୍ଘଟଣା ସମୟରେ ବଗିଗୁଡ଼ିକୁ ପରସ୍ପର ଉପରକୁ ଚଢ଼ିବାକୁ ଦିଏନାହିଁ, ଫଳରେ ଜୀବନହାନିର ଆଶଙ୍କା ଯଥେଷ୍ଟ କମ୍ ରହିଥାଏ। ଏଥିସହିତ ଏହି କୋଚ୍‌ଗୁଡ଼ିକରେ ଉନ୍ନତ ବ୍ରେକିଂ ସିଷ୍ଟମ ରହିଛି ଯାହା ଟ୍ରେନକୁ ଅଧିକ ବେଗରେ ଚଳାଇବାରେ ସହାୟକ ହୋଇଥାଏ। ଯାତ୍ରୀମାନେ ଏବେ ଟ୍ରେନ୍ ଭିତରେ ଶବ୍ଦ ଏବଂ ଝଟ୍‌କାରୁ ମୁକ୍ତି ପାଇବେ। ଟ୍ରେନ୍‌ର ସଂଶୋଧିତ କୋଚ୍ ସଂରଚନା ଅନୁଯାୟୀ, ଏଥିରେ ଗୋଟିଏ ଏସି ୨-ଟାୟାର କୋଚ୍, ତିନୋଟି ଏସି ୩-ଟାୟାର କୋଚ୍, ୮ଟି ସ୍ଲିପର୍ କ୍ଲାସ୍ କୋଚ୍ ଏବଂ ଚାରୋଟି ଜେନେରାଲ୍ ସେକେଣ୍ଡ କ୍ଲାସ୍ କୋଚ୍ ରହିବ। ଏହାବ୍ୟତୀତ ଦିବ୍ୟାଙ୍ଗ ଯାତ୍ରୀଙ୍କ ସୁବିଧା ପାଇଁ ଲଗେଜ୍-ସହ-ଜେନେରେଟର-ସହ-ବ୍ରେକ୍ ଭ୍ୟାନ୍ ସମ୍ବଳିତ ଦୁଇଟି ସ୍ୱତନ୍ତ୍ର କୋଚ୍ ମଧ୍ୟ ସଂଯୋଗ କରାଯାଇଛି। ଏହି ପଦକ୍ଷେପ ଭାରତୀୟ ରେଳବାଇର ସୁରକ୍ଷା ମାନଦଣ୍ଡକୁ ବିଶ୍ୱସ୍ତରୀୟ କରିବା ଦିଗରେ ଏକ ପ୍ରମୁଖ ଅବଦାନ। ପୂର୍ବତଟ ରେଳପଥର ଏହି ଉଦ୍ୟମ ଓଡ଼ିଶା ଏବଂ ଝାଡ଼ଖଣ୍ଡ ମଧ୍ୟରେ ଯାତ୍ରା କରୁଥିବା ହଜାର ହଜାର ଯାତ୍ରୀଙ୍କୁ ଏକ ନୂଆ ଅନୁଭୂତି ପ୍ରଦାନ କରିବ। ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆଗାମୀ ଦିନରେ ଅନ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଟ୍ରେନଗୁଡ଼ିକୁ ମଧ୍ୟ ଏହିପରି ଏଲ୍ଏଚ୍‌ବି ର୍‍ୟାକ୍‌ରେ ରୂପାନ୍ତରିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ନୂତନ କୋଚ୍ ପ୍ରଚଳନ ଦ୍ୱାରା କେବଳ ସୁରକ୍ଷା ନୁହେଁ, ବରଂ ପରିଛନ୍ନତା ଏବଂ ଆଲୋକିକରଣ ବ୍ୟବସ୍ଥାରେ ମଧ୍ୟ ବ୍ୟାପକ ସଂସ୍କାର ଅଣାଯାଇଛି।

# ଏମ୍‌ସିଏଲ୍‌ରେ କାର୍ଯ୍ୟସ୍ଥଳରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ




**ଭୁବନେଶ୍ୱର,ସମ୍ବଲପୁର,୨୮।୪/ଏନ୍ଏନ୍ଏସ୍:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍.) ମୁଖ୍ୟାଳୟରେ ସୋମବାର ଆନ୍ତର୍ଜାତୀୟ ଶ୍ରମ ସଂଗଠନର କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କାର୍ଯ୍ୟାଳୟ ପରିସରରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ ଏବଂ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସୁରକ୍ଷା ଶପଥ ପାଠ କରାଇଥିଲେ। କୋଲ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ବି.ସାଇରାମ ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ବାର୍ତ୍ତାକୁ ଏମ୍.ସି.ଏଲର ମହାପ୍ରବନ୍ଧକ (ସୁରକ୍ଷା ଏବଂ ଉଦ୍ଧାର) ସୁନୀଲ ଶର୍ମା ପାଠ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ବେହୁରା ସୁରକ୍ଷାକୁ ଦୈନିକ ଜୀବନଶୈଳୀରେ ପରିଣତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ସମାନ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ କରିଥିଲେ। ସେ କର୍ମଚାରୀଙ୍କ ସାମଗ୍ରିକ କଲ୍ୟାଣ ଏବଂ ଉତ୍ପାଦକତା ପାଇଁ ଏକ ସୁସ୍ଥ କାର୍ଯ୍ୟ ପରିବେଶ ବଜାୟ ରଖିବା ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ।

ନିତିଦିନ NITIDIN

## ନଳକୂପ ଅଚଳ, ମରାମତି ଦାବି

**ବୟାଲିଶମୌଜା,୨୮।୪/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ବୟାଲିଶମୌଜା କଳପଡ଼ା ଗ୍ରାମ ପଞ୍ଚାୟତ ସ୍ଥିତ ଟାଇଁକଣା ଗ୍ରାମରେ ପାଣି ସମସ୍ୟା ଦେଖା ଦେଇଛି । ବହୁ ଦିନ ଧରି ନଳକୂପ ଅଚଳ ହୋଇ ପଡିରହିଛି । ଯାହାଦ୍ୱାରା ଏଠିକାର ଲୋକେ ଓ ବାଟ ଘାଟୋଇ ପଥଚାରୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ଏହି ନଳକୂପଟି ତଳ ଟାଇଁକଣା ଛକ ଉପରେ ରହିଛି । ତେଣୁ ଗ୍ରୀଷ୍ମ ପ୍ରବାହରେ ଜଳସଙ୍କଟ ଦେଖାଦେବା ନେଇ ଅଞ୍ଚଳବାସୀ ଦୃଢ଼ ନିନ୍ଦା କରିଛନ୍ତି । ତେଣୁ ସଦର ବ୍ଲକ୍ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଏହି ନଳକୂପକୁ ତୁରନ୍ତ ମରାମତି କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାବୁଲି ସେଠୀ ଦୃଢ଼ ଦାବି କରିଛନ୍ତି ।



# ନିର୍ମାଣ ଶେଷ, ସେବାରେ ଲାଗୁନି ଓଭର୍‌ହେଡ୍ ପାଣି ଟାଙ୍କି



**କଣ୍ଟିଲୋ,୨୮।୪/ଏନ୍ଏନ୍ଏସ୍:** ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ସବୁ ବ୍ଲକ ଓ ପଞ୍ଚାୟତର କୋଣ ଅନୁକୋଣ ରେ ବସ ବାସ କରୁଥିବା ଅଧିବାସୀ ମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟରେ ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କରୁଥିବା ନଜିର ଅଛି । ଏ ସବୁ ମଧ୍ୟରୁ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଧୀନ କୃଷ୍ଣେଶ୍ୱର ପାଟଣା ଗଉଡସାହି ନିକଟସ୍ଥ ଓଭରହେଡ୍ ପାଣିଟାଙ୍କି ଅନ୍ୟତମ ।

ସୂଚନାରୁ ଜଣାପଡିଛି ଯେ, ଆଜକୁ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ ଦିନ ହେବ, ଏହି ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଓ କଲରିଂ ଶେଷ ହୋଇଥିଲେ ମଧ୍ୟ, ଆଜି ସୁଦ୍ଧା ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ କାର୍ଯ୍ୟକ୍ଷମ ହୋଇପାରି ନାହିଁ କି, ସର୍ବ ସାଧାରଣ ଜନତାଙ୍କୁ ସେବା ଦେଇପାରୁ ନାହିଁ । ଯାହା ଫଳରେ ସ୍ଥାନୀୟ ଅଧିବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ବର୍ତ୍ତମାନ କଣ୍ଟିଲୋ ପଞ୍ଚାୟତର ଅଧିବାସୀମାନଙ୍କୁ ପଞ୍ଚାୟତ ତରଫରୁ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା ଦ୍ୱାରା ପିଇବା ପାଣି ଯୋଗାଇ ଦିଆଯାଉଛି । କିନ୍ତୁ ଅଧିକାଂଶ ସମୟ ବିଦ୍ୟୁତ୍ କଟୁଥିବା ଓ ଲୋ ଭୋଲ୍ଟେଜ ଯୋଗୁ ପ୍ରେସର ପାଉ ନଥିବା ହେତୁ ପାଣୁ ସାହୁ ପାଟଣାର କିଛି ଅଞ୍ଚଳକୁ ପିଇବା ପାଣି ପହଞ୍ଚିବାରେ ସମସ୍ୟା ଦେଖା ଦେଇଥିବା ଅଭିଯୋଗ ହେଉଛି ।

ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ଅବହେଳା, ଦେଖାରଖା, ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ଓଭରହେଡ଼ ପାଣିଟାଙ୍କିରେ ଅନାବନା ଗଛଲତା ମାଡ଼ିବା ସହିତ ମହୁମାଛି ଫେଣାରେ ପରିପୂର୍ଣ ହୋଇ ରହିଛି । ଏ ସମ୍ପର୍କେ ଜାଣିବା ପାଇଁ ଜିଲ୍ଲା ଜଳଯୋଗାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ ଫୋନ୍ ଦ୍ୱାରା ଆଲୋଚନା କରିବାକୁ ବାରମ୍ବାର ଚେଷ୍ଟା କରିଥିଲେ ହେଁ, ସେ ଫୋନ୍ ରିସିଭ କରିନଥିଲେ । ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଉକ୍ତ ମେଗା ପାନୀୟଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାରେ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବି କରିଛନ୍ତି ।

## ଯୋଗ ଓ ନେଚରପାଥି କେନ୍ଦ୍ର ପାଇଁ ଜମି ଅଧିଗ୍ରହଣ

**ମୁଣ୍ଡମୁହାଣ,୨୮।୪/ଏନ୍ଏନ୍ଏସ୍:** ଯୋଗ ଓ ନେଚରପାଥି କେନ୍ଦ୍ର ପ୍ରକଳ୍ପ ପାଇଁ ଜଟଣୀ ତହସିଲ ଛତାବର ପଞ୍ଚାୟତ ଅଳକର ମୌଜାରେ ସରକାରୀ ଜମିରୁ ମଙ୍ଗଳବାର ଜବର ଦଖଲ ଉଚ୍ଛେଦ ଆରମ୍ଭ ହୋଇଛି । ଅଳକର ମୌଜାରେ ଥିବା ସରକାରୀ ଜମିରୁ ଆଜି ପ୍ରାୟ ୧୦ରୁ ୧୨ଏକର ଜମି ଉପରୁ ଜବର ଦଖଲ ହଟିଛି । ଆଜି ଦୁଇଟି ବୁଲଡୋଜର ଦ୍ୱାରା ୨୦ଟି ଘର ଭଙ୍ଗାଯାଇଛି । ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଟଣୀ ତହସିଲଦାର ଶିବାଶିଷ ପରିଡା ଓ ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ ଏହି ଉଚ୍ଛେଦ କାର୍ଯ୍ୟର ନେତୃତ୍ୱ ନେଇଥିଲେ । ଏହି ଅଞ୍ଚଳରେ ଥିବା ପ୍ରାୟ ୫୦ଟି ଭଙ୍ଗାଯିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି । ସଂପୂର୍ଣ୍ଣ ଜମି ଜବରଦଖଲରୁ ନ ମୁକୁଳିବା ଯାଏଁ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର କହିଛନ୍ତି । ଆଜି ଉଚ୍ଛେଦ ବେଳେ ଛତାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ ଓ ସ୍ଥାନୀୟ ଲୋକମାନେ ବିରୋଧ ପ୍ରଦର୍ଶନ କରିଥିଲେ । ଉତ୍ତ୍ୟକ୍ତ ଲୋକ ଜେସିବି ଆଗରେ ଠିଆ ହୋଇ ଆଗକୁ ଛାଡିଦେଇ ନଥିଲେ । ଗ୍ରାମର ଖେଳପଡିଆ,କ୍ଲବ ଘର ଓ ପୂଜା ମଣ୍ଡପ ସହ କିଛି ଭୂମିହୀନ ଲୋକଙ୍କ ଥଇଥାନ ଦାବି କରି ଦିନ ତମାମ ବିରୋଧ ଜାରି ରଖିଥିଲେ । ଏହି ଉଚ୍ଛେଦ କାର୍ଯ୍ୟରେ ଏକ ପ୍ଲାଟୁନ ପୁଲିସ ଫୋର୍ସ, ଜୋନ ୩ ଏସିପି, ଇନଫୋସିଭ୍ୟାଲି ଥାନା ଅଧିକାରୀ ନିୟୋଜିତ ଥିଲେ । ଆଜିର ଉଚ୍ଛେଦ କାର୍ଯ୍ୟରେ ଜଟଣୀ ତହସିଲ କର୍ତ୍ତୃପକ୍ଷ, ଯାଁଳା, ଗଙ୍ଗପଡା ଓ ମଦନପୁର ରାଜସ୍ୱ ବିଭାଗ, ଇନ୍‌ଫୋସିଭ୍ୟାଲି ଥାନା ପୁଲିସ, ବିଦ୍ୟୁତ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

## ଶିକ୍ଷକଙ୍କ ଅକାଳ ବିୟୋଗରେ ଶୋକ

**ବୋଲଗଡ଼,୨୮।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଶିକ୍ଷା ଜିଲ୍ଲା ଜଟଣୀ ବ୍ଲକ୍ ଖୁଦୁପୁର ସରକାରୀ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ସୁରେଶ ସ୍ୱାଇଁ(୫୩)ଙ୍କର ଶନିବାର ଅକାଳ ପରଲୋକ ଘଟିଛି । ଶିକ୍ଷକ ସ୍ୱର୍ଗତ ସ୍ୱାଇଁ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଡାବରଧୁଆ ପାଟଣା ପଂଚାୟତ ଚୁଡା ଗ୍ରାମର ସ୍ଥାୟୀ ବାସିନ୍ଦା ଥିଲେ । ତେବେ ସ୍ୱର୍ଗତ ସ୍ୱାଇଁ ସ୍କୁଲରେ ଶିକ୍ଷାଦାନ କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଡାକ୍ତରଙ୍କ ପରୀକ୍ଷା ପରେ ଶିକ୍ଷକ ସ୍ୱର୍ଗତ ସ୍ୱାଇଁ ଲିଭର ସିରୋସିସ୍ ମାରାତ୍ମକ ରୋଗରେ ପୀଡ଼ିତଥିବା ଜଣାପଡ଼ିଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ଏକାଧାରରେ ଜଣେ ଶିକ୍ଷାବିତ, ମିଷ୍ଟଭାଷୀ, ପରୋପକାରୀ, ବନ୍ଧୁବତ୍ସଳ, ଲୋକପ୍ରିୟ, ମେଳାପି, ଦରଦୀ ଯୁବକ ଭାବେ ଅଞ୍ଚଳରେ ଉଭା ହୋଇଥିଲେ । ତାଙ୍କ ମୃତ୍ୟୁ ବେଳକୁ ନାବାଳକ ୧ପୁଅ ଓ ୧ଝିଅ ଅଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ବଡ଼ ଭାଇ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରମେଶ ସ୍ୱାଇଁ, ସାନଭାଇ ସୁଦାମ ସ୍ୱାଇଁ, ସମସ୍ତ ଆତ୍ମୀୟ ସ୍ୱଜନ ଉପସ୍ଥିତଥିଲେ ।

## କୋର୍ଟରେ ଆଇନଜୀବୀ ଦିବସ

**ଟିଗିରିଆ,୨୮।୪/ଏନ୍ଏନ୍ଏସ୍:** ଟିଗିରିଆ ଜେଏମ୍ଏଫ୍‌ସି କୋର୍ଟ ପରିସର ବାର୍ ଆସୋସିସନ୍ ହଲ୍‌ରେ ଆଜି ବାର୍ ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଇନଜୀବୀ ଦିବସ ତଥା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ର ବରପୁତ୍ର ମଧୁସୁଦନ ଦାସ ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଇନଜୀବୀ ମଙ୍ଗଳକୃଷ୍ଣ ଦାସ, ରମେଶ ଚନ୍ଦ୍ର ମାଝୀ, ଚନ୍ଦ୍ରମଣି ପଣ୍ଡା, ଶଙ୍କର୍ଷଣ ମହାନ୍ତି, ଲଳିତକୃଷ୍ଣ ଦାସ, ରଘୁନାଥ ଦାଶ, ତନ୍ମୟ କୁମାର ମିଶ୍ର ଏବଂ ଓକିଲ ସଂଘର ସଦସ୍ୟ ସଦସ୍ୟା ପ୍ରମୁଖ ଉପସ୍ଥିତି ରହି ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିବା ନିମନ୍ତେ ସଂକଳ୍ପ ନେଇଥିଲେ । ପରିଶେଷରେ ସମ୍ପାଦକ ତନ୍ମୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ ସଭା ସାଙ୍ଗ କରିଥିଲେ ।

## ବାର୍ ଆସୋସିଏସନ୍ ପକ୍ଷରୁ ମଧୁ ଜୟନ୍ତୀ



**ଓଡ଼ଗାଁ,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳନ ଅବସରରେ ଓଡ଼ଗାଁ ବାର୍ ଆସୋସିଏସନ୍ ପକ୍ଷରୁ ଓକିଲ ଦିବସ ଆସୋସିଏସନର ସଭାପତି ସୁଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଚିରଞ୍ଜିବୀ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଂଘମିତ୍ରା ଶର୍ମା, ମୁଖ୍ୟବକ୍ତା ଭାବେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ରାଜେନ୍ଦ୍ର କୁମାର ଦାସ ଓ କନିଷ୍ଠ ଦେୱାନୀ ବିଚାରପତି ପ୍ରେରଣାଶ୍ରୀ ଦେଓ ପ୍ରମୁଖ ଯୋଗଦେଇ ମଧୁ ବାରିଷ୍ଟରଙ୍କ ସ୍ମୃତିଚାରଣ ପୂର୍ବକ ଓଡିଆ ଭାଷାର ବିକାଶ ତଥା ଓଡ଼ିଆମାନଙ୍କ ସ୍ୱାଭିମାନ ବୃଦ୍ଧିକରି ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଆହ୍ୱାନ ପ୍ରଦାନକରି ଏକ ଭାବମୟ ପରିବେଶ ସୃଷ୍ଟି କରିଥିଲେ । ବରିଷ୍ଠ ଆଇନଜିବୀ ଗୋବିନ୍ଦ ଚନ୍ଦ୍ର ସାହୁ, ପବିତ୍ର ମୋହନ ସାହୁ, କିଶୋର ଚନ୍ଦ୍ର ସାହୁ, ବସନ୍ତ କୁମାର ମହାନ୍ତି, ଚିତ୍ତରଞ୍ଜନ ସେନାପତି ଓ ପୂର୍ଣ୍ଣଚନ୍ଦ୍ର ଦୋରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ଜଣାପଡ଼ିଛି ।

## ମଧୁବାବୁଙ୍କ ଜନ୍ମ ଜୟନ୍ତୀ

**ଦଶପଲ୍ଲା,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ସମ୍ମିଳନୀ ଦଶପଲ୍ଲା ଶାଖା, ସାହିତ୍ୟ ସଂଗଠନ ଗଠନ ପରିବାର ଓ ଆରଏସଏସର ମିଳିତ କର୍ମକର୍ତ୍ତା ଏକାଠି ହୋଇ ଏହି ଦିବସକୁ ପାଳନ କରିଛନ୍ତି । ଉତ୍କଳ ସମ୍ମିଳନୀ ଦଶପଲ୍ଲା ଶାଖା ସଭାପତି ଡ଼ଃ ବୈଦ୍ୟନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶପଲ୍ଲା ସ୍ଥିତ ଉତ୍କଳ ଗୌରବ ମଧୁ ସୁଦନ ଦାସଙ୍କ ସହ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହ ନିଜର ବକ୍ତବ୍ୟ ରଖିଥିଲେ । ଡ଼ଃ ବୈଦ୍ୟନାଥ ସାହୁ, ଆରଏସଏସର ମାନସ ରଞ୍ଜନ ସାହୁ, ଓ ଗଠନ ପରିବାର ପକ୍ଷରୁ ଗାଳ୍ପିକ ହାଡ଼ିବନ୍ଧୁ ମହାଖୁଡ଼, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ମଧୁବାବୁଙ୍କ ସ୍ମୃତିଚାରଣ କରିବା ସହ ଓଡ଼ିଆ ଭାଷା, ଉତ୍କଳ ସମ୍ମିଳନୀରେ ମଧୁବାବୁଙ୍କ ଅବଦାନ ଓ ତାଙ୍କର ଓକିଲାତି ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

## ବଳଙ୍ଗା ଥାନା ଅଞ୍ଚଳରେ ମନ୍ଦିରରୁ କ୍ରମାଗତ ଚୋରି

**ବଳଙ୍ଗା,୨୮।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଦିପିଦେଉଳି ଗ୍ରାମଦେବୀଙ୍କ ମନ୍ଦିର ଏବଂ ବରିହା ଗ୍ରାମର ମା'ତାରିଣୀ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଠାକୁରଙ୍କ ପୂଜା ସାମଗ୍ରୀ ଓ ହୁଣ୍ଡିରୁ ଦୁର୍ବୃତ୍ତମାନେ ଚୋରି କରିନେଇଥିବା ନେଇ ଗ୍ରାମବାସୀଙ୍କ ତରଫରୁ ଥାନାରେ ଦୁଇଟି ଅଭିଯୋଗ ହୋଇଛି । ବଳଙ୍ଗା ପୋଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ବଳଙ୍ଗା ଥାନା ଅଧିକାରୀଣି ସସ୍ମିତା ସାହୁ ଏତଲା ଆଧାରରେ ତଦନ୍ତ କରିବା ସହ ସାଇଣ୍ଟିଫିକ୍ ଟିମ ସହ ସନ୍ଧାନୀ କୁକୁର ଡକାଇ ତଦନ୍ତ କରିଥିଲେ । ଦୁଇଟି ମନ୍ଦିର ପାଖାପାଖି ହୋଇଥିବାରୁ ଗୋଟିଏ ଗୋଷ୍ଠୀର ବୋଲି ସନ୍ଦେହ କରାଯାଉଛି । ତାରିଣୀ ମନ୍ଦିରରୁ ପାଞ୍ଚଥର ଚୋରି ହେଲାଣି ବୋଲି କହିଛନ୍ତି ଗ୍ରାମର ସଭାପତି ସୋମୁନାଥ ସେନାପତି । ବର୍ତ୍ତମାନ ବଳଙ୍ଗା ଅଞ୍ଚଳରେ ଥିବା ମନ୍ଦିରକୁ ଟାର୍ଗେଟ କରି ଚୋରି ଏତେ ବଢ଼ିଗଲାଣି ଯେ ପୋଲିସ ମୁଣ୍ଡବ୍ୟଥାର କାରଣ ସାଜିଛି । ସୂଚନାଥାଉ କି ଗତ ୩ରୁ ୪ ମାସ ମଧ୍ୟରେ ଆଖପାଖ ଗ୍ରାମର ତଥା ବଡନିନିଗାଁ, ଅଲଣ୍ଡାପଡା, ଚକରକୁଦ, ବାଙ୍ଗଶ ଶାସନ ଓ ପାର୍ବତୀପୁର ଗାଁ ମାନଙ୍କର ଥିବା ମନ୍ଦିରମାନଙ୍କରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ଚୋର ବା ଚୋରି ସାମଗ୍ରୀର ପତ୍ତା ମିଳିନଥିବାରୁ ଅଞ୍ଚଳର ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ରାତ୍ରୀକାଳୀନ ପାଟ୍ରୋଲିଂ ଜୋର୍‌ଦାର୍ କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'

**ବୋଲଗଡ଼,୨୮।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଓ ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକଙ୍କ ଉପସ୍ଥିତରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ କଡବ ପଞ୍ଚାୟତ 'ପଲ୍ଲୀରେ ପ୍ରସାଶନ' ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ବୋଲଗଡ଼ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନସୁଧା କୁଣ୍ଟୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ନଳୀନ କୁମାର ବଡ଼ଜେନା, ବୈତୁଲ ବିବି ସମିତିସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଧୀରେନ କୁମାର ବେହେରା ପ୍ରମୁଖ ସହାୟତା ସହ ସମସ୍ତ ଅଭିଯୋଗର ଆଧାରିତକୁ ନେଇ ସମାଧାନରେ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୮୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ତନ୍ମଧ୍ୟରୁ ୫୪ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ବଳକା ୨୭ଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସେଚନ, ଶିକ୍ଷା,ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ, ପଶୁ ଚିକିତ୍ସା, କୌଶଳ ବିକାଶ, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ ପଶୁପାଳନ, ମିଶନ ଶକ୍ତି ଆଦି ବିଭାଗ ଅଂଶଗ୍ରହଣ କରିଥିଲେ । ବ୍ଲକ୍ ମୁଖ୍ୟ କିରାଣୀ ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବୁଢ଼ୀ ଜାଗୁଳାଇ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା



**ଟାଙ୍ଗୀ,୨୮।୪/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ କଣୀ ଗ୍ରାମରେ ହେଉଥିବା ମା' ବୁଢ଼ୀ ଜାଗୁଳାଇ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ମନ୍ଦିର ନିର୍ମାଣକରିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ମା' ବୁଢ଼ୀ ଜାଗୁଳାଇ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଗ୍ରାମବାସୀଙ୍କ ଏକ ମନ୍ଦିର ନିର୍ମାଣ କରିବାକୁ ଇଚ୍ଛାଶକ୍ତି ଥିଲେ ମଧ୍ୟ ଅର୍ଥ ଅଭାବରୁ ମନ୍ଦିରଟି ହୋଇପାରୁ ନଥିଲା । ତେବେ ଏ ନେଇ ଗ୍ରାମବାସୀମାନେ ମା' ଦୁର୍ଗା ପାୱର ପ୍ଲାଣ୍ଟ୍ ଲୋକସମ୍ପର୍କ ଅଧିକାରୀ ବଳରାମ ଭୂଇଁଙ୍କ ମାଧ୍ୟମରେ କମ୍ପାନୀ ଚେୟାର୍‌ମ୍ୟାନ୍ ଗୌରବ ସନ୍ତାଲିଆଙ୍କୁ ଜଣାଇଥିଲେ । ମା'ଙ୍କ ମନ୍ଦିର ନିର୍ମାଣ କଥା ଶୁଣି ଶ୍ରୀ ସନ୍ତାଲିଆ ତୁରନ୍ତ ଗ୍ରାମବାସୀମାନଙ୍କ କଥା ରଖି ଏକ ସୁନ୍ଦର ମନ୍ଦିର ନିର୍ମାଣ କରିବା ପାଇଁ ଅର୍ଥ ରାଶି ପ୍ରଦାନ କରିଥିଲେ । ଯାହା ବର୍ଷକ ମଧ୍ୟରେ ସମ୍ପନ୍ନ ହୋଇପାରିଛି । ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ଉଚ୍ଚପଦବୀ ଅଧିକାରୀ ଅମର ସିଂ, ବିନନ୍ଧ ଶର୍ମା, ଲଳିତ କେଜ୍ରିୱାଲ ଉପସ୍ଥିତ ରହି ମା'ବୁଢ଼ୀ ଜାଗୁଳାଇଙ୍କ ଆର୍ଶୀବାଦ ନେବା ସହ ଯାହା ବି କାର୍ଯ୍ୟ ରହିଛି କମ୍ପାନୀ ପକ୍ଷରୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମବାସୀ ପକ୍ଷରୁ କେଶବ ଚନ୍ଦ୍ର ଲେଙ୍କା, ଭକ୍ତବତ୍ସଳ ଦାସ, ଅକ୍ଷୟ ନାୟକ, ଅରୁଣ କର, ଶ୍ରୀନିବାସ ପଟ୍ଟନାୟକ, ନିର୍ମଳ ଲେଙ୍କା, ଅଭୟ କର, ଦେବାଶିଷ ରାଉତରାଏ, ସଂଗ୍ରାମ ଲେଙ୍କା, ସଂଗ୍ରାମ ରାଉତରାଏ, ରଶ୍ମିରଞ୍ଜନ ନାୟକ ଚେୟାର୍‌ମ୍ୟାନ୍ ସନ୍ତାଲିଆ ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଭୂଇଁଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ସ୍ୱାଭିମାନ ଦିବସ



**ଓଡ଼ଗାଁ,୨୮।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ କୁରାଳ ଅଗ୍ରୋମୀରା ଟ୍ରଷ୍ଟ ପରିଚାଳିତ ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀ ତଥା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି । ଆମ ଓଡ଼ିଶା ସଂଯୋଜକ ସୁନୀଲ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୁରାଳ ଓ ଆଖପାଖ ଅଞ୍ଚଳର ମଧୁ ପ୍ରେମୀମାନେ ଯୋଗଦେଇଥିଲେ । ପ୍ରଥମେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନକରି ସଭାକାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସାମ୍ବାଦିକ ଗଣେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ ଯୋଗଦେଇଥିବା ବେଳେ ରଘୁନାଥ ସମବାୟ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଧିବାସ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟବିନ୍ଧାଣି ଓ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ଏକାଧାରରେ ସେଥିଲେ ଜଣେ ନିର୍ଭିକ ସାମ୍ବାଦିକ, ଓକିଲ, ଲେଖକ, ବିଧାନ ପରିଷଦ ସଦସ୍ୟ, ରାଜନେତା ଓ ସାମାଜ ସଂସ୍କାରକ । ତାଙ୍କର ଏହି ଅବଦାନ ସବୁବେଳେ ଚିର ସ୍ମରଣୀୟ ହୋଇ ରହିବବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ତଥା ପରିବେଶବିତ୍ ସୁକାନ୍ତ ଚୌଧୁରୀ ମଧୁସୂଦନ ଦାସ ଯେପରି କର୍ତବ୍ୟନିଷ୍ଠ ଥିଲେ ସେହିପରି ଯୁବଗୋଷ୍ଠୀ ସମାଜପାଇଁ କାମକରନ୍ତୁ ଏବଂ ମଧୁସୂଦନଙ୍କ ଭଳି ସ୍ୱାଭିମାନ ହୁଅନ୍ତୁ ବୋଲି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ସାହୁ ମଧୁସୂଦନ ଦାସ ଜଣେସାହାସୀ ବ୍ୟକ୍ତିବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବିଜନ ପାଇକରାୟ, ସମିତିସଭ୍ୟା କନକ ପାତ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଅଧ୍ୟକ୍ଷ ରାମେଶ୍ୱର ପଣ୍ଡା, ରାମକୃଷ୍ଣ ଦାସ, ଶିବପ୍ରସାଦ ଖଟେଇ, ଯୋଗଗୁରୁ ବୈକୁଣ୍ଠନାଥ ପ୍ରଧାନ, ଶଙ୍କର୍ଷଣ ଦାସ, ଭାଗିରଥୀ ମହାରଣା ଓ ମଧୁ ପ୍ରେମୀମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମଧୁବାବୁଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇଥିବାବେଳେ ସେମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ରାଜକିଶୋର ନାୟକ ଓ ସୀମାଞ୍ଚଳ ସାହୁ ପରିଚାଳନା କରିଥିବାବେଳେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଗୁରୁମା'ମାନେ ସହଯୋଗ କରିଥିଲେ ।

## ଆଦର୍ଶ କ୍ଲବ୍ ପକ୍ଷରୁ ମଧୁ ଜୟନ୍ତୀ



**ବେଗୁନିଆ,୨୮।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଆଦର୍ଶ କ୍ଲବ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ମଙ୍ଗଳବାର ଅପରାହ୍ନରେ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ । ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପରେ ମଧୁବାବୁଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା. କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବାସହ ସନ୍ତାନର ଉକ୍ତି କବିତା ଗାନ କରିଥିଲେ । ଏଥିରେ ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦର ସଭାପତି ପ୍ରଫେସର ଡ. ହରିପ୍ରସାଦ ଦାସ ମୁଖ୍ୟ ଅତିଥି, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଓ ଇଂ ରାମମାନସ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, ଇଂ କେଦାର କିଶୋର ବଳିୟାରସିଂହ, ବିଷ୍ଣୁ ପ୍ରସାଦ କର ,କବୟିତ୍ରୀ ମାନସୀ ଦାସ, ଶିକ୍ଷାବିତ ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, କୈଳାସ ନାଥ ପଟ୍ଟନାୟକ, ସମାଜସେବୀ ପ୍ରଶାନ୍ତ କୁମାର ବାରିକ, ସୁରେନ୍ଦ୍ର ପାଲଟାସିଂହ, ରାମଚନ୍ଦ୍ର ବେହେରା ପଣ୍ଡିତ ଦୀନବନ୍ଧୁ ଦାଶ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ଶିକ୍ଷାବିତ ଶରତ କୁମାର ପଣ୍ଡା, ବିଜୟ କୁମାର ପ୍ରଧାନ, ଉପେନ୍ଦ୍ର ନାଥ ସାହୁ, ବିଶ୍ୱନାଥ ସାହୁ, ରାଜକିଶୋର ସାହୁ, ଭାଗବତ ମହାପାତ୍ର, ସରୋଜ କୁମାର ମହାପାତ୍ର, ବସନ୍ତ କୁମାର ସାହୁ, ସବିତା ରାୟ ଓ ସତ୍ୟବ୍ରତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଗୀତିକାର ରାମଚନ୍ଦ୍ର ସାହୁ ଉଦଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଦିବାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

**ଖୋର୍ଦ୍ଧା,୨୮।୪/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏବଂ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜ୍ୟୋତିଶଙ୍କର ସାହୁ ଓ ସଭାପତି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଶିକ୍ଷକ ଭାବେ ଡ଼ଃ ସନ୍ତୋଷ କୁମାର ରଥ, ସୁରେନ୍ଦ୍ର ମୋହନ ଦାସ, ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ମନୋରଞ୍ଜନ ପାଣିଗ୍ରାହୀ ଏବଂ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ଡ଼ଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ ସରକାରୀ ନଥିପତ୍ର, ଚିଠି ଆଦି କାର୍ଯ୍ୟ ସମ୍ପାଦନରେ ଓଡ଼ିଆ ଭାଷାର ପ୍ରୟୋଗ ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିବିରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ପରିଷଦ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଏବଂ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ପ୍ରଶିକ୍ଷଣ ଆଜି ନେଇଥିବା ବେଳେ ଆସନ୍ତାକାଲି ମଧ୍ୟ ପ୍ରଶିକ୍ଷଣ ନେବେ । ଏହି ପ୍ରଶିକ୍ଷଣ ଶିବିର ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।



## ଡେଲାଙ୍ଗ ଯୁବ ଉତ୍ସବ ଉଦ୍‌ଯାପିତ

**ଡେଲାଙ୍ଗ,୨୮।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକର ମା' କେନ୍ଦ୍ରେଶ୍ୱରୀ ମନ୍ଦିର ସନ୍ନିକଟ ପଡିଆରେ ୩ ଦିନିଆ ଯୁବ ଉତ୍ସବ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । କଳ୍କି ଫାଉଣ୍ଡେସନ ଓ ଲିପ୍ସା ଏଜୁକେସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଯୁବ ଉତ୍ସବ ସମାବେଶରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିକ୍ଷାବିତ୍ ଗଙ୍ଗାଧର ବରାଳ, ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଶିକ୍ଷାବିତ୍ ନଗେନ୍ଦ୍ର ନାଥ ସୁନ୍ଦରାୟ, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଯୁବଶକ୍ତିର ବିକାଶ ହେଲେ ଦେଶର ବିକାଶ ସମ୍ଭବ ସମ୍ପର୍କରେ ଆଲୋକପାତ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, ସଙ୍ଗଠିତ ହିନ୍ଦୁପରିବାରର ସଂସ୍ଥାପକ ପ୍ରଦୀପ କୁମାର ବେହେରା ଉପସ୍ଥିତ ରହି ଡେଲାଙ୍ଗ ଅଂଚଳରେ ନୂତନ ଭାବେ ପ୍ରାରମ୍ଭ କରାଯାଇଥିବା ଯୁବ ଉତ୍ସବକୁ ଆହୁରୀ ସରସସୁନ୍ଦର କରିବା ପାଇଁ ପ୍ରତ୍ୟେକଙ୍କ ଭାଗୀଦାରୀ ଆବଶ୍ୟକତା ରହିଥିବା ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହା ସହିତ ଉତ୍ସବ ଆୟୋଜନ କରିଥିବା ଦୁଇଟି ଅନୁଷ୍ଠାନକୁ ଧନ୍ୟବାଦ କୃତଜ୍ଞତା ଜ୍ଞାପନ କରିଥିଲେ । ନୃତ୍ୟ, ସଂଗୀତ, ମ୍ୟୁଜିକ୍ କ୍ୱାୟାର, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ଓ ୧୧୧୧୧ ରାମନାମ ଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଟ୍ରଷ୍ଟର ସଭାପତି ପୂର୍ଣ୍ଣେନ୍ଦୁ ପ୍ରଧାନ, ସମ୍ପାଦକ ଶ୍ୟାମାଳିମା ରାଉତ, ଫାଉଣ୍ଡେସନର ସଭାପତି ରୋଜାଲିନ୍ ପଟ୍ଟନାୟକ, ସମ୍ପାଦକ ପ୍ରିୟବ୍ରତ ପ୍ରଧାନ ଓ ସଂସ୍ଥାପକ ଜ୍ୟୋତିରଞ୍ଜନ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



**ନିତି ଭାରତୀ**

ଭୁଲ୍ ବୁଝାମଣାର କାରଣ ହେଉଛି ଆମେ ଯେମିତି ଲୋକମାନଙ୍କୁ ଆମେ ସେମିତି ଦେଖିଥାଉ, ସେମାନେ ଯେମିତି, ସେମିତି ନୁହେଁ। - **ସ୍ୱାମୀ ବିବେକାନନ୍ଦ**

# ପରୀକ୍ଷାର୍ଥୀ ଗଲେ କୁଆଡ଼େ ?



ଅନ୍ତର୍ଜିତା ନାୟକ

ପ୍ରତି ବର୍ଷ ମାଟ୍ରିକ ପରୀକ୍ଷା ଓ ପରୀକ୍ଷା ଫଳ ବାହାରିବା ବେଳେ ଏକ ଅଲଗା ପ୍ରକାରର ପରିବେଶ ସୃଷ୍ଟି ହୋଇଯାଏ। ଏବେ ଗୋଟିଏ ପର୍ବ ସରିଛି, ଧୀରେ ଧୀରେ ଆରମ୍ଭ ହେଉଛି ଆଉ ଗୋଟିଏ ପର୍ବ- ପରୀକ୍ଷା ଫଳର ପର୍ବ। ୯୯.୯୯% ମାର୍କ ରଖି କିଏ ଗୋଟିଏ ଦଶମିକ ଅଙ୍କ ଲାଗି ଦୁଃଖିତ ତ ଆଉ କିଏ ଫେଲ ହେଉ ହେଉ ପାସ୍ ହୋଇ ଖୁସି। କିଏ ଡାକ୍ତର କି ଇଞ୍ଜିନିୟର ହେବାକୁ ପ୍ରସ୍ତୁତି ଆରମ୍ଭ କଲାଣି ତ ଆଉ କିଏ କ'ଣ କରିବ, ଜାଣିପାରୁ ନାହିଁ। ଅନେକ ପରିବାର ପାଇଁ ମାଟ୍ରିକ ପରୀକ୍ଷା କେବଳ ଏକ ପରୀକ୍ଷା ନୁହେଁ, ବରଂ ଏହା ପିଲା ଜୀବନର ପ୍ରଥମ ବଡ଼ ଶିକ୍ଷାଗତ ମାଇଲଖୁଣ୍ଟ। ଏହି ପରୀକ୍ଷାକୁ ଅନେକେ ଏମିତି ଏକ ସୀମାରେଖା ଭାବରେ ଦେଖନ୍ତି, ଯାହା ଉଚ୍ଚଶିକ୍ଷା, ଭଲ ନିଯୁକ୍ତି ସୁଯୋଗ ଏବଂ ଏକ ସୁରକ୍ଷିତ ଭବିଷ୍ୟତର ଦ୍ୱାର ଖୋଲିଦେଇ ପାରେ। କିନ୍ତୁ ଏହି ଉତ୍ସାହ ଓ ଆଶା ମଧ୍ୟରେ ଏକ ଗମ୍ଭୀର ପ୍ରଶ୍ନ ଲୁଚି ରହିଛି। ଦେଖା ଯାଉଛି, ସମସ୍ତଙ୍କୁ ପରୀକ୍ଷାରେ କିଏ କେମିତି କଲା, କିଏ କେତେ ରଖିଲା। ହେଲେ ସେଇ ପିଲାଙ୍କର କ'ଣ, ଯିଏ ପରୀକ୍ଷା ଦେବାକୁ ଆସିଲେ ହିଁ ନାହିଁ ? ସେମାନେ କୁଆଡ଼େ ଗଲେ ଓ ପରୀକ୍ଷା କାହିଁକି ଦେଲେନାହିଁ ? କ'ଣ ସେଇ ପିଲା ସମାଜରୁ ବାହାରେ ? ଚଳିତ ବର୍ଷ, ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡର ଦଶମ ପରୀକ୍ଷା ବା ମାଟ୍ରିକ ପରୀକ୍ଷାରେ ପଞ୍ଜିକରଣ କରିଥିବା ୫,୪୬,୮୭୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫,୩୬,୯୪୬ ପରୀକ୍ଷାରେ ବସିଥିଲେ। ଅର୍ଥାତ୍ ୯୯୩୦ ଛାତ୍ରଛାତ୍ରୀ ଆନୁଷ୍ଠାନିକ ଭାବେ ପଞ୍ଜିକରଣ କରିଥିଲେ ମଧ୍ୟ ପରୀକ୍ଷା ଦେବାକୁ ଆସି ନଥିଲେ। କାଗଜରେ ଏହି ତଫାତ୍ ଏକ ଛୋଟ ସଂଖ୍ୟାଗତ ବ୍ୟବଧାନ ଭଳି ଲାଗିପାରେ, କିନ୍ତୁ ଯଦି ଏହାକୁ ଭଲ ଭାବେ ବିଶ୍ଳେଷଣ କରାଯାଏ, ତେବେ ଏହା ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରତି ଏକ ଗୁରୁତର ପ୍ରଶ୍ନ। ପ୍ରତ୍ୟେକ ଅନୁପସ୍ଥିତ ପ୍ରାର୍ଥୀ ପଛରେ ଥାଇପାରେ ପରିସ୍ଥିତି, ପାରିବାରିକ ଚାପ, ଆର୍ଥିକ ସମସ୍ୟା, ବ୍ୟକ୍ତିଗତ ସିଦ୍ଧାନ୍ତ କିମ୍ବା କେବେ କେବେ ଶିକ୍ଷା ବ୍ୟବସ୍ଥା ସହ ନିରବ ବିଚ୍ଛିନ୍ନତା। ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତି ଆମ ଶିକ୍ଷା ପରିଦୃଶ୍ୟର ଏକ ଗୁପ୍ତ ଏବଂ ଗଭୀର ଦିଗକୁ ଉଜାଗର କରେ, ଯାହାକୁ ବୁଝିବା ଓ ଆଲୋଚନା କରିବା ଆଜି ଆବଶ୍ୟକ।

ଅନେକ ବିଦ୍ୟାଳୟରେ ଆଜିକାଲି ପରୀକ୍ଷା ପଞ୍ଜିକରଣ ପ୍ରକ୍ରିୟା ଏକ ଔପଚାରିକ ରୀତିରେ ପରିଣତ ହୋଇ ଚାଲିଛି। ଏହା ସାମ୍ନାକୁ ଆସୁଛି ଯେ ଶିକ୍ଷକମାନେ କିଛି ଛାତ୍ରଛାତ୍ରୀଙ୍କୁ ପ୍ରି-ବୋର୍ଡ ପରୀକ୍ଷା ଦେବାକୁ ଅନୁରୋଧ କରୁଛନ୍ତି, କାରଣ ଏହି ପରୀକ୍ଷାରେ ଉପସ୍ଥିତି ବୋର୍ଡ ପରୀକ୍ଷା ଫର୍ମ ପୂରଣ କରିବାର ପୂର୍ବ-ସର୍ତ୍ତ। କେତେକ କ୍ଷେତ୍ରରେ ସ୍କୁଲ କର୍ତ୍ତୃପକ୍ଷ ଅନିଚ୍ଛୁକ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ମାଟ୍ରିକ ପରୀକ୍ଷା ଦେବାକୁ ପିଲାଙ୍କୁ ବୁଝାଉଛନ୍ତି। ଫଳ ସ୍ୱରୂପ, ୧୦୦% ଛାତ୍ରଛାତ୍ରୀ ବୋର୍ଡ ପରୀକ୍ଷା ଫର୍ମ ପୂରଣ କରୁଛନ୍ତି, ଆଡମିଟ କାର୍ଡ ଜାରି ହେଉଛି ଏବଂ ସରକାରୀ ଶିକ୍ଷା ବ୍ୟବସ୍ଥାରେ ପରିସଂଖ୍ୟାନ ମଧ୍ୟ ଦେଖିବାକୁ ଚମତ୍କାର ଲାଗୁଛି, କିନ୍ତୁ ଏହି ପଞ୍ଜିକରଣ ସର୍ବଦା ପ୍ରକୃତ ଶୈକ୍ଷଣିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁନାହିଁ। ଯେଉଁ ଛାତ୍ରଛାତ୍ରୀମାନଙ୍କୁ ଟଣାହୋଇ, ବାଧ୍ୟ କରାହୋଇ ବୋର୍ଡ ପରୀକ୍ଷା ଦେବାକୁ ପଞ୍ଜିକୃତ କରା ଯାଇଥିଲା, ସେଇ ଛାତ୍ରଛାତ୍ରୀମାନେ ଆରମ୍ଭରୁ ହିଁ ପରୀକ୍ଷାରେ ବସିବାକୁ ପ୍ରସ୍ତୁତ ନଥିଲେ। ଠିକ୍ ପରୀକ୍ଷା ଦିନ ସେମାନେ ପରୀକ୍ଷାରେ ଅନୁପସ୍ଥିତ ହୋଇ ଯାଆନ୍ତି। ଆର୍ଥିକ ଅସ୍ଥିରତା, ସ୍ଥାନାନ୍ତରଣ କିମ୍ବା ଜୀବିକା ନିର୍ବାହର ଚାପ ସହିତ ଯୁଦ୍ଧ କରୁଥିବା ଅନେକ ପରିବାର ପାଇଁ ଶିକ୍ଷା, ପରୀକ୍ଷା ବା ଡିଗ୍ରୀ ପ୍ରାଥମିକତା ନୁହେଁ। ଜଣେ କିଶୋର, ଯିଏ ଛୋଟମୋଟ କାମ କିମ୍ବା କୃଷି ଶ୍ରମରେ ଯୋଗଦେଇ ଆୟ କରିବା ଆରମ୍ଭ କରି ଦେଉଛି, ତା' ପାଇଁ ମାଟ୍ରିକ୍ ପରୀକ୍ଷା ଆୟ ଆବଶ୍ୟକତାଠାରୁ କମ୍ ଜରୁରୀ। ଏହିପରି ଭାବେ ଅନେକ କିଶୋରୀ ପ୍ରାୟତଃ ବିବାହ, ଘରୋଇ ଦାୟିତ୍ୱ କିମ୍ବା ପାରିବାରିକ ଚାପ ହେତୁ ବିଦ୍ୟାଳୟରୁ ଦୂରେଇ ଯାଆନ୍ତି- ଯେଉଁଠାରେ ଶିକ୍ଷାକୁ ପାରମ୍ପରିକ ସାମାଜିକ ଭୂମିକାଠାରୁ ଅନେକ ସମୟରେ ଦ୍ୱିତୀୟ ସ୍ଥାନରେ ରଖାଯାଏ। ସେମାନଙ୍କ ପାଇଁ ମାଟ୍ରିକ୍ ପରୀକ୍ଷା କୌଣସି ନୂତନ ସୁଯୋଗର ଦ୍ୱାର ନୁହେଁ; ବରଂ ଏକ ଅତିରିକ୍ତ ବାଧା ଭାବେ ଦୃଶ୍ୟମାନ। ଯେତେବେଳେ ପରିବାରର ଜୀବନଧାରଣ ପାଇଁ ଆୟ ଅତ୍ୟାବଶ୍ୟକ ହୋଇପଡ଼େ, ସେତେବେଳେ ଶିକ୍ଷା ବା ଡିଗ୍ରୀ ବା ସାର୍ଟିଫିକେଟ ଅର୍ଥହୀନ ଲାଗେ। ସେହି ୯୯୩୦ ଅନୁପସ୍ଥିତ ପରୀକ୍ଷାର୍ଥୀ କେବଳ ଅନୁପସ୍ଥିତିର ସଂଖ୍ୟା ନୁହେଁ, ବରଂ ସେଇ ଅନୁପସ୍ଥିତିରେ ଅନେକ କଟୁ ସତ୍ୟ ମଧ୍ୟ ଲୁଚି ରହିଛି। କିଶୋରାବସ୍ଥା ଏକ ଅସ୍ଥିର ଓ ପରିବର୍ତ୍ତନଶୀଳ ପର୍ଯ୍ୟାୟ, ଯେଉଁ ସମୟରେ ଯୁବାମାନଙ୍କୁ ଆଖପାଖର ସାମାଜିକ ଦୁନିଆ ପ୍ରଭାବିତ କରିଥାଏ। ଆର୍ଥିକ ଓ ସାଂସ୍କୃତିକ ବାସ୍ତବତା ସହିତ ଏହି ଜୀବନ ପର୍ଯ୍ୟାୟରେ ଆଉ ଏକ ଆହ୍ୱାନ, ଯାହା ନିରବରେ ଶିକ୍ଷାଗତ ଫଳାଫଳକୁ ପ୍ରଭାବିତ କରେ, ତାହା ହେଉଛି ପଇସାର ଲୋଭ ଓ ଶୀଘ୍ର ସବୁ ଜିନିଷ ହାସଲ କରିବାର ଲାଳସା। ଏହି ସମୟରେ ପ୍ରେମ ସମ୍ପର୍କ, ସାଥୀମାନଙ୍କ ଚାପ ଏବଂ ବ୍ୟକ୍ତିଗତ ଆବେଗିକ ସଂଘର୍ଷ ଅନେକ ସମୟରେ ଶକ୍ତିଶାଳୀ ବିକ୍ଷେପରେ ପରିଣତ ହୁଏ, ଯାହା ଛାତ୍ରଛାତ୍ରୀଙ୍କୁ ଶିକ୍ଷାଗତ କେନ୍ଦ୍ରୀକରଣରୁ ଧୀରେ ଧୀରେ ଦୂରେଇ ଦେଇଥାଏ।

କେତେକ ମାମଲାରେ ଏପରି ସମ୍ପର୍କ ବା ଆବେଗିକ ସଂକଟ ଏତେ ଗମ୍ଭୀର ରୂପ ନେଇଥାଏ ଯେ ଏହା ବିଦ୍ୟାଳୟ ଜୀବନକୁ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ କରିଦିଏ। ଏହା ସହିତ ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳରେ କିଛି କିଶୋରଙ୍କ ମଧ୍ୟରେ ନିଶାଦ୍ରବ୍ୟ ସେବନ, ମଦ୍ୟପାନ କିମ୍ବା ହିଂସାତ୍ମକ ସାଥୀ ଗୋଷ୍ଠୀ ସହିତ ସମ୍ପୃକ୍ତି ଶିକ୍ଷାଗତ ବିଚ୍ଛିନ୍ନତାର ନୂତନ ଢାଞ୍ଚା ତିଆରି କରୁଛି। ଏହାଠାରୁ ଅଧିକ ଚିନ୍ତାଜନକ ଯେ କେତେକ ପରିସ୍ଥିତିରେ ଯୌନ ଉତ୍ପୀଡ଼ନ, ଶୋଷଣ କିମ୍ବା ସାମାଜିକ କଳଙ୍କ ମଧ୍ୟ ଛାତ୍ରଛାତ୍ରୀଙ୍କୁ- ବିଶେଷକରି ବାଳିକାମାନଙ୍କୁ- ଶିକ୍ଷାର ପରିବେଶରୁ ଦୂରେଇ ଦେଇଥାଏ। ଏଭଳି ପରିସ୍ଥିତିରେ ପରିବାର ସୁରକ୍ଷାତ୍ମକ ପଦକ୍ଷେପ ଭାବରେ ବିଦ୍ୟାଳୟରୁ ପିଲାମାନଙ୍କୁ ପ୍ରତ୍ୟାହାର କରି ଦେବାକୁ ବାଧ୍ୟ ହୁଅନ୍ତି। ଶିକ୍ଷା ବ୍ୟବସ୍ଥା ଅନେକ ସମୟରେ ଏହି ଅଦୃଶ୍ୟ କାହାଣୀମାନଙ୍କୁ ଗଣନାରେ ନେଇ ନଥାଏ, ଯାହା ଶିକ୍ଷା ଓ ସମାଜର ବର୍ତ୍ତମାନ ଓ ଭବିଷ୍ୟତକୁ ପ୍ରଭାବିତ କରେ।

ସରକାର ଯେତେବେଳେ କୋଟି କୋଟି ଟଙ୍କା ରାଜ୍ୟର ଶିକ୍ଷା ବ୍ୟବସ୍ଥା ଉପରେ ଖର୍ଚ୍ଚ କରୁଛନ୍ତି, ତେବେ ଅସୁବିଧା ରହି ଯାଉଛି କେଉଁଠି ? ରାଜ୍ୟର ପିଲାମାନେ ପାଠ ନ ପଢ଼ିବା ବା ପରୀକ୍ଷା ନଦେବା କ'ଣ ରାଜ୍ୟର ଧନ ହାନି ବା ଧନର ଅପବ୍ୟୟ ନୁହେଁ କି ? ଯଦି କିଛି ପିଲାଙ୍କର ପାଠ ପଢ଼ିବାରେ ମନ ଲାଗୁନାହିଁ, ତେବେ ତାଙ୍କ ଶିକ୍ଷା ଉପରେ ସରକାର କାହିଁକି ଏତେ ଖର୍ଚ୍ଚ କରୁଛନ୍ତି ? କ'ଣ ଶିକ୍ଷା ହିଁ କେବଳ ଏକମାତ୍ର ମାଧ୍ୟମ ଯେଉଁଥିରେ ମାନବ ସମ୍ବଳ ଗଢ଼ିହେବ ? ମନେ କରନ୍ତୁ, ଜୋର ଜବରଦସ୍ତ କରି ଆମେ କିଛି ପିଲାଙ୍କୁ ପରୀକ୍ଷା ଦେବାକୁ ବାଧ୍ୟ କରି ଦିଅନ୍ତି ଓ ସେମାନେ ପରୀକ୍ଷା ଦେଇ ପାସ୍ ମଧ୍ୟ କରି ଯାଆନ୍ତି, ହେଲେ ତା'ପରେ କ'ଣ ? କ'ଣ ସେଇ ମାଟ୍ରିକ ସାର୍ଟିଫିକେଟ ସେମାନଙ୍କୁ ଚାକିରି ଯୋଗେଇ ଦେବ ନା ଆଗକୁ ପଢ଼ିବାକୁ ପ୍ରେରଣା ଦେବ ? ସେଇ ପାଠର ମୂଲ୍ୟ କ'ଣ, ଯାହାର ନିଅଁ ହିଁ ଦୁର୍ବଳ ? ଓଲଟା ସେଇ ପିଲା, ଯାହାଙ୍କର ପାଠ ପଢ଼ିବାରେ, ପରୀକ୍ଷା ଦେବାରେ, ସାର୍ଟିଫିକେଟ ପାଇବାରେ କୌଣସି ରୁଚି ନାହିଁ ବା କ୍ଷମତା ମଧ୍ୟ ନାହିଁ, ସେଇମାନଙ୍କୁ ବାଧ୍ୟ କରି ଡିଗ୍ରୀ ବାଣ୍ଟିବାର କୌଣସି ଆବଶ୍ୟକତା ନାହିଁ। ସେଥିରେ ରାଜ୍ୟର ରାଜସ୍ୱ ହାନି। କାରଣ, ଭାରତରେ ଆଜି ଲକ୍ଷାଧିକ ଶିକ୍ଷିତ ଯୁବକ ଡିଗ୍ରୀ ଓ ପ୍ରମାଣପତ୍ର ନେଇ ଘୁରୁଛନ୍ତି, ଯାହାକୁ ନିଯୁକ୍ତିଦାତାମାନେ ବହୁ ସମୟରେ ବିନମ୍ରତାର ସହ ଅଣଦେଖା କରି ଦେଉଛନ୍ତି। ଆଧୁନିକ କାର୍ଯ୍ୟ ବଜାର ଆଉ କେବଳ ଶିକ୍ଷାଗତ ଯୋଗ୍ୟତାକୁ ମୂଲ୍ୟାୟନ କରୁନାହିଁ, ବରଂ ବ୍ୟବହାରିକ ଦକ୍ଷତା, ବୈଷୟିକ ଜ୍ଞାନ ଏବଂ କାର୍ଯ୍ୟସ୍ଥଳୀ ପ୍ରସ୍ତୁତିକୁ ଅଧିକ ଗୁରୁତ୍ୱ ଦେଉଛି। ଏହାର ପରିଣାମରେ ଏକ ସାମାଜିକ ବର୍ଗ ଗଠିତ ହେଉଛି- 'ଶିକ୍ଷିତ ବେକାରୀ'- ଯେଉଁମାନେ ବର୍ଷ ବର୍ଷ ଅଧ୍ୟୟନ କରିଛନ୍ତି, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ପ୍ରମାଣପତ୍ର ସଂଗ୍ରହ କରିଛନ୍ତି, ତଥାପି କାମ ପାଇପାରୁ ନାହାନ୍ତି। ଶିକ୍ଷିତ ବେକାରୀ ସମସ୍ୟାକୁ ସମାଧାନ କରିବା ପାଇଁ ଆବଶ୍ୟକ, ଶିକ୍ଷା ବାଣ୍ଟିବା ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ଲଗାଇବା। ସବୁ ଶିକ୍ଷିତ ଯେ ରୋଜଗାରକ୍ଷମ ବା ସବୁ ରୋଜଗାର କରୁଥିବା ବ୍ୟକ୍ତି ଯେ ଶିକ୍ଷିତ, ତାହା ଜରୁରୀ ନୁହେଁ। ଜରୁରୀ ହେଉଛି, ଯାହାକୁ ଭୋକ ଅଛି, ତାକୁ ଖାଇବାକୁ ଦିଆଯାଉ ଓ ଯାହାକୁ ଭୋକ ନାହିଁ, ତାକୁ ଖାଦ୍ୟ



ବଣ୍ଟା ନଯାଉ। ଏବେ ପ୍ରଶ୍ନ ଏହା ନୁହେଁ ଯେ ଶିକ୍ଷା ମୂଲ୍ୟବାନ କି ନୁହେଁ ? ଶିକ୍ଷା ନିଶ୍ଚିତ ଭାବରେ ମୂଲ୍ୟବାନ। ପ୍ରକୃତ ପ୍ରଶ୍ନ ହେଉଛି, ବର୍ତ୍ତମାନର ଶିକ୍ଷା ପ୍ରଣାଳୀ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଅର୍ଥପୂର୍ଣ୍ଣ କି ? କ'ଣ ଆମ ଶିକ୍ଷା ବ୍ୟବସ୍ଥା ସମାବେଶୀ କି ?

ବର୍ଷ ବର୍ଷ ଧରି ଆମେ ଏକ ସାର୍ବଜନୀନ ନୀତି ଅନୁସରଣ କରି ଆସୁଛନ୍ତି ଯେ 'ସମସ୍ତଙ୍କୁ ସମାନ ଭାବରେ ଶିକ୍ଷିତ କରିବା', କିନ୍ତୁ ମାନବୀୟ ସାମର୍ଥ୍ୟ ସ୍ୱଭାବତଃ ବିବିଧ। କେତେକ ଛାତ୍ରଛାତ୍ରୀଙ୍କର ଶକ୍ତିଶାଳୀ ବିଶ୍ଳେଷଣାତ୍ମକ କ୍ଷମତା ଥାଏ ଏବଂ ସେମାନେ ପାରମ୍ପରିକ ଶୈକ୍ଷଣିକ ପରିବେଶରେ ସହଜରେ ଉନ୍ନତି କରନ୍ତି। ଅନ୍ୟମାନଙ୍କ ପାଖରେ ଯାନ୍ତ୍ରିକ ପ୍ରତିଭା, ଉଦ୍ୟୋଗୀ ପ୍ରବୃତ୍ତି, କଳାତ୍ମକ ସୃଜନଶୀଳତା କିମ୍ବା ବୈଷୟିକ କୌତୂହଳ ଥାଏ- ଯାହା ପାରମ୍ପରିକ ଶ୍ରେଣୀକକ୍ଷ-ଆଧାରିତ ଶିକ୍ଷା ପ୍ରଣାଳୀରେ ସର୍ବଦା ପୂର୍ଣ୍ଣ ଅଭିବ୍ୟକ୍ତି ପାଇପାରେ ନାହିଁ। ଯେତେବେଳେ ଶିକ୍ଷା ପ୍ରଣାଳୀ ଏହା ଆଶା ରଖେ ଯେ ପ୍ରତ୍ୟେକ ଛାତ୍ରଛାତ୍ରୀ କେବଳ ଲିଖିତ ପରୀକ୍ଷା ମାଧ୍ୟମରେ ନିଜର କ୍ଷମତା ପ୍ରମାଣ କରିବେ, ସେତେବେଳେ କିଛି ଛାତ୍ରଛାତ୍ରୀ, ଯାହାଙ୍କର ଶକ୍ତି ଅନ୍ୟ କ୍ଷେତ୍ରରେ ରହିଛି, ସେମାନେ ଶିକ୍ଷାରୁ ବିଚ୍ଛିନ୍ନ ହୋଇଯାନ୍ତି। ଏହି ପରିସ୍ଥିତିରେ ଏକ ଅଧିକ ସନ୍ତୁଳିତ ଶିକ୍ଷା ଢାଞ୍ଚାର ଆବଶ୍ୟକତା ଅଛି, ଯାହା ପାରମ୍ପରିକ ଶୈକ୍ଷଣିକ ବିଷୟ ସମୂହ ସହିତ ଧନ୍ଦାମୂଳକ ଶିକ୍ଷା, ଦକ୍ଷତା ତାଲିମ ଏବଂ ପରୀକ୍ଷାମୂଳକ ଶିକ୍ଷାକୁ ସମନ୍ୱିତ କରିପାରିବ। ଯେଉଁ ଛାତ୍ରଛାତ୍ରୀମାନେ ବୈଷୟିକ କିମ୍ବା ବ୍ୟବହାରିକ କ୍ଷେତ୍ରରେ ଆଗ୍ରହ ଦେଖାନ୍ତି, ସେମାନେ ମାଧ୍ୟମିକ ଶିକ୍ଷାରୁ ହିଁ ଦକ୍ଷତା-ଭିତ୍ତିକ ତାଲିମ ଅନ୍ୱେଷଣ କରି ପାରିବେ। କୃଷି ପ୍ରଯୁକ୍ତିବିଦ୍ୟା, ଅକ୍ଷୟ ଶକ୍ତିର ରକ୍ଷଣାବେକ୍ଷଣ, ଡିଜିଟାଲ ସେବା, ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ ଗ୍ରାମୀଣ ଉଦ୍ୟୋଗୀତା ଭଳି କ୍ଷେତ୍ରଗୁଡ଼ିକ- ବିଶେଷତଃ ବିବିଧ ସ୍ଥାନୀୟ ଅର୍ଥନୀତି ଥିବା ରାଜ୍ୟମାନଙ୍କ ପାଇଁ ଜୀବିକା ସୃଷ୍ଟିରେ ମହାନ ସମ୍ଭାବନା ରଖିଥାଏ। ବିଶ୍ୱର କିଛି ଦେଶ-ବିଶେଷକରି ଜର୍ମାନୀ ଓ ସ୍ୱିଜରଲ୍ୟାଣ୍ଡ- ସ୍କୁଲରୁ ଚାକିରିକୁ ସଫଳ ରୂପେ ପରିବର୍ତ୍ତନ କରିବାର ମାର୍ଗ ଦେଖାଇଛନ୍ତି। ସେମାନେ ଦୃଢ଼ 'ଦ୍ୱୈତ ଶିକ୍ଷା ପ୍ରଣାଳୀ' (ଡୁଆଲ ଏଜୁକେସନ୍ ସିଷ୍ଟମ୍) ଅନୁସରଣ କରନ୍ତି, ଯେଉଁଥିରେ ଶ୍ରେଣୀ କକ୍ଷ ଶିକ୍ଷା ସହ ଗଠିତ ଶିକ୍ଷାନବୀଶ (ଆପ୍ରେଣ୍ଟିସ୍‌ସିପ୍) କାର୍ଯ୍ୟକ୍ରମକୁ ଯୋଡ଼ା ଯାଇଥାଏ। ଏପରି ଢାଞ୍ଚାରେ ଛାତ୍ରଛାତ୍ରୀମାନେ ତତ୍ତ୍ୱଗତ ଜ୍ଞାନ ସହିତ ସିଧାସଳଖ ବ୍ୟବହାରିକ ଅଭିଜ୍ଞତା ହାସଲ କରନ୍ତି, ଯାହା ଶିକ୍ଷାକୁ ଶ୍ରମ ବଜାରର ବାସ୍ତବତା ସହିତ ଯୋଡ଼ିଥାଏ। ଭାରତ ଭଳି ଏକ ଦେଶ, ଯେଉଁଠାରେ ବୃହତ ଯୁବ ଜନସଂଖ୍ୟା ଏବଂ ବିବିଧ ସାମାଜିକ-ଅର୍ଥନୈତିକ ପରିସ୍ଥିତି ରହିଛି, ଏପରି ଆଭିମୁଖ୍ୟ ଗ୍ରହଣ କରିବା ଶିକ୍ଷାର ଅର୍ଥକୁ ପରିବର୍ତ୍ତନ କରିପାରେ। ପରୀକ୍ଷା-କୈନ୍ଦ୍ରିକ ଅନୁଷ୍ଠାନ ପରିବର୍ତ୍ତେ ବିଦ୍ୟାଳୟମାନେ ସାମର୍ଥ୍ୟ ଓ ଦକ୍ଷତା ଗଠନର କେନ୍ଦ୍ରରେ ପରିଣତ ହୋଇ ପାରିବେ, ଯେଉଁଠାରେ ଛାତ୍ରଛାତ୍ରୀମାନେ ନିଜର ଅନ୍ତର୍ନିହିତ ସମ୍ଭାବନାକୁ ଆବିଷ୍କାର କରିବେ ଏବଂ ସମାଜରେ ଫଳପ୍ରଦ ଭାବେ ଅଂଶଗ୍ରହଣ କରିବାକୁ ଆବଶ୍ୟକ ଦକ୍ଷତା ବିକାଶ କରିବେ। ଯେତେବେଳେ ଯୁବ ପିଢ଼ି ଶିକ୍ଷା ଏବଂ ଜୀବିକା ମଧ୍ୟରେ ଏକ ସ୍ୱଷ୍ଟ ଓ ବାସ୍ତବ ସମ୍ପର୍କ ଦେଖିବାକୁ ଆରମ୍ଭ କରିବେ, ସେତେବେଳେ ଅନୁପସ୍ଥିତି ଓ ଅନାଗ୍ରହର ଘଟଣା ସ୍ୱାଭାବିକ ଭାବେ କମି ପାରିବ। ଛାତ୍ରଛାତ୍ରୀମାନେ କେବଳ ବାଧ୍ୟତାବଶତଃ ପରୀକ୍ଷାରେ ଯୋଗ ଦେବେ ନୁହେଁ; ବରଂ ସେମାନେ ଶିକ୍ଷା ପ୍ରକ୍ରିୟାରେ ପ୍ରକୃତ ମୂଲ୍ୟ ଦେଖିବେ ଏବଂ ତାହା ସହ ସକ୍ରିୟ ଭାବେ ଜଡ଼ିତ ହେବେ।

ଯେତେବେଳେ ହଜାର ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବା ପୂର୍ବରୁ ଶିକ୍ଷା ବ୍ୟବସ୍ଥାରୁ ବିଚ୍ଛିନ୍ନ ହୋଇ ଯାଆନ୍ତି, ସେତେବେଳେ ଏକ ନୀତିଗତ ପ୍ରଶ୍ନ ଉଠେ: ଆମେ ପ୍ରକୃତ ଶିକ୍ଷାରେ ନିବେଶ କରୁଛୁ ନା କେବଳ ଶିକ୍ଷାର ଏକ ଭ୍ରମକୁ ଧାରଣ କରି ରଖୁଛେ ? ସମ୍ଭବତଃ ଏବେ ସମୟ ଆସିଛି ଏକ ପ୍ରଚଳିତ ଚିନ୍ତନ- 'ସମସ୍ତଙ୍କ ପାଇଁ ଶିକ୍ଷା'କୁ ପୁନଃଚିନ୍ତନ କରିବାର। କେବଳ 'ସମସ୍ତଙ୍କ ପାଇଁ ଶିକ୍ଷା' କହିବା ପର୍ଯ୍ୟାପ୍ତ ନୁହେଁ। ଆଗାମୀ ଦିନର ଏହା 'ସମସ୍ତଙ୍କ ପାଇଁ ସାମର୍ଥ୍ୟ' ହେବା ଉଚିତ। କେତେକ ଛାତ୍ରଛାତ୍ରୀଙ୍କ ପାଇଁ ଏହି ସାମର୍ଥ୍ୟ ଉଚ୍ଚଶିକ୍ଷା ମାଧ୍ୟମରେ ବିକଶିତ ହୋଇପାରେ, କେତେକଙ୍କ ପାଇଁ ଏହା ବୃତ୍ତିମୂଳକ କୌଶଳ ମାଧ୍ୟମରେ ଉଦ୍ଭାସିତ ହୋଇପାରେ- ଯଥା ବୈଦ୍ୟୁତିକ ମରାମତି, ସୌର ଶକ୍ତି ସ୍ଥାପନ, ଯନ୍ତ୍ର ପରିଚାଳନା, କୃଷି ପ୍ରଯୁକ୍ତିବିଦ୍ୟା, ଡିଜିଟାଲ ସେବା, ବଢ଼େଇ କାମ, ହସ୍ତଶିଳ୍ପ, ପର୍ଯ୍ୟଟନ କିମ୍ବା ଗ୍ରାମୀଣ ଉଦ୍ୟୋଗୀତା। ଶିକ୍ଷାକୁ କେବଳ ଡିଗ୍ରୀ ଉତ୍ପାଦନର ଏକ ଯନ୍ତ୍ର ଭାବେ ନୁହେଁ, ବରଂ ମାନବୀୟ ସାମର୍ଥ୍ୟକୁ ଉନ୍ମୋଚନ କରିବାର ଏକ ବ୍ୟାପକ ପ୍ରକ୍ରିୟା ଭାବେ ବୁଝିବା ଦରକାର। ଏହି ମାନସିକତାର ପରିବର୍ତ୍ତନ ହେଲେ ଶିକ୍ଷା ସତରେ ସମାଜ ଓ ଅର୍ଥନୀତିକୁ ଶକ୍ତିଶାଳୀ କରି ପାରିବ।

ମୋ: ୬୩୭୦୯୦୫୯୪୭

# ଓଡ଼ିଆ ଜାତିର ମହାନାୟକ ମଧୁବାବୁ



ପ୍ରଭୁକଲ୍ୟାଣ ମହାପାତ୍ର

ଆଜି ଆମେ ଯେଉଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅଧିବାସୀ ଭାବରେ ଗର୍ବ ଅନୁଭବ କରୁଛନ୍ତି, ତାହା ମଧୁସୂଦନ ଦାସ ବା ମଧୁବାବୁଙ୍କ ଜୀବନବ୍ୟାପୀ ତ୍ୟାଗ ଓ ଉଦ୍ୟମ ଯୋଗୁଁ ହିଁ ସମ୍ଭବ ହୋଇପାରିଛି। ସାରା ଜୀବନ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପରିହାର କରି ସେ ତାଙ୍କର ସମସ୍ତ ଶକ୍ତି ଏବଂ ସାମର୍ଥ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ବିନିଯୋଗ କରିଥିଲେ। ସ୍ୱତନ୍ତ୍ର ରାଜ୍ୟ ଗଠନ ଲାଗି ତାଙ୍କର ଅନାବିଳ ଆନ୍ତରିକତା, ଅବଦମିତ ପ୍ରଚେଷ୍ଟା ତଥା ଅପ୍ରତିହତ ମାନସିକ ଦୃଢ଼ତା ଲାଗି ଅବଶ୍ୟ ମଧୁବାବୁ ଓଡ଼ିଆ ଜାତିର ଚିର ବନ୍ଦନୀୟ ହୋଇ ରହିବେ। ତାଙ୍କ ଭଳି ଜଣେ ମହାନ ଦେଶପ୍ରେମୀ ତଥା ଜନସେବକଙ୍କ ଲାଗି ପୃଥିବୀର ଯେକୌଣସି ଦେଶର ଲୋକ ନିଶ୍ଚୟ ଗର୍ବ ଅନୁଭବ କରିବେ।

ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ନିଜକୁ ସମର୍ପିତ କରି ଦେଇଥିବା ଓଡ଼ିଆ ଜାତିର ଏହି ମହାନାୟକ ଜଣକ ତାଙ୍କ ସମୟର ପ୍ରବୀଣ ରାଜନୀତିଜ୍ଞମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ। ସେ ଥିଲେ ନିର୍ଭୀକ, ନୀତିନିଷ୍ଠ, ଚମତ୍କାର ବକ୍ତା, ପ୍ରଖ୍ୟାତ ରାଜନେତା ଏବଂ ବିଚକ୍ଷଣ ଆଇନଜ୍ଞ। ରାଜନୀତିକ ମହାନୁଭବତା ଓ ସ୍ୱାଧୀନ ଚିନ୍ତା ପାଇଁ ସେ ସର୍ବଜନବିଦିତ ଥିଲେ। ନିଜର ନିଷ୍ଠା ଓ ଦକ୍ଷତା ବଳରେ ନିଜ ପାଇଁ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଥିବା ମଧୁବାବୁ ତାଙ୍କ ସମୟ ଠାରୁ ଥିଲେ ଯଥେଷ୍ଟ ଆଗରେ।

ବ୍ରିଟିଶ ସରକାର ଅଧୀନରେ ମନ୍ତ୍ରୀ ହେବାକୁ ସେତେବେଳେ ସ୍ୱାଧୀନତା ସଂଗ୍ରାମୀମାନେ ଘୋର ନାପସନ୍ଦ କରୁଥିଲେ। କିନ୍ତୁ ମଧୁବାବୁ ମନ୍ତ୍ରୀ ଥିବାବେଳେ ଯେଉଁଳି କାର୍ଯ୍ୟ କରିଥିଲେ, ତାକୁ ଖୋଦ୍ ମହାତ୍ମା ଗାନ୍ଧୀ ଉଚ୍ଚ ପ୍ରଶଂସା କରିଥିଲେ। ଗାନ୍ଧିଜୀ କହିଥିଲେ, ଯେକୌଣସି ବ୍ୟକ୍ତି ମିଷ୍ଟର ଦାସଙ୍କ ଭଳି ମନ୍ତ୍ରୀ ହୋଇ କାମ କଲେ, ସେ ତାଙ୍କୁ ସ୍ୱାଗତ କରିବେ।

ମଧୁବାବୁ ଥିଲେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମାର୍ଗଦର୍ଶକ। ଅନେକ କ୍ଷେତ୍ରରେ ଗାନ୍ଧିଜୀ ମଧୁବାବୁଙ୍କୁ ଗୁରୁ ବୋଲି ମନେକରି ସମ୍ମାନ ଜଣାଉଥିଲେ। ମହାତ୍ମା ଗାନ୍ଧୀ ୧୯୩୦ ମସିହାରେ ଦେଶରେ ଲବଣ ସତ୍ୟାଗ୍ରହ ଆରମ୍ଭ କରିବାର ୪୭ ବର୍ଷ ପୂର୍ବରୁ (୧୮୮୩ ମସିହାରେ) ମଧୁବାବୁ ତାହା ଓଡ଼ିଶାରେ ରୂପାୟନ କରି ସଫଳ ହୋଇଥିଲେ। ସେହିପରି ଗାନ୍ଧିଜୀ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟକ୍ରମ ଗ୍ରହଣ କରିବା ପୂର୍ବରୁ ମଧୁବାବୁ ଉତ୍କଳ ଟ୍ୟାନେରୀରେ ହରିଜନମାନଙ୍କୁ ସାମିଲ କରି ସେହି ପଦକ୍ଷେପର ଶୁଭାରମ୍ଭ କରି ସାରିଥିଲେ। ମଧୁବାବୁଙ୍କ ଅସ୍ପୃଶ୍ୟତା ବିରୋଧୀ ଉଦ୍ୟମ ବିଷୟରେ ବାପୁ ୧୯୩୪ ସେପ୍ଟେମ୍ବର ୬ ତାରିଖ 'ହରିଜନ' ପତ୍ରିକାରେ ଉଲ୍ଲେଖ କରିଥିଲେ, ''ମଣିଷ ସମାଜର ଏକ ଅଂଶ ପ୍ରତି ଆମେ ଯେଉଁ ଅବିଚାର କରି ଚାଲିଛେ, ସ୍ୱର୍ଗତ ଦାସ (ମଧୁବାବୁଙ୍କ ମୃତ୍ୟୁର ୨ ମାସ ପରେ) ସେଥିନେଇ ମୋର ଆଖି ଖୋଲି ଦେଇଥିଲେ। ଆମେ ଯେଉଁ ଅପରାଧ କରି ଚାଲିଛେ, ତା'ର ପ୍ରାୟଶ୍ଚିତ୍ତ ଓ ନିରାକରଣ ପାଇଁ ସେ ଶିକ୍ଷାମୂଳକ ଭାବେ ଉତ୍କଳ ଟ୍ୟାନେରୀ ଖୋଲିଥିଲେ। ତାଙ୍କର ଏହି ଉଦ୍ୟୋଗ ଆଶାତୀତ ସଫଳତା ହାସଲ କରିପାରି ନଥିଲେ ସୁଦ୍ଧା ସେ କଟକର ଶହ ଶହ ଜୋତା କାରିଗରଙ୍କୁ ଉନ୍ନତ ଜୀବନ ଧାରଣର ପନ୍ଥା ଯୋଗାଇବାର ଗୁରୁଦାୟିତ୍ୱ ବହନ କରିଥିଲେ।''

ଗାନ୍ଧିଜୀ ଚରଖା ପ୍ରବର୍ତ୍ତନ କରିବା ପୂର୍ବରୁ ମଧୁବାବୁଙ୍କ ଶିଳ୍ପାୟନ ପଦକ୍ଷେପ ତାଙ୍କ ସ୍ୱଦେଶ ପ୍ରୀତିର ସଂକେତ ବହନ କରିଥିଲା, ଯାହା ବାପୁଙ୍କୁ ବହୁଳ ଭାବରେ ଅନୁପ୍ରାଣୀତ କରିଥିଲା। ୧୯୨୫ରୁ ୧୯୩୮ ମସିହା ଦୀର୍ଘ ୧୩ ବର୍ଷ ପର୍ଯ୍ୟନ୍ତ ମଧୁବାବୁଙ୍କୁ ନିଜର ମାର୍ଗଦର୍ଶକ ରୂପେ ଅଭିହିତ କରି ଗାନ୍ଧିଜୀ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ନାମୋଲ୍ଲେଖ କରିଥିଲେ। ସର୍ବୋପରି ମଧୁବାବୁ ତାଙ୍କ ପାଇଁ ଦ୍ୱିତୀୟ ଟଲଷ୍ଟୟ ଥିଲେ ବୋଲି ମୋହନ ଦାସ କରମଚାନ୍ଦ ଗାନ୍ଧୀ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ।

ବର୍ତ୍ତମାନ ଜନସେବାରେ ବ୍ରତୀ ରାଜନେତାମାନେ ତାଙ୍କର ଦରମା, ଭତ୍ତା, ପେନ୍‌ସନ ବୃଦ୍ଧି ଲାଗି ଆହେତୁକ ତତ୍ପରତା ପ୍ରକାଶ କରୁଛନ୍ତି। ସେଥିପାଇଁ ୨୦୨୫ ମସିହା ବିଧାନସଭାର ଶୀତକାଳୀନ ଅଧିବେଶନରେ ମନ୍ତ୍ରୀ, ବିଧାୟକମାନଙ୍କ ବେତନ ବୃଦ୍ଧି ସମ୍ପର୍କିତ ବିଲ୍‌ଗୁଡ଼ିକ ଅବିଳମ୍ବେ ନିର୍ବିରୋଧରେ ଗୃହର ଅନୁମୋଦନ ଲାଭ କରିଥିଲା। ତେବେ ସେଥିନେଇ ଜନସାଧାରଣଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ଯୋଗୁଁ ସେହି ବିଲ୍‌ଗୁଡ଼ିକ ୨୦୨୬ ମାର୍ଚ୍ଚ ୨୬ ତାରିଖରେ ବିଧାନସଭାରେ ପ୍ରତ୍ୟାହାର କରି ନିଆଯାଇଛି।

ମାତ୍ର ମଧୁବାବୁ ସେଥିନେଇ ଜଣେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ବ୍ୟକ୍ତିତ୍ୱ ଥିଲେ। ବିନା ବେତନରେ ମନ୍ତ୍ରୀ ପଦର ଗୁରୁଦାୟିତ୍ୱ ତୁଲାଇବା ପାଇଁ ବିଧାନ ପରିଷଦରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିବା ପରେ ସେ ସେଥିନେଇ ରାଜ୍ୟପାଳଙ୍କ ନିକଟକୁ ନିର୍ଭୀକ ଭାବରେ କଠୋର ଭାଷାରେ ଯେଉଁ ଚିଠି



ଲେଖିଥିଲେ, ତାହା ଆଜି ମଧ୍ୟ ପ୍ରାସଙ୍ଗିକ ମନେ ହୁଏ।

ଶହେ ବର୍ଷ ତଳେ ମଧୁବାବୁ ୧୯୨୩ ମାର୍ଚ୍ଚ ୮ ତାରିଖରେ ବିହାର-ଓଡ଼ିଶା ରାଜ୍ୟପାଳ ଏଚ୍ ହ୍ୱିଲରଙ୍କ ନିକଟକୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ, ''ମନ୍ତ୍ରୀ ପଦଟି ସମ୍ପୂର୍ଣ୍ଣ ଅବୈତନିକ ହେବା ଉଚିତ ବୋଲି ପୂର୍ବରୁ ମୁଁ ସ୍ପଷ୍ଟ ଭାବରେ ଜଣାଇ ଦେଇଛି। ବର୍ତ୍ତମାନ ମଧ୍ୟ ମୋର ସେହି ମତ ଅପରିବର୍ତ୍ତିତ ରହିଛି। ସାରା ପ୍ରଦେଶରେ ଜିଲ୍ଲା ବୋର୍ଡ ଓ ଲୋକାଲ ବୋର୍ଡ ଭଳି ସ୍ୱାୟତ୍ତ ଶାସନ ସଂସ୍ଥାରେ ବିନା ବେତନରେ କାମ କରୁଥିବା ଶହ ଶହ କର୍ମଚାରୀଙ୍କୁ ଅନୁପ୍ରାଣୀତ କରିବାକୁ ହେଲେ, ବିଭାଗୀୟ ମନ୍ତ୍ରୀ ପଦ ମଧ୍ୟ ସମ୍ପୂର୍ଣ୍ଣ ଅବୈତନିକ ହେବା ଉଚିତ। ମୋତେ ଯଦି ଓକିଲାତି କରି ଜୀବିକାର୍ଜନ କରିବାକୁ ଅନୁମତି ମିଳିବ, ତେବେ ମୁଁ ଅବୈତନିକ ମନ୍ତ୍ରୀ ଭାବରେ କାମ କରିବାକୁ ସମ୍ପୂର୍ଣ୍ଣ ସମ୍ମତ ଅଛି। ଓକିଲାତି କରିବା ଦ୍ୱାରା ମନ୍ତ୍ରୀ ହିସାବରେ ଯଥାର୍ଥ କର୍ତ୍ତବ୍ୟ ପାଳନରେ ମୁଁ ଅବହେଳା କରିବାର ପ୍ରଶ୍ନ ଉଠୁ ନାହିଁ। ଅନ୍ୟ କୌଣସି ସୂତ୍ରରୁ ମୋର ଆୟର ଯଦି କିଛି ବାଟ ଥାଆନ୍ତା, ତେବେ ମୁଁ କେବେ ହେଲେ ଓକିଲାତି କରିବାକୁ ଅନୁମତି ଲୋଡ଼ନ୍ତି ନାହିଁ।

ଜଣେ ବ୍ୟକ୍ତି ଓକିଲାତି କରିବା ସଙ୍ଗେସଙ୍ଗେ ମନ୍ତ୍ରୀ ହେବାରେ କିଛି ଅସୁବିଧା ବା ଅସ୍ୱାଭାବିକତା ନାହିଁ। ପୂର୍ବରୁ ଜଣେ ଜମିଦାର ମଧ୍ୟ ଭାଇସ୍‌ରାୟଙ୍କ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର ସଭ୍ୟ ହୋଇ ପାରିଛନ୍ତି। ଦରଭଙ୍ଗାର ମହାରାଜାଧିରାଜ ହେଉଛନ୍ତି ପ୍ରଥମ ଭାରତୀୟ, ଯିଏ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର ସଭ୍ୟ ହୋଇଥିଲେ। ସେହିପରି ମହାମୁଦାବାଦ ରାଜା ଯୁକ୍ତପ୍ରଦେଶ କାଉନ୍‌ସିଲର ଜଣେ ଅବୈତନିକ ସଭ୍ୟ ଭାବରେ ନିଯୁକ୍ତି ପାଇଛନ୍ତି।

ଆମ ଦେଶରେ ଆଇନ ବ୍ୟବସାୟକୁ ସର୍ବଦା ଏକ ସମ୍ମାନଜନକ ଆସନ ଦିଆଯାଇଛି। ଦେଶର ଆଇନଜୀବୀମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ପ୍ରାଦେଶିକ ଓ ଭାରତ ସରକାର ଏକଜିକ୍ୟୁଟିଭ୍ ପ୍ରାଦେଶିକ ତଥା କେନ୍ଦ୍ର ସରକାରରେ କାର୍ଯ୍ୟ କରିଛନ୍ତି ଏବଂ କାର୍ଯ୍ୟକାଳ ସମାପନ ପରେ ସେମାନେ ପୁଣି କଚେରିରେ ଓକିଲାତି କରିଛନ୍ତି। ତେଣୁ ମନ୍ତ୍ରୀ ହୋଇ ଓକିଲାତି କରିବାରେ ସମ୍ମାନହାନିର କୌଣସି ପ୍ରଶ୍ନ ଉଠି ନପାରେ । ତେବେ ମଧୁବାବୁଙ୍କର ଏହି ପ୍ରସ୍ତାବକୁ ରାଜ୍ୟପାଳ ଅଗ୍ରାହ୍ୟ କରିଦେବାରୁ ସେ ଇସ୍ତଫା ଦେଇ ମନ୍ତ୍ରୀ ପଦରୁ ଅବ୍ୟାହତି ନେଇଥିଲେ।

ଆଜି ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ସ୍ୱଚ୍ଛଳ ବା ଧନୀକ ମନ୍ତ୍ରୀ, ବିଧାୟକମାନେ ଗରିବ ଟିକସଦାତାଙ୍କ ଅର୍ଥରାଶିରେ ପ୍ରଦତ୍ତ ସେମାନଙ୍କ ଦରମା ଓ ଭତ୍ତା ନେବା ଲାଗି ସାମାନ୍ୟତମ ସଂକୋଚ ବା ଲଜ୍ୟା ଅନୁଭବ କରୁ ନାହାନ୍ତି। ଏଭଳି ପରିସ୍ଥିତିରେ ଓକିଲାତି କରି ନିଜର ଜୀବିକାର୍ଜନ ଲାଗି ପ୍ରସ୍ତାବ ବାଢ଼ିବା ଏବଂ ସମ୍ପୂର୍ଣ୍ଣ ଅବୈତନିକ ମନ୍ତ୍ରୀ ପଦର ଗୁରୁଦାୟିତ୍ୱ ନିର୍ବାହ ପାଇଁ ମଧୁବାବୁଙ୍କ ବଳିଷ୍ଠ ଯୁକ୍ତି ଏବର ମନ୍ତ୍ରୀ, ବିଧାୟକମାନଙ୍କ ନିମନ୍ତେ 'ଗୁରୁମନ୍ତ୍ର' ହୋଇପାରିଲେ, ତାହା ତାଙ୍କ ସ୍ମୃତି ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ।

ମୋ : ୯୯୩୭୬୧୧୩୮୯

ନିତିଦିନ NITIDIN
ବୁଧବାର, ୨୯ ଏପ୍ରିଲ ୨୦୨୬

## ମଣିପୁରର ମଣିଷ

ମଣିପୁର ପୁଣିଥରେ ସମ୍ବାଦପତ୍ରଗୁଡ଼ିକର ଶିରୋନାମା ମଣ୍ଡନ କରିଛି, ଠିକ୍ ସେହି ସମାନ କାରଣ ପାଇଁ, ଯେଉଁ କାରଣ ଗତ ତିନି ବର୍ଷ ଧରି ସେଠାରେ ରହି ଆସିଛି: ହିଂସା। ସଦ୍ୟତମ ହିଂସାକାଣ୍ଡର ଲହର ଆରମ୍ଭ ହୋଇଛି ଏପ୍ରିଲ ୭ ତାରିଖରେ, ଯେତେବେଳେ ଦୁଇ ଜଣ ପିଲା ବୋମା ବିସ୍ଫୋରଣରେ ପ୍ରାଣ ହରାଇଲେ ଏବଂ ସେବେଠାରୁ ଅଦ୍ୟାବଧି ଡଜନେରୁ ଅଧିକ ସଂଖ୍ୟକ ଲୋକଙ୍କ ପ୍ରାଣ ହାନିର କାରଣ ସାଜି ସାରିଲାଣି। ହିଂସାକାଣ୍ଡର ପୂର୍ବ ଅଧ୍ୟାୟଗୁଡ଼ିକରେ ସଂଖ୍ୟାଗରିଷ୍ଠ ମୈତେଇ ସମ୍ପ୍ରଦାୟ ଏବଂ କୁକି ଜନଜାତିର ଲୋକମାନେ ପ୍ରମୁଖ ଖେଳାଳିମାନେ ଥିଲେ, ସଦ୍ୟତମ ଘଟଣାରେ କୁକି ଏବଂ ନାଗା ଜନଜାତିର ଲୋକମାନେ ସମ୍ପୃକ୍ତ ଅଛନ୍ତି। ସଦ୍ୟତମ ହିଂସାକାଣ୍ଡ ଘଟଣାର ପର୍ଯ୍ୟାୟ ସେତିକି ବେଳେ ଆରମ୍ଭ ହୋଇଛି, ଯେତେବେଳେ କି ଏହି ସୀମାନ୍ତ ରାଜ୍ୟ ମେ' ୩ ତାରିଖଠାରୁ ପରିଲକ୍ଷିତ କରି ଆସିଥିବା ହିଂସାକାଣ୍ଡ ଏବଂ ଅଶାନ୍ତି ପରେ ଶାନ୍ତିର ପଥରେ ଏହାର ଯାତ୍ରା ଖୁବ୍ କମ୍ ଦିନ ହେବ ଆରମ୍ଭ କରିଥିଲା। ଏହି ସଦ୍ୟତମ ହିଂସାକାଣ୍ଡର ଲହରୀ ମଧ୍ୟ ସେତିକି ବେଳେ ଘଟିଛି, ଯେତେବେଳେ ମୈତେଇ ସମ୍ପ୍ରଦାୟରୁ ଆସିଥିବା ନୂଆ ମୁଖ୍ୟମନ୍ତ୍ରୀ ଯୁମ୍‌ନାମ୍ ଖେମ୍‌ଚାନ୍ଦ ସିଂହଙ୍କ ଦ୍ୱାରା ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଆଉ ପାଦେ ଆଗକୁ ଯାଇ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ସବୁ ପ୍ରକାରର ଉଦ୍ୟମ ଆରମ୍ଭ କରାଯାଇଥିଲା। ଏକଥା ସତ ଯେ ଉଭୟ ଗୋଷ୍ଠୀର ଲୋକମାନେ ଗଣ୍ଡଗୋଳ ପଛରେ ଯେଉଁସବୁ କାରଣ ଦର୍ଶାଉଛନ୍ତି, ସେସବୁର ମୂଳ ଏହି ଅଞ୍ଚଳର ଇତିହାସ ଏବଂ ଭୂଗୋଳରେ ରହିଛି, ଆଉ ସେଥିପାଇଁ ଏହି ହିଂସାକାଣ୍ଡ ଖୁବ୍ ଶୀଘ୍ର ଶେଷ ହୋଇଯିବାର ସମ୍ଭାବନା କ୍ଷୀଣ। କିନ୍ତୁ କେନ୍ଦ୍ର ଓ ରାଜ୍ୟରେ ଥିବା ସରକାରଙ୍କ ପାଇଁ ତାହା ଗୋଟିଏ କାରଣ ହୋଇ ନପାରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଉଦ୍ୟମ କରିବା ପାଇଁ। ହିଂସାକାଣ୍ଡର ଶୈଳୀକୁ ଟିକେ ନିରିଖେଇ ଦେଖିଲେ ଜଣାପଡ଼େ ଯେ ଏହା ପଛରେ ଏକ ସାଧାରଣ ସୂତ୍ର ରହିଛି, ଯାହାକୁ ଆଇନର ଶାସନକୁ ସମ୍ମାନ ଦେଉଥିବା କୌଣସି ସମାଜ ଗ୍ରହଣ କରି ପାରିବ ନାହିଁ କି ସେଥି ସହିତ ଖାପ ଖୁଆଇ ଚଳି ପାରିବ ନାହିଁ। ଏହା ହେଉଛି ସମ୍ପ୍ରଦାୟ ଏବଂ ଗ୍ରାମମାନଙ୍କର ସୁରକ୍ଷା ପାଇଁ ସେଠାରେ ମୁତୟନ ହୋଇଥିବା ସଶସ୍ତ୍ର ଗୋଷ୍ଠୀମାନଙ୍କର ଉପସ୍ଥିତି।

ଏହି ସଶସ୍ତ୍ର ଗୋଷ୍ଠୀ ସେଠାରେ ଅବାଧରେ ବିଚରଣ କରୁଛନ୍ତି, ଯେଉଁମାନେ ସେଠାକାର ବାସିନ୍ଦାମାନଙ୍କୁ ଏକ ସୁରକ୍ଷାର ଆଶ୍ୱାସନା ପ୍ରଦାନ କରୁଛନ୍ତି, ଯେଉଁମାନେ କି ଗୋଟିଏ ସମ୍ପ୍ରଦାୟର। ପରସ୍ପରର ସମ୍ପତ୍ତିକୁ ଜବର ଦଖଲ କରିବାର ଅଭିଯୋଗ ବା ସୀମା ଅତିକ୍ରମ କରି ସମ୍ପତ୍ତି ଅପହରଣର କାଣ୍ଡ ଏହିଭଳି ଭାବାବେଗରେ ନିଆଁ ଲଗାଇ ପାରେ, ଯାହାର ପରିଣତି ସ୍ଥିରତାରେ ବଡ଼ ଧରଣର ବ୍ୟାଘାତ ସୃଷ୍ଟି କରିବ ଏବଂ ଏମିତିକି କେତେକଙ୍କ ପ୍ରାଣ ମଧ୍ୟ ନେଇପାରେ। ମୁଖ୍ୟମନ୍ତ୍ରୀ ସିଂହଙ୍କ ସରକାର ଆଇନର ଶାସନର ପ୍ରାଥମିକତାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରି ଆସୁଛନ୍ତି, କିନ୍ତୁ ଏହାର ଉଦ୍ୟମରେ କ୍ୱଚିତ୍ ସଫଳ ହୋଇ ପାରିଛନ୍ତି। ଏହି ଅଶାନ୍ତି ଓ ଗଣ୍ଡଗୋଳ ଏକ ବହୁ-ସାମ୍ପ୍ରଦାୟିକ ସଂଘର୍ଷରେ ପରିଣତ ହୋଇ ଯାଇଛି, ଯାହା କେବଳ ରାଜ୍ୟ ସରକାର ନୁହେଁ, ବରଂ ବିଭିନ୍ନ ପ୍ରକାରର ହିତଧାରକଙ୍କ ପକ୍ଷରୁ ହସ୍ତକ୍ଷେପ ଆବଶ୍ୟକ କରିବ। ପ୍ରଥମ ପଦକ୍ଷେପ ଭାବରେ ସବୁ ଆତଙ୍କୀ ଗୋଷ୍ଠୀଙ୍କ ନିକଟରେ ବାର୍ତ୍ତାଟିଏ ପହଞ୍ଚାଇବାକୁ ପଡ଼ିବ ଯେ ଆଇନ ଶୃଙ୍ଖଳା ରକ୍ଷା କରିବା ହେଉଛି ସରକାରଙ୍କ ଦାୟିତ୍ୱ ଏବଂ ଏହା ତାଙ୍କର ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବେ।

ଏହି ଦୃଶ୍ୟପଟରେ କେନ୍ଦ୍ର ସରକାରଙ୍କୁ ଏକ ବଡ଼ ଭୂମିକା ତୁଲାଇବାର ଅଛି। ଏଭଳି କହିବାର କାରଣ, ଏହା ନିରବରେ ସବୁକିଛିକୁ ଲକ୍ଷ୍ୟ କରିଥିଲେ ଏବଂ ଏମିତିକି ବୀରେନ୍ ସିଂହଙ୍କୁ ଉତ୍ସାହିତ କରିଥିଲେ, ଯେତେବେଳେ କି ଏହି ରାଜ୍ୟ ଏହାର ଇତିହାସରେ ସର୍ବାଧିକ ବିଶୃଙ୍ଖଳିତ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସେ ମୁଖ୍ୟମନ୍ତ୍ରୀ ଭାବରେ ଏକ ପକ୍ଷପାତୀ ସରକାର ଚଳାଉ ଥିଲେ। ଏହା ବର୍ତ୍ତମାନର ରାଜ୍ୟ ସରକାରଙ୍କୁ ଏଭଳି ଭାବରେ ସହାୟତା ଯୋଗାଇ ଦେବା ଉଚିତ, ଯେପରିକି ଏହା ସୁନିଶ୍ଚିତ କରାଯାଇ ପାରିବ ଯେ ପ୍ରତି ଗ୍ରାମରେ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ, ଗୋଷ୍ଠୀ ଆତଙ୍କୀଙ୍କର ନୁହେଁ, କାର୍ଯ୍ୟକାରୀ ହେବ, ତେଣିକି ସେ ଗ୍ରାମ ମୈତେଇମାନଙ୍କର ହେଉ କି କୁକିମାନଙ୍କର ଅଥବା ନାଗାମାନଙ୍କ ଦ୍ୱାରା ଅଧ୍ୟୁଷିତ। ଏହା ମଧ୍ୟ ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟଙ୍କୁ ରାଜ୍ୟ ପ୍ରଶାସନର ଆଇନ କାନୁନ୍ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ପରିବର୍ତ୍ତେ ସେସବୁ ଉପରେ ଭରସା କରିବା ପାଇଁ ପ୍ରବର୍ତ୍ତାଇବା ଉଚିତ, କାରଣ ସରକାର ରାଜ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ସବୁ ପ୍ରକାରର ଉଦ୍ୟମ କରୁଛନ୍ତି। ଏହା ମଧ୍ୟ ରାଜ୍ୟପାଳ ଅଜୟ କୁମାର ଭାଲ୍ଲାଙ୍କ ସେବାକୁ ଉପଲବ୍ଧ କରି ପାରିବେ, ଯିଏକି ରାଜ୍ୟରେ ଯେତେବେଳେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା, ସେତେବେଳେ ରାଜ୍ୟ ସରଞ୍ଜାମ ଉପରେ ଲୋକମାନଙ୍କ ବିଶ୍ୱାସ ସ୍ଥାପନ କରିବାକୁ ଦୃଢ଼ ପଦକ୍ଷେପମାନ ନେଇଥିଲେ। ସେ ମଧ୍ୟ ରାଜ୍ୟରେ ଶାନ୍ତି ପ୍ରତିଷ୍ଠାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଲୋକମାନଙ୍କୁ ସରକାରଙ୍କ ଉପରେ ଆସ୍ଥା ସ୍ଥାପନ କରିବା ଉଦ୍ଦେଶ୍ୟରେ ବେଶ୍ ପ୍ରୋତ୍ସାହିତ କରିଥିଲେ ଯେଉଁଥିପାଇଁ ସେ ସମୟରେ ସଂଘର୍ଷକାରୀ ଗୋଷ୍ଠୀମାନେ ସରକାରଙ୍କ ନିକଟରେ ସେମାନଙ୍କର ଅସ୍ତ୍ରଶସ୍ତ୍ରମାନ ସମର୍ପଣ କରି ଦେଇଥିଲେ। ବିଭିନ୍ନ ସମ୍ପ୍ରଦାୟଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଲୋକମାନଙ୍କ ଆସ୍ଥାକୁ ପୁନଃସ୍ଥାପିତ କରିବା ହେଉଛି ପ୍ରଥମ ପଦକ୍ଷେପ, ଯାହା ମଣିପୁରକୁ ଏକ ଅଶାନ୍ତ ରାଜ୍ୟରୁ ଶାନ୍ତ ରାଜ୍ୟରେ ପରିଣତ କରି ପାରିବ। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ସୁନିଶ୍ଚିତ କରିବା ପାଇଁ ସେମାନଙ୍କ ନିକଟରେ ଉପଲବ୍ଧ ସବୁ ପ୍ରକାରର ସାଧନକୁ କାର୍ଯ୍ୟରେ ଲଗାଇବା ଉଚିତ।

## ବନ୍ଧନ ଓ ଆକର୍ଷଣ

କୌଣସି ଦୁଇଟି ବସ୍ତୁକୁ ଏକତ୍ର କରିବାକୁ ଆମେ ନାନାଦି ଯୋଜନା କରିଥାଉ। କେଉଁଠାରେ ଅଠା, ଢଳେଇର ବ୍ୟବସ୍ଥା ହୋଇଥାଏ ତ କେଉଁଠାରେ ଦୁଇଟି ବସ୍ତୁକୁ ବାନ୍ଧି ଦେଇଥାଉ। ବେଳେବେଳେ ବିଭିନ୍ନ ଜୀବଙ୍କୁ ଆୟତ୍ତରେ ରଖିବା ପାଇଁ ସେମାନଙ୍କୁ ମଧ୍ୟ ବାନ୍ଧିବାର ବ୍ୟବସ୍ଥା କରିଥାଉ। ଏହିସବୁ ବନ୍ଧନକୁ ଦେଖି ହୋଇଥାଏ। ହେଲେ ଅନ୍ୟ ଏକ ବନ୍ଧନକୁ ଦେଖିବା ସହଜ ନୁହେଁ। ତାହା ହେଲା, ଆମ ମନର ବନ୍ଧନ। ମନରେ ମଧ୍ୟ କାହା ପ୍ରତି ନା କାହା ପ୍ରତି ଆମର ଥାଏ ଆକର୍ଷଣ। ଏହା ବନ୍ଧନର ଭିନ୍ନ ଏକ ରୂପ। ପ୍ରାଣୀମାନଙ୍କ ସହିତ ଆମର ଯେମିତି ବନ୍ଧନ ଥାଏ, ସେମିତି ବନ୍ଧନ ମଧ୍ୟ ଥାଏ ଜଡ଼ ବସ୍ତୁ ପ୍ରତି। ପ୍ରାଣୀମାନଙ୍କ ସହିତ ବନ୍ଧନରେ ଥାଏ ଭାବଗତ ସମ୍ପର୍କ- କୌଣସି ମଣିଷ ହେଉ ବା ଗୃହପାଳିତ ପଶୁ, ପକ୍ଷୀ। ସେମାନଙ୍କ ସହ ଆମେ ମିଶିଥାଉ। ସେମାନଙ୍କଠାରୁ ପାଇଥାଉ ସ୍ନେହ, ଶ୍ରଦ୍ଧା। କେବେ କେବେ ପଶୁ-ପକ୍ଷୀମାନେ ଆମ ପାଖକୁ ଆସି ଥାଆନ୍ତି। ଏମାନଙ୍କ ପ୍ରତି ଆମର ଆସିଥାଏ ମମତା। ଏହି ଜୀବମାନେ ମଧ୍ୟ ସମୟକ୍ରମେ ଆମର ଅନୁପସ୍ଥିତିକୁ ଅନୁଭବ କରି ଥାଆନ୍ତି। ଖୋଜି ଥାଆନ୍ତି।

କିନ୍ତୁ କିଛି ବସ୍ତୁ ପ୍ରତି ଥାଏ ଆମର ମମତା। ସେହି ବସ୍ତୁମାନଙ୍କୁ ଆମେ ଯେମିତି ଖୋଜିଥାଉ, ସେମାନେ ଆମକୁ ଖୋଜି ନଥାନ୍ତି। ଜୀବମାନଙ୍କୁ କେହି ଅଚିହ୍ନା ଲୋକ ନେଇଗଲେ ସେ ପ୍ରତିକ୍ରିୟା ପ୍ରକାଶ କରିଥାଏ। ଆମର ମମତାକୁ ମନେ ପକାଇ ଥାଏ। ସୁଯୋଗ ପାଇଲେ ଆମ ନିକଟକୁ ଫେରି ଆସିଥାଏ। ମାତ୍ର ଆମେ ଭଲ ପାଉଥିବା ବସ୍ତୁକୁ ଅନ୍ୟ କେହି ନେଇଗଲେ ସେ ପ୍ରତିକ୍ରିୟା ପ୍ରକାଶ କରି ନଥାଏ। କିମ୍ବା ତା' ମାଲିକ ପାଖକୁ ଫେରି ଆସିବାର ପ୍ରଚେଷ୍ଟା ମଧ୍ୟ ନଥାଏ ତା' ଭିତରେ।

ଆମେ କିନ୍ତୁ ଅନେକ ସମୟରେ ବସ୍ତୁ ପ୍ରତି ମମତାରେ ଯୋଡ଼ି ହୋଇଥାଉ। ବସ୍ତୁର ମୂଲ୍ୟ, ଗୁରୁତ୍ୱ ସହିତ ଆମର ଭାବଗତ ସମ୍ପର୍କ ରହିଥାଏ। ବିଚିତ୍ର ଓ ଆଶ୍ଚର୍ଯ୍ୟ କଥା ହେଲା, ଆମେ ଜାଣିଛୁ ଏବଂ ବୁଝିଛୁ କୌଣସି ବସ୍ତୁ ଆମକୁ ଖୋଜି ନଥାନ୍ତି। ତଥାପି ଆମେ କେତେକ ଜିନିଷ ପ୍ରତି ମମତା ଯୋଡ଼ିଥାଉ। ମୋର ମୋର କହି ଆପଣେଇ ଥାଉ। ସେହି ବସ୍ତୁମାନଙ୍କୁ ସୁରକ୍ଷା ଦେବାରେ ଆମେ ସହୁଥାଉ ଅନେକ ଯନ୍ତ୍ରଣା; କଷ୍ଟ। ତଥାପି ବସ୍ତୁକୁ ଜୀବନରେ ଗୁରୁତ୍ୱ ଦେଉ। ଯେଉଁମାନଙ୍କୁ ଆମେ ବନ୍ଧନରେ ବାନ୍ଧିଥାଉ ବା ନିଜେ ବାନ୍ଧି ହୋଇଥାଉ, ସବୁ ପଛରେ ରହିଛି ଏକ ସୁଖ। ଏହି ବନ୍ଧନରୁ ତ ସୁଖ ମିଳୁଛି, କିନ୍ତୁ କ୍ଷଣିକ। ଜୀବନରେ ଟିକିଏ ସୁଖ ପାଇଁ ଯାହାକୁ ଯେତେ ଗୁରୁତ୍ୱ ଦିଆଯାଉ ପଛେ ଏମିତି ଜଣକୁ ଗୁରୁତ୍ୱ ଦେବା ଉଚିତ୍ ଯେଉଁଠି ସକଳ ସୁଖର ଉତ୍ସ ଥିବ। ଆଉ ସେ ହିଁ ହେବା ଉଚିତ୍ ସକଳ ଆକର୍ଷଣର କେନ୍ଦ୍ରବିନ୍ଦୁ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



# ଗୋବରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା,୨୮।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ବ୍ଲକ ଓସ୍ତପୁର ପଞ୍ଚାୟତ ଦେପୁର ଗ୍ରାମର ଭିକାରୀ ଚରଣ ବେହେରା (୬୪) ଙ୍କର ଗୋବରୀ ନଦୀରେ ବୁଡି ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଛି। ସ୍ୱର୍ଗତ ବେହେରା ମଙ୍ଗଳବାର ଦିନ ମଧାହ୍ନ ୧୨ଟା ସମୟରେ ଗୋବରୀ ନଦୀକୁ ଗାଧୋଇବାକୁ ଯାଇଥିଲାବେଳେ ଗ୍ରାମନିକଟସ୍ଥ ଗୋବରୀ ଖୋଳିଆମୁହଁ ଘାଟ ନିକଟରେ ଗାଧୋଉଥିବା ସମୟରେ ସେ ପାଣିରେ ବୁଡିଯାଇଥିଲେ। ଘରକୁ ଫେରିବାର ବିଳମ୍ବ ହେବାରୁ ପରିବାର ଲୋକେ ନଈକୂଳରେ ଖୋଜାଖୋଜି କରିଥିଲେ। ଗାଧୁଆ ତୁଠରେ ତାଙ୍କର ଚପଲ ପଡିଥିବାର ଦେଖି ସନ୍ଦେହ ଘନୀଭୂତ ହୋଇଥିଲା। ପରେ ସ୍ଥାନୀୟ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ପ୍ରାୟ ୫ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ନଦୀଭିତରୁ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଘରେ ନିଆଁ ଲଗାଇ ଯୁବକ ଗିରଫ



**ପରଜଙ୍ଗ,୨୮।୪/ଏନ୍ଏନ୍ଏସ୍:** ପରଜଙ୍ଗ ବ୍ଲକ୍ କଲଦା ପଞ୍ଚାୟତ କୁଣ୍ଡେଇଖୋଲ ଗାଁରେ ଅଗ୍ନିକାଣ୍ଡ ଘଟିଛି। ଗାଁର ଜଣେ ବ୍ୟକ୍ତି ପୂର୍ବ ଶତ୍ରୁତାକୁ ନେଇ ଅନିରୁଦ୍ଧ ବେହେରାଙ୍କ ଚାଳ ଘରେ ନିଆଁ ଲଗାଇଦେଇଛି। ଅଭିଯୋଗ ପରେ ପରଜଙ୍ଗ ପୁଲିସ ଅଭିଯୁକ୍ତ ପ୍ରକାଶ ବେହେରା(୨୭)ଙ୍କୁ ଗିରଫ କରିଛି । ରବିବାର ରାତିରେ ଅନିରୁଦ୍ଧ ଗାଁରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ଗୋଟାଏରେ ଅଭିଯୁକ୍ତ ପ୍ରକାଶ ତାଙ୍କ ଘରେ ନିଆଁ ଲଗାଇଦେଇଥିଲା। ଯାହାକୁ ଗାଁର ଅନ୍ୟଜଣେ ଦେଖିଦେବାରୁ ସେ ଦୌଡ଼ି ପଳାଇଥିଲା। ଖବରପାଇ ପରଜଙ୍ଗ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେ ବେଳକୁ ଚାଳ ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇସାରିଥିଲା। ଆସବାବପତ୍ର, ଧାନଚାଉଳ, ରାସନ ସାମଗ୍ରୀ, ପୋଷାକ ଜଳି ଯାଇଥିଲା। ଏନେଇ ଅନିରୁଦ୍ଧ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୁଲିସ ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନିରୁଦ୍ଧ ମଜୁରି ଲାଗି ପରିବାର ପ୍ରତିପୋଷଣ କରନ୍ତି। ଏହି ଝାଟିମାଟି ଘର ବ୍ୟତୀତ ଆଉ କିଛି ସମ୍ବଳ ନାହିଁ। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବସୀ ଦାବି କରିଛନ୍ତି।

# ଅଗ୍ନିବିପନ୍ନ ପରିବାରକୁ ସହାୟତା

**ପରଜଙ୍ଗ,୨୮।୪/ଏନ୍ଏନ୍ଏସ୍:** ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ କୁମୁସୀ ପଞ୍ଚାୟତ ଅଧୀନ ରିଆ ଗାଁ ରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ହୋଇ ସେହି ଗ୍ରାମର ଅଭି ନାଏକ, ରଞ୍ଜିତ ନାଏକ୍, ଦୀପକ୍ ନାଏକଙ୍କ ତିନି ବଖରା ଘର ଭସ୍ମିଭୂତ ହୋଇଯାଇଛି। ତିନି ଭାଇ ଗୋଟିଏ ପରିବାରରେ ଛୋଟ ଛୋଟ ପିଲମାନଙ୍କୁ ନେଇ ୩ ବଖରା ଚାଳ ଛପର ଘରେ ବସବାସ କରୁଥିବା ବେଳେ ସମସ୍ତେ ପ୍ରାୟ ଦିନ ମଜୁରିଆ ଶ୍ରେଣୀର ଅଟନ୍ତି। ଗତ ରାତିରେ ଚନ୍ଦନ ଯାତ୍ରା ଦେଖିବାକୁ ଯାଇ ଥିବା ସମୟରେ କୌଣସି କାରଣରୁ ଘରେ ନିଆଁ ଲାଗି ଯାଇଥିଲା ବେଳେ ଅଗ୍ନିକାଣ୍ଡ ହୋଇ ଘରେ ଧାନ ଚାଉଳ, ଲୁଗା ପଟା, ଯାହା ଅନ୍ୟ ସାମଗ୍ରୀ ଥିଲା ସବୁ ପୋଡି ପାଉଁଶ ହୋଇଯାଇଛି। ଏ ବିଷୟରେ ଖବରପାଇ ସାମାଜିକ ସଙ୍ଗଠନ ମାରୁତି ସେନାର ଢେଙ୍କାନାଳ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା, ପରଜଙ୍ଗ ବ୍ଲକ୍‌ର ସ୍ଥାନୀୟ ସଦସ୍ୟମାନଙ୍କୁ ସାଙ୍ଗରେ ଧରି, ଅଗ୍ନି ବିପନ୍ନଙ୍କ ପରିବାରକୁ, ରାସନ୍ ସାମଗ୍ରୀ, ଲୁଗା ପଟା ସାମର୍ଥ୍ୟ ମୁତାବକ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାରୁତି ସେନା ପରଜଙ୍ଗ ବ୍ଲକ୍ ସହ ସଚେତକ ସୁଜିତ୍ କୁମାର ସାହୁ, ବିଘ୍ନେଶ୍ୱର ଲେଙ୍କା, ଅନୀଲ କୁମାର ସାହୁ, ଶିବାନନ୍ଦ ବେହେରା, ଅନ୍ତର୍ଯାମୀ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

**ବଡ଼ଚଣା,ଚଣ୍ଡିଖୋଲ,୨୮।୪/ଏନ୍ଏନ୍ଏସ୍:** ଓଡ଼ିଆ ଜାତୀୟତାବାଦର ମନ୍ତ୍ର ଦାତା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ ଓ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଆଜି ପ୍ରେସ୍‌କ୍ଲବ ଚଣ୍ଡିଖୋଲ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ୍‌ର ସଭାପତି ବେଣୁଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ ଇଂରେଜ ଶାସନ କାଳରେ ଓଡ଼ିଆ ଜାତିକୁ ଆତ୍ମ



ପରିଚିତିର ସଙ୍କଟରୁ ଉଦ୍ଧାର କରିବା ରେ ତାଙ୍କର ଭୂମିକା, ଜଣେ ଓକିଲ, ସାମ୍ବାଦିକ, ଲେଖକ, ବିଧାନ ପରିଷଦ ସଦସ୍ୟ, ରାଜନେତା, ସମାଜ ସଂସ୍କାରକ ଭୂମିକା ରେ ଓଡ଼ିଶାବାସୀଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ନିଜ ସମଗ୍ର ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି, ଦିଲ୍ଲୀପ କୁମାର ମହାନ୍ତି, ଉପସଭାପତି ପ୍ରଶାନ୍ତ କୁମାର ଜେନା,ସମରେନ୍ଦ୍ର ମାହାଲା, ସଂପାଦକ ହେମେଶ କୁମାର ଜେନା,ସହସଂପାଦକ,କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ବିଶ୍ୱାଳ। ଅଭିମନ୍ୟୁ ଧଳ, ଶିବ ରାମ ସାହୁ, ପ୍ରତାପ କେଶରୀ ରାଉତରାୟ, ନରେନ୍ଦ୍ର କୁମାର ରାଉତ, ମୋହନ ଖିଲାର ଭାରତ ଭୁଷଣ ପଣ୍ଡା, ସଞ୍ଜୟ କୁମାର ସ୍ୱାଇଁ, ଗୁଲାମ୍ ଅରିଫ୍, ସେକ୍ ସବିରୁଦ୍ଦିନ୍, ଦିଲ୍ଲୀପ କୁମାର ସାହୁ, ସୁରେନ୍ଦ୍ର ନାଥ ସାମଲ୍, ଅଜିତ୍ କୁମାର ମିଶ୍ର , ଚିନ୍ମୟ କୁମାର ପୃଷ୍ଟି, ଅଜୟ କୁମାର ଦାସ, ମନୋଜ କୁମାର ସାହୁ, ତ୍ରିଲୋଚନ ବେହେରା, ପ୍ରମୁଖ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

# ମହିଳାଙ୍କୁ ପ୍ରତିନିଧିତ୍ୱ ଦେବା ପାଇଁ ବିଜେପି ସଂକଳ୍ପବଦ୍ଧ




**କେନ୍ଦ୍ରାପଡ଼ା,୨୮।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ବନ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ ଦୁହୁରିଆସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ରର ବିଜେପି ସରକାର ମହିଳାମାନଙ୍କୁ ରାଜନୀତି କ୍ଷେତ୍ରରେ ୩୩% ସ୍ଥାନ ସଂରକ୍ଷଣ ଓ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ୍ ଗତ ୧୬ ଏବଂ ୧୭ ତାରିଖରେ ସଂସଦରେ ଆଗତ କରିଥିଲେ। କିନ୍ତୁ କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମ୍‌ସି ଏବଂ ଡିଏମ୍‌କେ ଦେଶର ଅଧା ଜନସଂଖ୍ୟାକୁ ବିଶ୍ୱାତ ଘାତକତା କରି ମହିଳା ବିରୋଧୀ ମାନସିକତାକୁ ସମ୍ପୂର୍ଣ୍ଣ ପଦାରେ ପକାଇ ବିରୋଧୀଦଳ ମାନେ ସମ୍ମିଳୀତ ଭାବେ ଏହି ସଂଶୋଧନ ବିଲ୍ ବିରୋଧରେ ଭୋଟ୍ ଦେଇ ସଂସଦରେ ଏହାକୁ ବିଫଳ କରିଛନ୍ତି। ସାମ୍ବାଦିକ ସମ୍ମିଳନୀ ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦେଶର ନୀତି ନିର୍ଦ୍ଧାରଣରେ ମହିଳାମାନଙ୍କୁ ଉପଯୁକ୍ତ ଭାଗିଦାରୀ ଓ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ଏହି ବିଲ୍ ଉଦ୍ଦିଷ୍ଟ ଥିବାବେଳେ କଂଗ୍ରେସ ସମେତ ସମାଜବାଦୀ ପାର୍ଟି, ଟିଏମ୍‌ସି, ଡିଏମ୍‌କେ, ବିଜେଡି ପ୍ରମୁଖ ଦଳମାନେ ଏହାକୁ ବିରୋଧ କରି ସେମାନଙ୍କର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ କରିଦେଇଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଥିଲା। ବିଜେପି ମହିଳା ଶଶକ୍ତିକରଣ, ଗଣତନ୍ତ୍ରକୁ ସୁଦୃଢ଼ୀକରଣ ଓ ମହିଳାମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେବାପାଇଁ ଦୃଢ଼ତାର ସହ କାର୍ଯ୍ୟ କରିବ ଓ ମହିଳାମାନଙ୍କୁ ସଚେତନ କରିବା ପାଇଁ ପଞ୍ଚାୟତସ୍ତରରେ ମଧ କାର୍ଯ୍ୟକ୍ରମମାନ ଗ୍ରହଣ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ନାରୀନେତ୍ରୀମାନେ ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପିର ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟା ତଥା ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ମହାକାଳପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲା ଉପସଭାନେତ୍ରୀ ମନିଷା ପଣ୍ଡା, ଜିଲ୍ଲା ସମ୍ପାଦିକା ନମିତା ବଳ ଓ ତିଳୋତ୍ତମା ବରାଳ ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଓକିଲ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ମଧୁସୂଦନ ଜୟନ୍ତୀ



**କେନ୍ଦ୍ରାପଡ଼ା,୨୮।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଓ ଆଇନ୍‌ଜୀବୀ ଦିବସ ପାଳନ ହୋଇଯାଇଛି। ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ମାନ୍ୟବର ଜିଲ୍ଲା ଓ ଦୌରାଜଜ୍ ପ୍ରଜ୍ଞା ପରମିତା ରାଉଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରାଧାପକ ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଫେସର ତଥା ଜଗତ୍‌ସିଂହପୁର ସାରସ୍ୱତ ପରିଷଦର ଅଧ୍ୟକ୍ଷ ହିମାଂଶୁ ଆଚାର୍ଯ୍ୟ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଓକିଲସଂଘ ସମ୍ପାଦକ ନିହାରରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଆଇନ୍‌ଜୀବୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନଙ୍କ ଜୀବନୀ, ଆଇନ୍‌ସେବା ଓ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଇଂରେଜ ସରକାରଙ୍କ ସମୟରେ ତାଙ୍କର ବିଚକ୍ଷଣ ଆଇନ୍‌ସେବା ଓ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରକୁ ନେଇ ଠାକୁର ରାଜାଙ୍କ ସପକ୍ଷରେ ଓକିଲାତି ସମ୍ବନ୍ଧୀୟ ବହୁ ରୋଚକ ତଥ୍ୟ ଉପସ୍ଥାପନ କରିଥିଲେ। ତେବେ ଉପସ୍ଥିତ ଅତିଥିମାନେ ଆଇନ୍‌ଜୀବୀମାନଙ୍କୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆଦର୍ଶ ଜୀବନୀରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଓକିଲସଂଘ ପକ୍ଷରୁ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିବା ପୂର୍ବତନ ସମ୍ପାଦକ ଓ ସଭାପତିଙ୍କୁ ସମ୍ମାନୀତ କରାଯାଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନ୍‌ଜୀବୀ ପ୍ରାର୍ଥ ଚକ୍ରବର୍ତ୍ତୀ, ମନୋରଞ୍ଜନ ବେହେରା, ରାଜୀବ କୁମାର ପାତ୍ର, ହରିପ୍ରସାଦ କର, ସରକାରୀ ଓକିଲ ଦୁର୍ଯ୍ୟଧନ ସାହୁ, ନେହେରୁ ସାହୁଙ୍କ ସମେତ ସମସ୍ତ ଆଇନ୍‌ଜୀବୀ ଓ ବିଚାରପତିମାନେ ଉପସ୍ଥିତ ଥିଲେ। ସମ୍ପାଦକ ଶ୍ରୀ ମହାପାତ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ୟାସ୍ ସିଲିଣ୍ଡର୍ ଯୋଗାଣ ଓ ଦର ନିୟନ୍ତ୍ରଣ ପାଇଁ ସମନ୍ୱୟ ବୈଠକ

**ଯାଜପୁର,୨୮।୪/ଏନ୍ଏନ୍ଏସ୍:** ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିପତ୍ତି ପରିଚାଳନା ଗ୍ରୁପ୍ ଏବଂ ସମସ୍ତ ଇନ୍ଧନ ତେଲ ମାର୍କେଟିଂ କମ୍ପାନୀମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଲପିଜି ରନ୍ଧନ ଗ୍ୟାସର ଉପଲବ୍ଧତା, ଯୋଗାଣ ଏବଂ ଦରଦାମ୍ ମନିଟରିଂ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା ବୈଠକରେ ଉପସ୍ଥିତ ଥିଲେ। ଜିଲ୍ଲାବାସୀଙ୍କ ଏଲପିଜି ଏବଂ ପେଟ୍ରୋଲିୟମ ଉତ୍ପାଦର ଚାହିଦା ପୂରଣକୁ ସୁନିଶ୍ଚିତ କରିବା ପାଇଁ ଦର ନିୟନ୍ତ୍ରଣ, କଳାବଜାରୀ ରୋକିବା, ଯୋଗାଣ ଶୃଙ୍ଖଳା ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଗ୍ୟାସ ଏଜେନ୍ସିମାନଙ୍କ ସହ ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରେ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣର ସ୍ଥିତି ସମୀକ୍ଷା କରିବା ସହ ଦୈନିକ ଚାହିଦା ଓ ଯୋଗାଣ ଉପରେ ଧ୍ୟାନ ଦେଇ କଳାବଜାରୀ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ। କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ତାଗିଦ୍ କରିଥିଲେ। ଏହାସହ ସ୍କୁଲ ହଷ୍ଟେଲ, ହସ୍ପିଟାଲ, ଜେଲ୍ ଭଳି ଅତ୍ୟାବଶ୍ୟକୀୟ ତଥା ଜରୁରୀ ସେବା ଅନୁଷ୍ଠାନଗୁଡ଼ିକୁ ସମୟାନୁସାରେ ଗ୍ୟାସ ସିଲିଣ୍ଡର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ, ମାର୍କେଟ ଇନ୍ସପେକ୍ଟର, ଅଏଲ ମାର୍କେଟିଂ କମ୍ପାନୀଗୁଡିକର ପ୍ରତିନିଧି ଏବଂ ଯାଜପୁର ଜିଲ୍ଲାର ସମସ୍ତ ଗ୍ୟାସ ବିତରକ ଏଜେନ୍ସି ଯୋଗ ଦେଇଥିଲେ।

# ମେ' ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର,୨୮।୪/ଏନ୍ଏନ୍ଏସ୍:** ଜିଲ୍ଲା ଓ ଦୌରା ଅଦାଲତ ସମେତ ଜିଲ୍ଲାର ସମସ୍ତ ଅଦାଲତ ପରିସରରେ ଆସନ୍ତା ମଇ ୯ ତାରିଖରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ନେହା ଅଗ୍ରୱାଲ ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷିତପୂରଣ ସମାଧାନ ଯୋଗ୍ୟ, ଟ୍ରାଫିକ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ଶ୍ରମ ଓ ନିଯୁକ୍ତି ବିବାଦ, ପାରିବାରିକ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସମାଧାନ କରାଯିବ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି, ଯାଜପୁର ରୋଡ ଏବଂ ଚଣ୍ଡିଖୋଲ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



**ଯାଜପୁର,୨୮।୪/ଏନ୍ଏନ୍ଏସ୍:** ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଖରିଫ ବର୍ଷ (୨୫-୨୬) ରବି ଋତୁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ୨୦୨୪-୨୫ ଖରିଫ ବର୍ଷ (ରବି)ରେ ଧାନ ସଂଗ୍ରହ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରାଯାଇଥିଲା। ୨୦୨୪-୨୫ ଖରିଫ ବର୍ଷରେ ଧାନ ସଂଗ୍ରହରେ ୮୭.୫୪ ପ୍ରତିଶତ ଟାର୍ଗେଟ ପୂରଣ ହୋଇପାରିଥିଲା।୨୦୨୫-୨୬ ଖରିଫ ବର୍ଷ ପାଇଁ ୨୬ ଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ୧୫ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ଜିଲ୍ଲାରେ ମୋଟ ୧୨,୫୦୦ ହେକ୍ଟର ରବି ଫସଲ ଜମି ଚାଷ ହେଉଛି। ୨୦୨୪-୨୫ ଖରିଫ ବର୍ଷରେ ମୋଟ୍ ୫୬୪୦ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୨୫-୨୬ ଖରିଫ ବର୍ଷରେ ୪୬୦୭ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଗତବର୍ଷ ଅପେକ୍ଷା ଚାଷୀ ପଞ୍ଜିକରଣ କାହିଁକି କମିଲା ବୋଲି ଜିଲ୍ଲାପାଳ ବୈଠକରେ ପ୍ରଶ୍ନ କରିଥିଲେ। ସାଂସଦ ଡ. ବେହେରା ଧାନ ସଂଗ୍ରହରେ ହେଉଥିବା କଟନି ଛଟନିକୁ ବନ୍ଦ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପ୍ରତିନିଧି, ଡିଆରସିଏସ୍,ଏସିଏସ୍‌ଓ,ଏମ୍‌ଆଇ, ମିଲର ଏବଂ ପ୍ରାଥମିକ କୃଷି ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଶିଷ୍ଟ ଗବେଷକଙ୍କ ପରଲୋକ



**କେନ୍ଦ୍ରାପଡ଼ା,୨୮।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା ତଥା ଆଖପାଖ ଅଞ୍ଚଳର ବିଶିଷ୍ଟ ଜଗନ୍ନାଥ ସଂସ୍କୃତିର ଗବେଷକଙ୍କ ଅକାଳ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ କରାଯାଇଛି। ଗବେଷକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମେକାପ (୭୪)ଙ୍କର ଗତ ସୋମବାର ବିଳମ୍ବିତ ରାତ୍ରିରେ ଇଚ୍ଛାପୁର ମଧଖଣ୍ଡିସ୍ଥିତ ନିଜ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନର ପହଁଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା-ସୁମନ ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଏକ ସୁସଜ୍ଜିତ ଗାଡିରେ ସ୍ଥାନୀୟ ଅଂଚଳ ପରିକ୍ରମା କରାଯିବା ସହିତ ସହର ପରିକ୍ରମା କରାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ବଡ ପୁଅ ମୁଖାଗ୍ନି ଦେଇଥିଲେ। ଏଠାରେ ସୂଚନାଯୋଗ୍ୟକି ସ୍ୱର୍ଗତ ମେକାପ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଯଥା ସାହିତ୍ୟ ସଂସଦ, ଜିଲ୍ଲା ବାଲିଯାତ୍ରା କମିଟିର ସଭ୍ୟ, ବଳଦେବ ସେନାର ମୁଖ୍ୟ ଉପଦେଷ୍ଟା, ଆନନ୍ଦଚନ୍ଦ୍ର ଜେନା ସ୍ମୃତି କମିଟିର ସଭ୍ୟ ସହିତ ଅନେକ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ। ଅବସର ପରେ ସେ ଜଗନ୍ନାଥଙ୍କ ଗବେଷକ ଭାବେ ବିଭିନ୍ନ ଗବେଷଣା ଉପରେ ନିଜକୁ ନିୟୋଜିତ କରିଥିଲେ। ସେ ଏକାଧାରାରେ ଜଣେ ସାରସ୍ୱତ ସାଧକ, ସଂସ୍କୃତି ଗବେଷକ, ଅନେକ ଗୁଣର ଅଧିକାରୀ ତଥା ଆଦର୍ଶ ଶିକ୍ଷକ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ।

# ରୋଟାରୀ କ୍ଲବ୍‌ର ପ୍ରତିଷ୍ଠା ଦିବସ ଓ ସମ୍ମାନ ପ୍ରଦାନ ସମାରୋହ




**ଯାଜପୁର,୨୮।୪/ଏନ୍ଏନ୍ଏସ୍:** ଯାଜପୁର ରୋଟାରୀ କ୍ଲବ ୨୮ ତମ ପ୍ରତିଷ୍ଠା ଦିବସ ଅମ୍ବିକାଇ ସ୍ଥିତ ରୋଟାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ପ୍ରଦୀପ କୁମାର କରଙ୍କ ଅଧ୍ୟକ୍ଷତା କ୍ରମେ ମୁଖ୍ୟ ଅତିଥି ଭାବେ ରୋଟାରୀ ଇଣ୍ଟରନ୍ୟାସନାଲର ଆଇପିଡିସି ଯାଜ୍ଞଶିଷ ମହାପାତ୍ର ଯୋଗ ଦେଇ ଦୀର୍ଘ ତିନି ଦଶନ୍ଧିର ଏହି ଅନୁଷ୍ଠାନ ୨୮ ବର୍ଷ ପୂର୍ବେ ଆଜିର ଦିନରେ ରୋଟାରୀ ଇଣ୍ଟରନ୍ୟାସନାଲର ସୀକୃତି ଲାଭ କରିବା ପରେ ଆଉ ପଛକୁ ଫେରି ଚାହିଁ ନାହିଁ ବୋଲି କହିବା ସହିତ ରୋଟାରୀ ଡିଷ୍ଟ୍ରିକ୍ଟ -୩୨୬୨ ର ମାନ୍ୟତା ପାଇ ଅନେକ ଉଲ୍ଲେଖନୀୟ ସେବା ମୂଳକ କାର୍ଯ୍ୟ କରି ରାଜ୍ୟ ଓ ଜାତୀୟ ସ୍ତରରେ ବେଶ୍ ପ୍ରଶଂସାର ପାତ୍ର ହୋଇପାରିଛି ବୋଲି କହିଥିଲେ।ଏକତା ହିଁ ସର୍ବୋତ୍ତମ ଉପାୟ ଅଟେ ଓ ଏହି ମନ୍ତ୍ରକୁ ପାଥେୟ କରି ଉକ୍ତ କ୍ଲବ ଆଗକୁ ଆଗକୁ ବଢି ଚାଲିଛି ବୋଲି ସେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କ୍ଲବର ପ୍ରତିଷ୍ଠାତା ସଭ୍ୟ ଡା.ରାଜକିଶୋର ପଣ୍ଡା,ଡା. କ୍ଷୀରୋଦ ଚନ୍ଦ୍ର ମହାନ୍ତି,ଡା. ଭାଗିରଥୀ ପାଣି, ଆଡଭୋକେଟ୍ ପ୍ରବୀର କୁମାର ରାୟଙ୍କ ସମେତ ଆଗ ଧାଡ଼ିର ସଂଗଠକ ଡା. ସୁପ୍ରକାଶ ଶତପଥୀ, ପ୍ରବୋଧ କୁମାର ନାୟକ, ବିବେକାନନ୍ଦ ବିଶ୍ୱାଳ,ଡ଼ଃ ନିତ୍ୟାନନ୍ଦ ମିଶ୍ର, ହରିଶ୍ଚନ୍ଦ୍ର ପଣ୍ଡା, ପ୍ରସନ୍ନ କୁମାର ବିଶ୍ୱାଳ,କେଦାର ରାଉତ,ଅନୀଲ ରାୟ, ସୁଶାନ୍ତ ପଣ୍ଡା ପ୍ରମୁଖଙ୍କ ଯୋଗଦାନକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରତିଷ୍ଠାତା ସଭ୍ୟ ରୋଟାରିଆନ ଡାକ୍ତର ପଣ୍ଡା ଯୋଗଦେଇ ଏହି କ୍ଲବ୍ ନିୟମିତ ଭାବେ ବିଭିନ୍ନ ସେବା ମୂଳକ କାର୍ଯ୍ୟ ଓ ସଚେତନତାର ବାର୍ତ୍ତା ବାଣ୍ଟୁଥିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ କରିଥିଲେ। ଡଃ ଦାମୋଦର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ବ୍ୟକ୍ତି ବିଶେଷ ଯଥା- ସୁଚିକିତ୍ସକ ଡାକ୍ତର ପ୍ରଶାନ୍ତ ବିଶ୍ୱାଳ,କବି ସୁବ୍ରତ ଦାସ,ଅଭିନେତା ଗୌରାଙ୍ଗ ଶତପଥୀ, ନିୟମିତ ରକ୍ତଦାତା ମଦନ ମୋହନ ରାଉତ,ସାମାଜିକ କର୍ମୀ ମିଳନ ଦାସ, ସେବିକା ସୁଜାତା ନାୟକ, ଫାର୍ମାସିଷ୍ଟ ଧନଞ୍ଜୟ ମିଶ୍ର, ଆଇନଜୀବୀ ରାଜୀବ କୁମାର ମହାନ୍ତି, ଚାଷୀ ନିରାକାର ସାହୁ,ଚିତ୍ରକର ବାବୁଲି ଜେନା, ସଂଗୀତକାର ଭାସ୍କର ପତି, ସ୍କାଉଟ କର୍ମୀ ବିଜୟ ସାହୁ ଏବଂ ଶ୍ରେଷ୍ଠ ଗାଇଡ ଭାବେ ସ୍ୱପ୍ନାରାଣୀ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ନୃତ୍ୟ ନିର୍ଦ୍ଦେଶିକା ତଥା ନୃତ୍ୟଶିଳ୍ପୀ ସନ୍ତୋଷିନୀ ଜେନା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଧ ୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନ୍ୟାସନାଲ ବିଲଡର ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ଡା.କ୍ଷୀରୋଦ ମହାନ୍ତି,ଚାଟର ମେମ୍ବର ଡା. ରାଜକିଶୋର ପଣ୍ଡା ଓ ଡା. ଭାଗିରଥୀ ପାଣି,ଇନରହୁଇଲ ଚାଟର ପ୍ରେସିଡେଣ୍ଟ ଗୌରିପ୍ରିୟା ଦେବୀ, ଶ୍ରେଷ୍ଠ ସଂଗଠିକା ପ୍ରାକ୍ତନ ଇନରହୁଇଲ ସଭାପତି ଶ୍ରୀମତୀ ପ୍ରେମଲତା ପଣ୍ଡା , ଶ୍ରେଷ୍ଠ ସଂଗଠକ ସଞ୍ଜିବ କୁମାର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇନରହୁଇଲ ସଭାପତି ଶ୍ରୀମତୀ ସତ୍ୟଭାମା ପତି, ସମ୍ପାଦିକା ଶ୍ରୀମତୀ ଲିଲି ରାଣୀ କର, ବରିଷ୍ଠ ସଭ୍ୟା ସୁରୁଚି ପାଣି, ମନୋରମା ବିଶ୍ୱାଳ, ତୁଷାରକାନ୍ତି ନାୟକ, ବିଜୟଲକ୍ଷ୍ମୀ ମହାନ୍ତି,ଚିତ୍ରଲେଖା ନାୟକ, ସ୍ୱୟଂପ୍ରଭା ପଣ୍ଡା,ଚିକିମିକି ହୀରା ସାହୁ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।ଶେଷରେ ରୋଟାରିଆନ ଡଃ ଗିରିଶ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପରଜଙ୍ଗ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ କକ୍ଷ




**ପରଜଙ୍ଗ,୨୮।୪/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶକ୍ତିଶ୍ରୀ ସଶକ୍ତିକରଣ କକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ, ସମ୍ମାନିତ ଅତିଥି ପରଜଙ୍ଗ ଓକିଲ ସଂଘ ସଂପାଦକ ବେଣୁଧର ସାହୁ, ଏସ୍‌ଆଇ ସୁଶ୍ରୀ ଅନାମିକା, ଏଏସ୍‌ଆଇ ପ୍ରମୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଥାନା ଅଧିକାରୀ ବିଦ୍ୟାଳୟର ଛାତ୍ରୀମାନଙ୍କୁ ସୁରକ୍ଷା, ନ୍ୟାୟିକ ଅଧିକାର ଓ ନିଜକୁ କ୍ଷମତାପନ୍ନ କରିବା ସହ ସଶକ୍ତ କରିବା ପାଇଁ ଅଭିଭାଷଣ ପ୍ରଦାନ କରି ଛାତ୍ରୀମାନଙ୍କୁ ଅତି ପ୍ରାଞ୍ଜଳ ଭାବେ ଆଲୋକପାତ କରିଥିଲେ। ଛାତ୍ରୀମାନେ ନିଜର ସୁରକ୍ଷା, ସାଇବର୍ ଠକେଇ ପ୍ରତି ସଚେତନ ରହିବା, ଆଇନଗତ ଅଧିକାର ଏବଂ ନିଜକୁ ସଶକ୍ତ କରିବା ପାଇଁ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିବା ବେଳେ ଉପସ୍ଥାପକ କୌଶିକ ଦେହୁରୀ ଏବଂ ସାଗରିକା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହା ବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପରଜଙ୍ଗ ମହାବିଦ୍ୟାଳୟକୁ ୧୨ କୋଟି ୮୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ନିତିଦିନ NITIDIN



## ଓଡ଼ିଶା ବିକାଶ ମଡେଲ୍‌କୁ ଆନ୍ଧ୍ର ପ୍ରତିନିଧି ଦଳର ପ୍ରଶଂସା

# 'ବିକଶିତ ଭାରତ' ପାଇଁ ଦୁଇ ପଡ଼ୋଶୀ ରାଜ୍ୟର ସମନ୍ୱୟ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୮।୪/ଏନ୍‌ଏନ୍‌ଏସ୍:** ଆନ୍ଧ୍ର ପ୍ରଦେଶ ସରକାରଙ୍କ ୨୦ ବିନ୍ଦୁ କାର୍ଯ୍ୟକ୍ରମ (ଟ୍ୱେଣ୍ଟି ପଏଣ୍ଟ୍ ପ୍ରୋଗ୍ରାମ୍ )ର ଅଧ୍ୟକ୍ଷ ଶ୍ରୀଲଙ୍କା ଦିନାକର ରାଜ୍ୟର ଅନ୍ୟ ଅଧିକାରୀମାନଙ୍କ ସହିତ ଚଳିତ ମାସ ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସମ୍ପର୍କିତ ଅଧ୍ୟୟନ ଯାତ୍ରା ପରିପ୍ରେକ୍ଷୀରେ ଗତକାଲି ଏପ୍ରିଲ ୨୭ ତାରିଖରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଅଧିକାରୀମାନଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ସମନ୍ୱୟରେ ଅନୁଷ୍ଠିତ ଏହି ବୈଠକର ପ୍ରାରମ୍ଭରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ ସ୍ୱାଗତ ଭାଷଣ ଦେଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ବୈଠକରେ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ଓ ଏହାର କାର୍ଯ୍ୟାନ୍ୱୟନ, '୩୬ ପାଇଁ ୩୬' ଲକ୍ଷ୍ୟ ହାସଲ ଏବଂ ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡି ଜି ) ସାଧନ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ଏଥି ସହ ଓଡ଼ିଶା ଅର୍ଥ ବିଭାଗ ପକ୍ଷରୁ ଦାରିଦ୍ର୍ୟ ହ୍ରାସ ଓ ସାମଗ୍ରିକ ବିକାଶରେ କେନ୍ଦ୍ରୀୟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦିନାକର ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ପ୍ରାୟୋଜିତ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ଆଲୋଚନାରେ ଓଡ଼ିଶାରେ ଅବଲମ୍ବନ କରାଯାଉଥିବା କେତେକ ଶ୍ରେଷ୍ଠ ଅଭ୍ୟାସ (ବେଷ୍ଟ୍ ପ୍ରାକ୍ଟିସେସ୍) ସମ୍ପର୍କରେ ଅବଗତ ହେବା ସହ ପ୍ରଶଂସା କରିଥିଲେ। ଆନ୍ଧ୍ର ପ୍ରଦେଶ ଟିପିପି ଅଧ୍ୟକ୍ଷ ଶ୍ରୀ ଦିନାକର ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଦେଶର ସାମଗ୍ରିକ ବିକାଶ ପାଇଁ ରାଜ୍ୟମାନଙ୍କ ଅବଦାନ ଅତ୍ୟନ୍ତ ଜରୁରୀ। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ସାଂସ୍କୃତିକ ସମନ୍ୱୟ ସମ୍ପର୍କରେ ସେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ଭଳି ବହୁ ଦର୍ଶନୀୟ ସ୍ଥାନ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିଥିବା ବେଳେ ଆନ୍ଧ୍ର ପ୍ରଦେଶରେ ବହୁ ମନ୍ଦିର ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଗୁରୁତ୍ୱ ବହନ କରୁଛି। ସେ ଦୁଇ ରାଜ୍ୟର ରେଳ ପଥ, ସଡ଼କ ଓ ଆକାଶ ପଥ ସଂଯୋଗୀକରଣ ଆଦି ସମ୍ପର୍କରେ ଆଲୋକପାତ କରିବା ସହ ଅର୍ଥନୈତିକ ଅଭିବୃଦ୍ଧିରେ ଉଭୟ ରାଜ୍ୟର ଲୋକମାନଙ୍କର ଯୋଗଦାନ ରହୁଥିବା ପ୍ରକାଶ କରିଥିଲେ। ଶ୍ରୀ ଦିନାକର ଓଡିଶାର ଖଣିଜ ସମ୍ପଦ, ପ୍ରାକୃତିକ ସମ୍ପଦ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଏବଂ ଆର୍ଥିକ ସ୍ଥିରତା ପ୍ରଦର୍ଶନ ସଫଳତାକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଦୀର୍ଘ ସୂତ୍ରୀ ଲକ୍ଷ୍ୟ ହାସଲରେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

## ଓଡ଼ିଶା ସରକାରଙ୍କ ନିର୍ଣ୍ଣାୟକ ପଦକ୍ଷେପ

# 'ଶୋଧିତ ବ୍ୟବହୃତ ଜଳର ପୁନଃ ବ୍ୟବହାର ନୀତି' ଅଧିସୂଚିତ

**ଭୁବନେଶ୍ୱର,୨୮।୪/ଏନ୍‌ଏନ୍‌ଏସ୍:** ଜଳ ସ୍ଥିରତା ନିଶ୍ଚିତ କରିବା ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରରେ ଏକ 'ସର୍କୁଲାର ଇକୋନୋମି' ବା ଚକ୍ରାକାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଦିଗରେ ଓଡ଼ିଶା ସରକାର ଏକ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାର 'ଓଡ଼ିଶା ସହରାଞ୍ଚଳ ଶୋଧିତ ବ୍ୟବହୃତ ଜଳର ପୁନଃ ବ୍ୟବହାର ନୀତି, ୨୦୨୬' ଅଧିସୂଚିତ କରିଛନ୍ତି। ଏହି ନୀତି ବ୍ୟବହୃତ ଅପରିଷ୍କାର ଜଳକୁ କେବଳ ଏକ ବର୍ଜ୍ୟ ବସ୍ତୁ ଭାବେ ନଦେଖି ଏହାକୁ ଏକ ମୂଲ୍ୟବାନ ଅର୍ଥନୈତିକ ସମ୍ବଳରେ ପରିଣତ କରିବା ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରଦାନ କରିଛି। ଏହା ସହିତ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଦେଖାଦେଉଥିବା ଋତୁକାଳୀନ ଏବଂ ସ୍ଥାନୀୟ ଜଳ ସଙ୍କଟର ସମାଧାନ ପାଇଁ ଏହା ଲକ୍ଷ୍ୟ ରଖିଛି। ୨୦୩୦ ସୁଦ୍ଧା ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ବ୍ୟବହୃତ ଜଳର ୧୦୦% ସଂଗ୍ରହ, ପରିବହନ ଏବଂ ଶୋଧନ ନିଶ୍ଚିତ କରିବା। ଏଥିସହ ଶୋଧିତ ଜଳର ଅତିକମରେ ୨୦% ପୁନଃ ବ୍ୟବହାର କରିବା। ୨୦୩୬ ସୁଦ୍ଧା ଶୋଧିତ ଜଳର ପୁନଃ ବ୍ୟବହାର ପରିମାଣକୁ ଅତିକମରେ ୫୦% ପର୍ଯ୍ୟନ୍ତ ବୃଦ୍ଧି କରିବା ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଓଡ଼ିଶାରେ ଦୈନିକ ପ୍ରାୟ ୧,୧୦୪ ଏମ.ଏଲ.ଡି ବ୍ୟବହୃତ ଜଳ ନିର୍ଗତ ହେଉଥିବା ବେଳେ ସେଥିମଧ୍ୟରୁ ମାତ୍ର ୧୯୦ ଏମ.ଏଲ.ଡି ଶୋଧିତ ହେଉଛି। ଏହି ବ୍ୟବଧାନକୁ ଦୂର କରିବା ପାଇଁ ନୂତନ ନୀତିରେ ଜଳ ଶୋଧନକୁ ବାଧ୍ୟତାମୂଳକ କରାଯିବା ସହ ଅଣ-ପାନୀୟ କାର୍ଯ୍ୟ ପାଇଁ ନିରାପତ୍ତା ମାନକ ଅନୁଯାୟୀ ଏହାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି।

## ମଧୁବାବୁଙ୍କ ସମାଧି ପୀଠ ଓ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ

# ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ଗୌରବଙ୍କ ଅବଦାନ ଅବିସ୍ମରଣୀୟ

### ଡ୍ରିମ୍‌ସ



**କଟକ,୨୮।୪/ଏନ୍‌ଏନ୍‌ଏସ୍:** ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଉତ୍ସବରେ ପୌରୋହିତ୍ୟ କରି ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମଧୁବାବୁଙ୍କ ଅତୁଳନୀୟ ଜାତି ପ୍ରେମ ଏବଂ ସମୃଦ୍ଧ-ସ୍ୱାଭିମାନ ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବିସ୍ମରଣୀୟ ଅବଦାନ ଯୁବପିଢ଼ୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, କ୍ରୀଡ଼ା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ଡ. କୁମ୍ଭକର୍ଣ୍ଣ ରାଉତ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଡା. ଦୁର୍ଗା ପ୍ରସାଦ ମିଶ୍ର, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଅଧ୍ୟାପକ ଗୁରୁ ପ୍ରସାଦ ମୁଖାର୍ଜୀ, ସୁଦର୍ଶନ ସାହୁ, ମୃତ୍ୟୁଞ୍ଜୟ ପରିଡାଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଯୋଗଦେଇ ଗୋପବନ୍ଧୁ ଓ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ପରିବେଷଣ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଉତ୍କଳ ସାହିତ୍ୟ ସମାଜ

ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ଗୌବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ମୀରା ବେଉରାଙ୍କ ସମେତ ସାହିତ୍ୟ ସ୍ରଷ୍ଟା ଗଜେନ୍ଦ୍ର କୁମାର ପାଣି, ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ବଂଶୀଧର ରାଉତ, ବିଦ୍ୟୁତ୍ କୁମାରୀ ଲାଲା, ଗୌତମ ଚନ୍ଦ୍ର କର, ମାଧବ ମିଶ୍ର, ରମେଶ ଚନ୍ଦ୍ର ନାୟକ, ବିମଳ କୁମାର ଦାଶ, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ସଂଯୋଜ କୁମାର ସାମନ୍ତରାୟ, ଚିତ୍ତରଞ୍ଜନ ପରିଡ଼ା, ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, ଡକ୍ଟର ସଫଳା ଦାସ, ହରଷ ବିହାରୀ ଦାସ ପ୍ରମୁଖ ଯୋଗ ଦେଇ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ପାରମ୍ପରିକ କୁଟୀର ଶିଳ୍ପର ଉନ୍ନତି, ଓଡ଼ିଆ ଜାତିର ଜାଗରଣ କ୍ଷେତ୍ରରେ ଓ ଉତ୍କଳ ସାହିତ୍ୟ ସମାଜ ପ୍ରତିଷ୍ଠା କ୍ଷେତ୍ରରେ ଉତ୍କଳ ଗୌରବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ପ୍ରକାଶ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିବାଶିଷ କର। ପ୍ରାରମ୍ଭରେ ଅନୁଷ୍ଠାନ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

### ପେନ୍‌ସନ୍ ଆସୋସିଏସନ୍

ମହାନଦୀ ବିହାର ପେନ୍‌ସନ୍ ଆସୋସିଏସନ୍ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମହାନଦୀବିହାରସ୍ଥ ମଧୁସୂଦନ ଛକଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ପୋରେଟର ଇଂ. ସୁବ୍ରତ ଘଡ଼ାଇ, ଇଂ. ତାପସ ଚନ୍ଦ୍ର ସାମନ୍ତ, ଇଂ. ନିମାଇଁ ଚରଣ ମହାନ୍ତି, ପ୍ରମୋଦ ଚନ୍ଦ୍ର ଦାଶ, ବିଷ୍ଣୁ ପ୍ରସାଦ କର ଓ ମହେନ୍ଦ୍ର ନାଥ ପଣ୍ଡା, ପ୍ରଶାନ୍ତ କୁମାର ପ୍ରଧାନ, ସାଇନାଥ, ଶରତ କୁମାର ପାଣି, ଶରତ ଚନ୍ଦ୍ର ଦାସ, ପ୍ରହଲ୍ଲାଦ ଚନ୍ଦ୍ର ମହାନ୍ତି, କମଳ ପ୍ରସାଦ ମହାନ୍ତି, ଏମଡିଏ ସଭାପତି ସଞ୍ଜୟ କୁମାର ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଚତୁର୍ଭୁଜ ମହାପାତ୍ର, କୈଳାଶ ଦଳାଇ, ବିବେକ ଦାଶ, ଗଗନ ଛାଟୋଇ, ପିତାମ୍ବର ଲେଙ୍କା, ଅତନୁ ଦାସ, ଭାଗିରଥି ସାମଲ, ରତି ରଞ୍ଜନ ଭୂୟାଁ, ଜ୍ଞାନ ରଞ୍ଜନ ଦାସ, ଜଟାଧାରୀ ଲେଙ୍କା, ଅଭିମନ୍ୟୁ ନାୟକ, ନିରଞ୍ଜନ ପାଢ଼ୀ, ଟି . ସୁବା ରାଓ ଓ ପଦ୍ମଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମଧୁ ବାରିଷ୍ଟର୍ ଆଇନଜୀବୀ ସଂଘ

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜନ୍ମତିଥିରେ ମଧୁ ବାରିଷ୍ଟର ଆଇନଜୀବୀ ସଂଘ ତରଫରୁ ମଧୁ ବାବୁଙ୍କର ସମାଧି ପୀଠ ଗୌରାକବରରେ ପୁଷ୍ପ ମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସେହିପରି କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସରରେ ଥିବା ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସଂଘ ତରଫରୁ ପୁଷ୍ପଗୁଚ୍ଛ ଅର୍ପଣ ସହ ଏକ ଶ୍ରଦ୍ଧାଞ୍ଜଳି ସଭା ସଂଘର ସଭାପତି ଆଇନୀଜୀବୀ ସଂଗ୍ରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନୀଜୀବୀ ଶୁଭେନ୍ଦୁ ମହାନ୍ତି ଯୋଗଦେଇ ମଧୁବାବୁଙ୍କ ଜୀବନ ଓ ଓଡ଼ିଆ ଜାତି ପାଇଁ ତାଙ୍କର ଅବଦାନକୁ ମନେ ପକାଇଦେବା ସହ ମଧୁବାବୁଙ୍କ ପରି ସ୍ୱାଭିମାନୀ ଓ ମଧୁବାବୁଙ୍କ ପ୍ରତ୍ୟେକଟି କଥାକୁ ଅନୁକରଣ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା କ୍ରିମିନାଲ୍ କୋର୍ଟର ପୂର୍ବତନ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ଶୈଳବାଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା, କ୍ରିମିନାଲ୍ କୋର୍ଟ ବାର୍ ସାଧାରଣ ସମ୍ପାଦକ ସମ୍ପାଦକ ଗଦାଧର ସାହୁ, ଏମ୍‌ବିଏଲ୍ ସମ୍ପାଦକ ଗଗନ ବାରିକ, ଜ୍ୟୋତି ରଞ୍ଜନ ରାୟ, ତୁଷାର କାନ୍ତି, ଆଇନଜୀବୀ ମହେନ୍ଦ୍ର ସୁବୁଦ୍ଧି, ନିରଞ୍ଜନ ବେହେରା,ରୋହିତ ରଞ୍ଜନ ସ୍ୱାଇଁ, ଲକ୍ଷ୍ମୀନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଅନିଲ ନାୟକ, ଡ଼. କାର୍ତ୍ତିକ ଚନ୍ଦ୍ର ବରାଳ, ପଙ୍କଜ ଜଟି, ରାକେଶ ବେହେରା ଓ ରାମ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

### ହାଇକୋର୍ଟ ବାର୍ ଆସୋସିଏସନ୍

ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ। ତାଙ୍କଠାରେ ଜାତୀୟବାଦର ଚିହ୍ନ ଥିଲା। ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ପକାଇଥିଲେ ମଧୁବାବୁ। ତାଙ୍କରି ପ୍ରଚେଷ୍ଟାରେ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଭାବରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା। ଓଡ଼ିଶାର ସାମଗ୍ରିକ ବିକାଶ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା। ତେଣୁ ସେ ଉତ୍କଳ ଟ୍ୟାନେରୀ ଗଠନ କରି ଓଡ଼ିଶାର ଶିଳ୍ପ ସମୃଦ୍ଧି ପାଇଁ ଉଦ୍ୟମ କରିଥିଲେ। ରାଜ୍ୟରେ ମଧ୍ୟସ୍ଥି ମାଧ୍ୟମରେ ମାମଲାଗୁଡ଼ିକ ବିଚାର ପାଇଁ ସରକାର ଉଦ୍ୟମ କରୁଛନ୍ତି। ଏଥିପାଇଁ ଗ୍ରାମାଞ୍ଚଳରେ ନ୍ୟାୟସଖୀ ନିଯୁକ୍ତି ଦିଆଯିବ। ଏମାନେ ମଧ୍ୟସ୍ଥତା କରି ଅନେକ ମାମଲାର ସମାଧାନ କରିବେ। ରାଜ୍ୟ ସରକାର ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୫କୋଟି ଟଙ୍କାରୁ ବୃଦ୍ଧି କରିଛନ୍ତି ବୋଲି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଆଇନ ଦିବସରେ ପ୍ରକାଶ କରିଛନ୍ତି। ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ଆଜି ସହିଦ୍ ଭବନଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୮ତମ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ କରାଯାଇଛି। ବାର ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ବିଚାରପତି ସଞ୍ଜୟ କୁମାର ମିଶ୍ର, ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀମାନଙ୍କୁ ମଧୁସୂଦନ ପୁରସ୍କାର ପ୍ରଦାନ କରାଯାଇଥିଲା। ବାର୍ ଆସୋସିଏସନ୍‌ର ସମ୍ପାଦକ ହୃଦାନନ୍ଦ ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସଂଘର ଉପସଭାପତି ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



### ତୁଳସୀପୁର ଗୌରା କବର



ତୁଳସୀପୁର ସ୍ଥିତ ଗୌରା କବରଠାରେ ମଧୁବାବୁଙ୍କର ସମାଧି ପୀଠରେ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ବ୍ୟତୀତ ସହର ସ୍ଥିତ ମଧୁବାବୁଙ୍କର ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ। ସମାଧିପୀଠରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଡ. ରବିରଞ୍ଜନ ସାହୁ, ପ୍ରଭାସ ଆଚାର୍ଯ୍ୟ, କିଶୋର ମହାନ୍ତି, ସୌମ୍ୟରଂଜନ ପଟ୍ଟନାୟକ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଏବଂ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀମାନେ ମାଲ୍ୟାର୍ପଣ କରି ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ 'ମୁଁ ମଧୁବାବୁ' କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୮।୪/ଏନ୍‌ଏନ୍‌ଏସ୍:** ବୁଦ୍ଧମନ୍ଦିରର ପରିସର ଓଡ଼ିଆ ଓଡ଼ିଆ ବାସୁଥିଲା। ଓଡ଼ିଆ ପିଠା, ପଣା, ସଙ୍ଗୀତ, ନୃତ୍ୟ, କବିତା, କଥା, ଚିତ୍ର ସବୁଥିରେ ଓଡ଼ିଆ ଛାପ ପରିବେଶକୁ ଉତ୍ସବ ମୁଖର କରିଥିଲା। ଏହାଥିଲା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶାଏଁ ଓ ଜେଜେ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା 'ମୁଁ ମଧୁବାବୁ' କାର୍ଯ୍ୟକ୍ରମ। ମଧୁବାବୁଙ୍କ ଜନ୍ମପୀଠର ମାଟି ମୁଣ୍ଡରେ ମାରି ସମବେତ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଓଡିଶାର ଭବିଷ୍ୟତ ଗଢିବା ପାଇଁ ସଂକଳ୍ପ ନେଇଥିଲେ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରଛାତ୍ରୀ ମାନଙ୍କୁ ତାଙ୍କର ଜୀବନ, ଦୃଷ୍ଟିକୋଣ ଓ ଅବଦାନ ସମ୍ବନ୍ଧରେ ଜଣାଇବା ସହିତ, ସେହି ମୂଲ୍ୟବୋଧକୁ ନିଜ ଜୀବନରେ ଅନୁସରଣ କରିବା ପାଇଁ ପ୍ରେରିତ କରିବା ଉପରେ ନିହିତ ଥିଲା। କାର୍ଯ୍ୟକ୍ରମର ପ୍ରତିଟି ପାଖୁଡ଼ା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ପ୍ରେରଣାଦାୟକ ଥିଲା। ଦିନବେଳା ପିଲାମାନଙ୍କ ପାଇଁ ମଧୁବାବୁଙ୍କ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ମଧୁବାବୁଙ୍କ ଜୀବନାଦର୍ଶ ଉପରେ ପିଲାମାନଙ୍କ ପାଇଁ ଯୁବ କଥାକାର ବିକ୍ରମ ନାୟକଙ୍କ 'ମଧୁକଥା' ଓ ମଧୁବାବୁଙ୍କ ରଚିତ ସଂଗୀତ ଗାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ବେଶ ଆକର୍ଷଣୀୟ କରିଥିଲା ଓ ମଧୁ ବାବୁଙ୍କ ସ୍ୱପ୍ନ ଓ ଓଡିଶାର ଉନ୍ନତିରେ ଆମର ଭୂମିକା ନେଇ ଆୟୋଜିତ ଯୁବ କବି ଆସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୧୩ ଜଣ ଯୁବ କବି 'ଆଜିର ଆହ୍ୱାନ' ସମ୍ପର୍କିତ କବିତା ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଚାରି ଜଣ ଯୁବ ପ୍ରତିଭା ଯଥା ସାହିତ୍ୟିକ ଓ ଲେଖକ ଶୁଭ୍ରାଂଶୁ ପଣ୍ଡା, ଯୁବ ଉଦ୍ୟୋଗୀ ସ୍ୱୟଂ ପ୍ରକାଶ ଜେନା, ଯୁବ ପରିବେଶବିତ୍ ସୁଶ୍ରୀ ସାୟୀ ସୁନ୍ଦରା ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ସ୍ନେହାଶିଷ ଦାସଙ୍କୁ ଉତ୍ତରଦାୟାଦ ସଂକଳ୍ପ ସମ୍ମାନ ପ୍ରଦାନ କରାଯାଇଥିଲା। ବିଭୁତି କାନୁନଗୋ ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ଉତ୍କଳ ଗୌରବ' ସମ୍ପର୍କିତ ଚିତ୍ର ପ୍ରଦର୍ଶନୀ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଆଶାଏଁ ଅନୁଷ୍ଠାନର ଅଧ୍ୟକ୍ଷ ରତ୍ନାକର ସାହୁ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଗତ ୧୨ ବର୍ଷ ଧରି ଆୟୋଜିତ ହୋଇଆସୁଥିବା ଏହି କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରି ସମସ୍ତ ବ୍ୟକ୍ତିବିଶେଷମାନଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ। ପ୍ରଖ୍ୟାତ ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ, ଭାଷାବିତ୍ ପ୍ରଦ୍ୟୁମ୍ନ ଶତପଥି, ଦୈନିକ ଖବରକାଗଜ 'ନିତିଦିନ'ର ସମ୍ପାଦକମନୋଜ ମହାପାତ୍ର, ଲେଖକ ଡଃ ରଜନୀ ରଞ୍ଜନ ଦାସ, ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ପୂର୍ବତନ ସଭାପତି ସଂଗ୍ରାମ ପାଇକରାୟ, ମାନସ ରଞ୍ଜନ ମିଶ୍ର ସମେତ ଅନେକ ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଆଶାଏଁ ଅନୁଷ୍ଠାନ, ବୀଣାଭାରତୀ ଶିକ୍ଷା କେନ୍ଦ୍ର ଭରତପୁର, ଶୋଭନୀୟ ଶିକ୍ଷାଶ୍ରମ ଓ ଅନ୍ୟାନ୍ୟ ବିଦ୍ୟାଳୟର ଶତାଧିକ ପିଲା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନସ୍ୱିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସପନ ଜେନା, ରମାକାନ୍ତ ଦାସ, ଏସକେ ବାଦଲ, ପି କଲ୍ୟାଣ, ସୁଭଦ୍ରା ସେଠୀ, ମାନସ ସାହୁ, ଲିପୁନ ସେଠୀ, ଶ୍ରୀ ସୋମ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରେଭେନ୍ସା କଲିଜିଏଟ୍ ସ୍କୁଲ୍‌ରେ ମଧୁବାବୁଙ୍କ ଜୟନ୍ତୀ

# 'ମଧୁ ସ୍ୱାଭିମାନ ସମ୍ମାନ'ରେ ସମ୍ମାନିତ ହେଲେ ୱିଙ୍ଗ୍ କମାଣ୍ଡର୍ ବିରଜା ଶଙ୍କର ସିଂହଦେଓ

**କଟକ,୨୮।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ଜାତିର ପ୍ରାଣପୁରୁଷ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଆଜି କଟକର ଐତିହାସିକ ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅତ୍ୟନ୍ତ ଗୌରବ ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପୁରାତନ ଛାତ୍ର ତଥା ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ମଧୁବାବୁଙ୍କ ଅମର ସ୍ମୃତି ଚାରଣ କରିବା ସହ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ସଙ୍କଳ୍ପବଦ୍ଧ ହୋଇଛନ୍ତି। ପ୍ରାତଃ ଓ ସାନ୍ଧ୍ୟ ଅର୍ଘ୍ୟ ସମାରୋହର ପ୍ରାରମ୍ଭରେ ସକାଳ ୮ଟା ୩୦ ମିନିଟ୍‌ରେ ସ୍କୁଲ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ପୁନର୍ବାର ମାଲ୍ୟାର୍ପଣ କରାଯାଇ ସାନ୍ଧ୍ୟ ଅଧିବେଶନର ଶୁଭାରମ୍ଭ କରାଯାଇଥିଲା।



ଡଃ. ଚନ୍ଦ୍ରଭାନୁ ଶତପଥୀ ପ୍ରେକ୍ଷାଳୟଠାରେ ଆୟୋଜିତ ଏହି ସଭାରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସ୍କୁଲର ଛାତ୍ରଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରି ପରିବେଶକୁ ଦେଶପ୍ରେମର ଭାବନାରେ ପରିପୂର୍ଣ୍ଣ କରିଥିଲେ। ବିଶିଷ୍ଟ ଅତିଥିଙ୍କ ଅଭିଭାଷଣଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇ.ଏ.ଏସ. ଡକ୍ଟର ସଞ୍ଜୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ପ୍ରଶାସନିକ ଦୂରଦୃଷ୍ଟି ଓ ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଡକ୍ଟର ବିଜୟ କୁମାର ଶତପଥୀ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ମଧୁବାବୁ କରିଥିବା ସଂଗ୍ରାମକୁ ମନେ ପକାଇଥିଲେ। ବିଶିଷ୍ଟ ବକ୍ତା ତଥା ସୁସାହିତ୍ୟିକ ତଥା ଦୈନିକ ଖବରକାଗଜ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର ମଧୁବାବୁଙ୍କୁ ଜଣେ ସମାଜ ସଂସ୍କାରକ ଭାବେ ବର୍ଣ୍ଣନା କରିଥିଲେ। ୱିଙ୍ଗ କମାଣ୍ଡର ବିରଜା ଶଙ୍କର ସିଂହଦେଓଙ୍କୁ ସମ୍ମାନଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ 'ମଧୁ ସ୍ୱାଭିମାନ ସମ୍ମାନ' ୱିଙ୍ଗ କମାଣ୍ଡର ଶ୍ରୀ ବିରଜା ଶଙ୍କର ସିଂହଦେଓଙ୍କୁ ପ୍ରଦାନ କରାଯାଇଛି। ସୁପ୍ରଭା ମହାନ୍ତିଙ୍କ ମାନପତ୍ର ପଠନ ପରେ ଅତିଥିମାନେ ତାଙ୍କୁ ଏହି ସମ୍ମାନରେ ଭୂଷିତ କରିଥିଲେ। ଏହି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମକୁ ଶ୍ରୀ ସଞ୍ଜିବ ଜେନା ଓ ଶ୍ରୀ ସିତାଂଶୁ ରଂଜନ ରାଉତରାୟ ସଂଯୋଜନା କରିଥିଲେ। ସଂଗଠନର ଭୂମିକା ଓ ପରିଚାଳନାପୁରାତନ ଛାତ୍ର ସଂସଦର ଉପ-ସଭାପତି ଧର୍ମେଶ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ପରମବ୍ରହ୍ମ ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କିଶୋର ମିଶ୍ର ନିଜର ଅଭିଭାଷଣ ରଖିବା ସହ ଶେଷରେ ସଞ୍ଜିବ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ଅତିଥି ସମ୍ମାନ କାର୍ଯ୍ୟକ୍ରମକୁ ଝିମିଲି ମହାପାତ୍ର ଓ ସୋମା ପଟ୍ଟନାୟକ ସଂଯୋଜନା କରିଥିଲେ। ସଂସଦର ସଭାପତି ଜଷ୍ଟିସ୍ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ସମାରୋହରେ ବହୁ ପୁରାତନ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ମଧୁବାବୁଙ୍କ ଜୟନ୍ତୀକୁ ସଫଳ କରିଥିଲେ। ଶେଷରେ ମାନବେନ୍ଦ୍ର ମିଶ୍ର ଧନ୍ୟବାଦ୍ ଦେଇଥିଲେ।

## ବ୍ରାଉନସୁଗର୍ ଜବତ, ଜଣେ ଗିରଫ

**କଟକ,୨୮।୪/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ହରିଅନ୍ତା ଛକ ନିକଟରୁ ଜଣକୁ ଗିରଫ କରାଯାଇ ୯୨ ଗ୍ରାମର ବ୍ରାଉନସୁଗର୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରବୀନ୍ଦ୍ର ବାରିକ (୩୪)। ଜବତ ବ୍ରାଉନସୁଗର୍‌ର ଆନୁମାନିକ ମୂଲ୍ୟ ୯.୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଚଢ଼ଉରେ ଏସ୍‌ଆଇ ସୌମ୍ୟରଞ୍ଜନ ମାଝୀ, ଏଏସଆଇ କିଶୋର ଚନ୍ଦ୍ର ରାଉତ, ସଞ୍ଜୀବ କୁମାର ମୁଣ୍ଡା, କନ୍‌ଷ୍ଟେବଲ ଦୀପକ କୁମାର ସାହୁ ଓ ଦୀପକ କୁମାର ସାହୁ ପ୍ରମୁଖ ସାମିଲ ଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



## ପ୍ରଥମ ପୃଷ୍ଠାରୁ

### ୨୦୩୬ ସୁଦ୍ଧା ଆଉ ...

ମାଧ୍ୟମରେ ପରିଚାଳନା କରାଯାଇ ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ କରାଯିବ। ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ କେନ୍ଦୁଝର ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ,କେନ୍ଦୁଝର ପ୍ରତି ତାଙ୍କର ପ୍ରତିବଦ୍ଧତା ସ୍ପଷ୍ଟ। ଖଣି ଖାଦାନରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ। କେନ୍ଦୁଝର ଏତେ ଦିନ ଧରି ରାଜ୍ୟକୁ ସମୃଦ୍ଧି ଦେଇ ଆସିଛି, ଏବେ ସମୟ ଆସିଛି କେନ୍ଦୁଝରକୁ ତାର ହକ୍ ଫେରାଇବାର। ବଡ଼ବିଲ ରିଂ-ରୋଡ୍‌ର କାର୍ଯ୍ୟ ଆଗାଇ ଚାଲିଛି। ଜାପାନର ପ୍ରସିଦ୍ଧ କମ୍ପାନୀକୁ କେନ୍ଦୁଝରରେ କାରଖାନା ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଭବିଷ୍ୟତର 'ଇଲେକ୍ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ। ଜିଲ୍ଲାରେ ବଢୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ବିକାଶ ମଡେଲକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ଭାରତ ଆଜି ସୌର, ପବନ ଓ ପରମାଣୁ ଶକ୍ତିରେ ଆତ୍ମନିର୍ଭର ହେଉଛି। ଆମ ଡବଲ ଇଞ୍ଜିନ ସରକାର ସେହି ବିକାଶର ଧାରାକୁ ଓଡ଼ିଶାର ପ୍ରତିଟି ଗାଁ ଏବଂ ପ୍ରତିଟି ପରିବାର ପାଖରେ ପହଞ୍ଚାଇବାକୁ ସଂକଳ୍ପବଦ୍ଧ। 'କେନ୍ଦୁଝରର ବିକାଶ ଦାୟିତ୍ୱ ମୋର। ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରାଯିବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ଯେ, ରାଜ୍ୟରେ ସମସ୍ତ ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ ସୁନିଶ୍ଚିତ ହେବାପାଇଁ ଆମ ସରକାର ଦୃଢ଼ କାର୍ଯ୍ୟରତ। ଆଜିର ଗ୍ରୀଡ୍ ସବ ଷ୍ଟେସନ କେବଳ କେନ୍ଦୁଝର ନୁହେଁ ଏହାର ପାୱାର ସପ୍ଲାଏ ଆଣେ ସୁନ୍ଦରଗଡ଼, ଅନୁଗୋଳ, ବଇଣ୍ଡା ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ କରିବୁ। ଆଗାମୀ ଦିନରେ କେନ୍ଦୁଝର ଅଞ୍ଚଳରେ ଥିବା ସମସ୍ତ ଉପାନ୍ତ ଅଞ୍ଚଳରେ ଯେଉଁଠାରେ ବିଦ୍ୟୁତ କନେକ୍ସନ ନାହିଁ, ସେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ ପହଂଚାଇବା ଲକ୍ଷ୍ୟ ରଖିଛୁ। ପ୍ରଧାନମନ୍ତ୍ରୀ ଙ୍କ ନିର୍ଦ୍ଦେଶରେ ୨୦୨୮ ସୁଦ୍ଧା ସମଗ୍ର ଓଡ଼ିଶା ବିଦ୍ୟୁତ ସଙ୍କଟରୁ ବାହାରିବ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକିର ମୋହନ ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ସମେତ, ବରିଷ୍ଠ ଅଧିକାରୀ ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ବୁକିଂ ବ୍ୟବଧାନରେ ପରିବର୍ତ୍ତନ ...

ପାଇଁ ବାୟୋମେଟ୍ରିକ ଅଥେଣ୍ଟିକେସନ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଗ୍ରାହକମାନେ ଏବେ ଯାଏଁ ଇ-କେୱାଇସି କରିନାହାନ୍ତି, ସେମାନଙ୍କୁ ଏହା ତୁରନ୍ତ କରାଇନେବାକୁ ପରାମର୍ଶ ଦିଆଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ସଙ୍କଟ ଯୋଗୁଁ ଘରୋଇ ଏଲପିଜି ସିଲିଣ୍ଡର (୧୪.୨ କେଜି) ଦର ପ୍ରାୟ ୬୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ସେହିପରି ୧୯ କିଲୋଗ୍ରାମ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ଗୋଟିଏ ମାସ ମଧ୍ୟରେ ତିନିଥର ବୃଦ୍ଧି କରାଯାଇଛି। ସେହିପରି ପୂର୍ବରୁ ମାର୍ଚ୍ଚ ୭ରେ ମଧ୍ୟ ସିଲିଣ୍ଡର ଦାମ୍ ବୃଦ୍ଧି କରାଯାଇଥିଲା। ଏହାସତ୍ତ୍ୱେ ମେ ୧ରୁ ପୁଣି ଥରେ ଦର ସଂଶୋଧନ ହେବାର ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ, ଭାରତରେ ଦୈନିକ ପ୍ରାୟ ୮୦,୦୦୦ ଟନ୍ ଏଲପିଜି ଆବଶ୍ୟକ ହେଉଥିବା ବେଳେ ଘରୋଇ ଉତ୍ପାଦନ ୪୬,୦୦୦ ଟନ୍ ରହିଛି। ଯୋଗାଣ ବଜାୟ ରଖିବା ପାଇଁ ଭାରତ ଆମେରିକାରୁ ଅତିରିକ୍ତ ଏଲପିଜି ଆମଦାନୀ କରୁଛି, ଯାହା ଜୁନ୍-ଜୁଲାଇ ସୁଦ୍ଧା ପହଞ୍ଚିବ। ତେଣୁ ସମସ୍ତ ଗ୍ରାହକ ସେମାନଙ୍କ ମୋବାଇଲ୍ ନମ୍ବର ଲିଙ୍କ୍ କରିବା ସହ ମାଇଁ ଏଲ୍‌ପିଜି ପୋର୍ଟାଲରେ ପରବର୍ତ୍ତୀ ବୁକିଂ ତାରିଖ ଯାଞ୍ଚ କରିବାକୁ କୁହାଯାଇଛି।

### ବିଜେଡି ସହ ମେଣ୍ଟ ...

ତାହା ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରିବ। ଅନ୍ୟପଟେ, ବିଜେଡି ମଧ୍ୟ କଂଗ୍ରେସ ସହ ମେଣ୍ଟ ଚର୍ଚ୍ଚାକୁ ଖଣ୍ଡନ କରିଛି। ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, 'କଂଗ୍ରେସ ସହ ମେଣ୍ଟ କରାଯିବାର ପ୍ରଶ୍ନ ହିଁ ଉଠୁନାହିଁ। ବିଜେଡି ଏକ ପ୍ରମୁଖ ଦଳ ଏବଂ ସୁସଂଗଠିତ ଭାବେ ଏକାକୀ ପଞ୍ଚାୟତ ନିର୍ବାଚନ ଲଢ଼ିବ।' ନିକଟରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ପରେ ଏକ ରାଜନୈତିକ ପରିବର୍ତ୍ତନର ସାମାନ୍ୟ ଆଭାସ ମିଳିଥିଲା। କଂଗ୍ରେସ, ବିଜେଡି ପ୍ରାର୍ଥୀ ଡକ୍ଟର ଦତ୍ତେଶ୍ୱର ହୋତାଙ୍କୁ ସମର୍ଥନ କରିଥିଲା। ଫଳରେ କଂଗ୍ରେସ ଏବଂ ବିଜେପି ଏବେ ଏକଜୁଟ୍ ହୋଇ ବିଜେପି ବିରୋଧରେ ଛିଡା ହେବାକୁ ଯୋଜନା କରୁଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। କିନ୍ତୁ ବିଜେଡି ଏବଂ କଂଗ୍ରେସର କିଛି ବିଧାୟକଙ୍କ କ୍ରସ-ଭୋଟିଂ ଯୋଗୁଁ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଜୟୀ ହୋଇଥିଲେ, ଯାହାକୁ ନେଇ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ତିକ୍ତତା ପୂର୍ବାପେକ୍ଷା ଅଧିକ ବଢ଼ିଥିବା ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

### ମେ' ୪ରୁ ଓଜେଇଇ ...

ଏଲ୍‌ଇ ଟେକ୍ (ଡିପ୍ଲୋମା), ଦ୍ୱିତୀୟ ସିଫ୍ଟରେ ଏମ୍‌ସିଏ/ଏସ୍‌ଏସ୍‌ସି (କମ୍ପ୍ୟୁଟର ସାଇନ୍ସ), ତୃତୀୟ ସିଫ୍ଟରେ ଏମ୍‌ସିଏ/ ପୋଷ୍ଟ ବେସିକ୍ ବିଏସ୍‌ସି ନର୍ସିଂ ପରୀକ୍ଷା ହେବ। ୧୦ ତାରିଖରେ ପ୍ରଥମ ସିଫ୍ଟରେ ଏମ୍. ଫାର୍ମା/ ଏମ୍ ଆର୍କ/ ଏମ୍ ପ୍ଲାନ୍ / ଏମ୍ ଟେକ୍/ ଏଲ୍‌ଇ ଟେକ୍ ବିଏସ୍‌ସି ପରୀକ୍ଷା ରହିଛି। ଦ୍ୱିତୀୟ ସିଫ୍ଟରେ ପୋଷ୍ଟ ବେସିକ୍ ଡିପ୍ଲୋମା ନର୍ସିଂ/ବି ସାଟ୍/ ଏଲ୍‌ଇ ଫାର୍ମା ପରୀକ୍ଷା ଅନୁଷ୍ଠିତ ହେବ। ଖରାକୁ ଦୃଷ୍ଟିରେ ରଖି ପରୀକ୍ଷା ସେଣ୍ଟରରେ ପାନୀୟ ଜଳ ଓ ଫାର୍ଷ୍ଟଏଡ ବ୍ୟବସ୍ଥା କରାଯାଇଛି। ମୋଟ ଆକାରରେ ୧୬ ଟି ବିଷୟରେ ହେଉଛି । ପରୀକ୍ଷା ହେଉଥିବାବେଳେ ବିଏସ୍‌ସି ନର୍ସିଂ ପାଇଁ ସର୍ବାଧିକ ୩୦ ହଜାର ପିଲା ପରୀକ୍ଷା ଦେଉଛନ୍ତି । ଚଳିତ ବର୍ଷ ୧ ଲକ୍ଷ ୩ ହଜାର ପିଲା ୯୯ ସେଣ୍ଟରରେ ପରୀକ୍ଷା ଦେବେ। ଓଡ଼ିଶାରେ ୯୩ ସେଣ୍ଟର ଥିବାବେଳେ ରାଜ୍ୟ ବାହାରେ ୬ ଟି ସେଣ୍ଟର ରହିଛି। ବିଶେଷ କରି କୋଲକାତାରେ ତିନୋଟି ସେଣ୍ଟର, ପାଟଣାରେ ଦୁଇଟି ସେଣ୍ଟର ଓ ରାଞ୍ଚିରେ ଗୋଟେ ମାତ୍ର ସେଣ୍ଟର ରହିଛି। ପ୍ରତିଦିନ ତିନୋଟି ସିଟିଂରେ ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି। ତେବେ ପରୀକ୍ଷା ସମୟରେ ଯେହେତୁ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେଉଛି, ତେଣୁ ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି କରାଯାଇଛି। ପ୍ରତ୍ୟେକ ପରୀକ୍ଷା ହଲରେ ପିଇବା ପାଣିର ବ୍ୟବସ୍ଥା, ଗରମରୁ ରକ୍ଷା ପାଇବା ପାଇଁ ପଙ୍ଖାର ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ତାତିରୁ ରକ୍ଷା ପାଇଁ ଯାହା ଯାହା ଆବଶ୍ୟକ ତାହା ପରୀକ୍ଷା କେନ୍ଦ୍ର ଗୁଡିକରେ ଯୋଗାଇ ଦିଆଯାଇଛି।

### ରନ୍ଧନ ଗ୍ୟାସ ଓ ...

ଅନ୍ୟ ପକ୍ଷରେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ତେବେ ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ନେଇ କୌଣସି ସମ୍ଭାବନା ନାହିଁ। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏଭଳି ଗୁଜବଠାରୁ ଦୂରେଇ ରହିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ନିକଟରେ ୭ ହଜାରରୁ ଅଧିକ ବେଆଇନ ସିଲିଣ୍ଡର ଜବତ ହେବା ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ ଉପଲବ୍ଧି। ରାଜ୍ୟରେ ରନ୍ଧନ ଗ୍ୟାସ ଓ ପେଟ୍ରୋଲ-ଡିଜେଲର କଳାବଜାରୀକୁ ବରଦାସ୍ତ କରାଯିବ ନାହିଁ। ଏଥି ସହିତ ୫ କେଜି ଗ୍ୟାସ ସିଲିଣ୍ଡର ଯୋଗାଣ ବଢ଼ାଇବା ସହ ସବୁ ସହରରେ ପିଏନ୍‌ଜି ଯୋଗାଣର ବ୍ୟବସ୍ଥା ବ୍ୟାପକ କରିବା ଏବଂ ସିଏସ୍‌ଆର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସେ ବିତରଣ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭିନ୍ନ ପ୍ରାକୃତିକ ଗ୍ୟାସ ଓ ତୈଳ ବିତରଣ କମ୍ପାନୀର ପ୍ରତିନିଧିମାନଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ତତଲା ତାୱାରେ ...

ମଧ୍ୟ ପ୍ରବଳ ତାତି ଅନୁଭୂତ ହୋଇଛି। ଏପ୍ରିଲ ମାସ ଶେଷ ସପ୍ତାହରେ ସୂର୍ଯ୍ୟ କିରଣ ଆହୁରି ପ୍ରଖର ହେବାରେ ଲାଗିଛି। ପୂର୍ବ ଓଡ଼ିଶାର ଅନେକ ସ୍ଥାନରେ ପାଗ କୋହଳା ଥିଲା ବେଳେ ଏବେ ବି ପଶ୍ଚିମ ଓଡ଼ିଶାର ଏକାଧିକ ସହର ଜଳିଛି। ତାପମାତ୍ରାରେ ସବୁଠାରୁ ଅଧିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଝାରସୁଗୁଡ଼ାବାସୀ। ଭାରତୀୟ ପାଣିପାଗ ବିଭାଗ ଅନୁସାରେ ଆଜି ଝାରସୁଗୁଡ଼ାରେ ତାପମାତ୍ରା ୪୫.୩ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ଚଳିତ ବର୍ଷ ରାଜ୍ୟର ସର୍ବାଧିକ ତାପମାତ୍ରା। ଭୁବନେଶ୍ୱରରେ ତାପମାତ୍ରା ୩୫.୪ ଡିଗ୍ରୀ ଥିଲା ବେଳେ ରାଜ୍ୟର ୧୧ଟି ସହରର ଏହା ୪୦ ଡିଗ୍ରି ଉପରେ ରହିଛି। ଝାରସୁଗୁଡାବାସୀଙ୍କ ଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଝାରସୁଗୁଡ଼ା ସମେତ ସମ୍ବଲପୁର, ସୁନ୍ଦରଗଡ଼, ସୋନପୁର ଏବଂ ବୌଦ୍ଧ ଭଳି ଜିଲ୍ଲା ପାଇଁ 'ହିଟୱେଭ୍' ବା ଗ୍ରୀଷ୍ମ ପ୍ରବାହ ସତର୍କତା ଜାରି କରାଯାଇଛି। ଝାରସୁଗୁଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ଆଜି ରାତିରେ ମଧ୍ୟ ଗରମ ଅନୁଭୂତ ହେବାର ସମ୍ଭାବନା ରହିଛି। ତେବେ ଆସନ୍ତାକାଲି (୨୯ ଅପ୍ରେଲ) ପାଇଁ ଝାରସୁଗୁଡ଼ାର ତାପମାତ୍ରା ପ୍ରାୟ ୪୨ ଡିଗ୍ରୀ ରହିବା ସହ ୩୦ ଏପ୍ରିଲ ବେଳକୁ କାଳବୈଶାଖୀ ପ୍ରଭାବରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ଅଛି, ଯାହା ତାତିରୁ ସାମାନ୍ୟ ଆଶ୍ୱସ୍ତି ଦେଇପାରେ। ପ୍ରବଳ ଗରମକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜରୁରୀ କାର୍ଯ୍ୟ ନଥିଲେ ବାହାରକୁ ନବାହାରିବାକୁ ଏବଂ ପ୍ରଚୁର ପରିମାଣରେ ପାଣି ପିଇବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ଭବାନୀପୁରରେ ମମତା ...

ହୋଇଥିଲା। ଆସନ୍ତାକାଲି ଅନ୍ତିମ ପର୍ଯ୍ୟାୟରେ ଆଉ ୧୪୨ ଆସନରେ ମତଦାନ ହେବ। ସକାଳ ୭ରୁ ସନ୍ଧ୍ୟା ୬ ଯାଏଁ ଚାଲିବ ଭୋଟିଂ। ବେଙ୍ଗଲ ଦଖଲ ପାଇଁ ବିଜେପି ଜବରଦସ୍ତ ପ୍ରଚାର କରିଥିବାବେଳେ କ୍ଷମତା ବଜାୟ ରଖିବାକୁ ଟିଏମ୍‌ସି ବି ନିଜ ପାରୁ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଛି। ମେ ୪ ତାରିଖ ଫଳାଫଳ ଉପରେ ସାରା ଦେଶର ନଜର ରହିଛି।

# ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ



**ପୁରୀ,୨୮।୪/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ସ୍ତରୀୟ ରବି ଋତୁ ଧାନ ସଂଗ୍ରହ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ରବି ଧାନ ସଂଗ୍ରହ ମଇ ମାସ ୧୫ ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଖରିଫ ଧାନ ସଂଗ୍ରହ ପରି ରବି ଧାନ ସଂଗ୍ରହ କୁ ସମସ୍ତଙ୍କ ଉଦ୍ୟମ ରେ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୃଷକମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବା, ଧାନ ମଣ୍ଡି ଗୁଡିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା, ଧାନ ସଂଗ୍ରହ ଉପକରଣ ସବୁକୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ୨୨୨୩୬ କୃଷକ ନାମ ପଞ୍ଜିକରଣ କରିଛନ୍ତି। ଗତ ଖରିଫ ଋତୁରେ ଜିଲ୍ଲାରେ ୨୧୦୪୦୦.୦୦ ମେଟ୍ରିକ ଟନ ଧାନ ସଂଗ୍ରହ ର ଧାର୍ଯ୍ୟ ଲକ୍ଷ ରୁ ୨୦୩୫୨୦.୫୭୯ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା। ଜିଲ୍ଲାରେ ୫୯୨୫୩ ପଞ୍ଜିକୃତ ଯୋଗ୍ୟ ଚାଷୀଙ୍କ ମଧ୍ୟରୁ ୫୮୦୦୫ କୃଷକ ଙ୍କ ଠାରୁ ଏହି ଧାନ ସଂଗୃହିତ ହୋଇଥିଲା। ସେହିପରି ଗତବର୍ଷ ରବି ଋତୁରେ ୨୫୩୨୧ ପଞ୍ଜିକୃତ ଯୋଗ୍ୟ କୃଷକ ଙ୍କ ମଧ୍ୟରୁ ୧୮୦୧୩ ଜଣ କୃଷକଙ୍କ ଠାରୁ ୭୨୫୪୪.୦୭୮ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୁରୀ ସାଂସଦଙ୍କ ପ୍ରତିନିଧି, ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ ବିଧାୟକଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋରେ ନୟାଗଡ଼ ଜିଲ୍ଲାକୁ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ



**ନୟାଗଡ଼,୨୮।୪/ଏନ୍‌ଏନ୍‌ଏସ୍:** କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ୩ୟ ରାଜ୍ୟସ୍ତରୀୟ ଓପନ ଟାଏକ୍ୱୋଣ୍ଡୋ ଚମ୍ପିୟନସିପ ୨୦୨୬ ଚଳିତ ଏପ୍ରିଲ ୨୪ରୁ ୨୬ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ନୟାଗଡ ମାର୍ଶାଲ ଆର୍ଟ ଏକାଡେମୀ, ନୂଆ ରାଜବାଟି, ନୟାଗଡର ମୋଟ ୭ ଜଣ ଖେଳାଳି ତଥା ଟିମକୋଚ ଶିବାନନ୍ଦ ରାୟଗୁରୁ, ଟିମ ମ୍ୟାନେଜର ସୌମ୍ୟରଞ୍ଜନ ସାହୁ ଏବଂ ଜାତୀୟ ରେଫରୀ ଆଶିଷ ଓମ୍‌ପ୍ରକାଶ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ କ୍ୟାଡେଟ ବିଭାଗରେ ଶାଶ୍ୱତ ସମ୍ମିତ ପ୍ରଧାନ ସ୍ୱର୍ଣ୍ଣପଦକ, ଅଜିତେଶ ପ୍ରଧାନ ରୌପ୍ୟପଦକ, ଶ୍ରୀୟାଂଶି ସାହୁ ରୌପ୍ୟପଦକ ଏବଂ ଅଖିଳେଶ ମହାନ୍ତି କାଂସ୍ୟପଦକ ହାସଲ କରିଥିବା ବେଳେ ସବ-ଜୁନିୟର ବିଭାଗରେ ପ୍ରିତମ ପିୟୁଷ ମିଶ୍ର ସ୍ୱର୍ଣ୍ଣପଦକ, ଏସ.ମମରାଜ ସାହିବ ରୌପ୍ୟପଦକ ଏବଂ ଦେବାଶିଷ ପ୍ରଧାନ କାଂସ୍ୟପଦକ ହାସଲକରି ମୋଟ ୭ଟି ପଦକ ହାସଲକରି ନୟାଗଡ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ପିଲାମାନଙ୍କ ଏହି କୃତିତ୍ୱରେ ଅଭିଭାବକ ତଥା ଖେଳପ୍ରେମୀମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ନୟାଗଡ଼ ଜିଲ୍ଲା ଟାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମାଷ୍ଟର ପ୍ରଦୀପ ଜେନା ଏବଂ ମାର୍ଶାଲ ଆର୍ଟ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ତଥା ପ୍ରତିଷ୍ଠାତା ମାଷ୍ଟର ଭବାନୀ ଶଙ୍କର ରାୟଗୁର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଉତ୍କଳ ଗୌରବ ଜୟନ୍ତୀ

**ଖୋର୍ଦ୍ଧା,୨୮।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଅଦାଲତ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅଧିବକ୍ତା ଶିବ ସୁନ୍ଦର ପଟ୍ଟ ନାୟକଙ୍କ ନେତୃତ୍ୱରେ ଖୋର୍ଦ୍ଧା ଅଦାଲତ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ମଧୁବାବୁଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକ ସଭାପତିତ୍ୱ କରି ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କୋଷାଧ୍ୟକ୍ଷ ଡ.ବିମଳ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ମଧୁବାବୁଙ୍କ ସପ୍ତମ ପୁରୁଷ ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକର ରଥିପୁର ଗ୍ରାମରୁ ଯାଇ ସତ୍ୟଭାମାପୁର ଠାରେ ରହିଥିବା କଥା ସୂଚନା ଦେବା ସହ ମଧୁବାବୁଙ୍କ ଉଦ୍ୟମରେ ଓଡ଼ିଶା ପାଇଁ ପୁଲିସ୍ ବାହିନୀ ପ୍ରତିଷ୍ଠା ହେବା କଥା ଜଣାଇଥିଲେ। ସମ୍ମାନିତ ବକ୍ତା ଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ମଧୁବାବୁଙ୍କ ସଂପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ, ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପୂର୍ବତନ ସମବାୟ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ସୀତାକାନ୍ତ ମିଶ୍ର, ନୃସିଂହ ମିଶ୍ର, ଶିଶିର କୁମାର ପରିଡା, କବିଲକ୍ଷ୍ମୀ ଧର ବଡ଼ଜେନା, ଶାନ୍ତିଲତା ସାହୁ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

## ହିନ୍ଦୁବାଦୀ ସଂଗଠନ ପକ୍ଷରୁ ଗୋ'ସମ୍ମାନ ଅଭିଯାନ



**ଓଡଗାଁ,୨୮।୪/ଏନ୍‌ଏନ୍‌ଏସ୍:** ହିନ୍ଦୁ ଧର୍ମରେ ଗାଈକୁ ମା'ରୂପରେ ପୂଜା କରାଯାଏ।କିନ୍ତୁ ଗୋ'ହତ୍ୟା ତଥା ଗୋଚାଲାଣ ଘଟଣା ବାରମ୍ବାର ସାମ୍ନାକୁ ଆସୁଥିବାରୁ ଏହା ହିନ୍ଦୁମାନଙ୍କ ମନରେ ଆଘାତ ଦେଇଛି। ସୋମବାର କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଓଡ଼ଗାଁ ହିନ୍ଦୁବାଦୀ ସଂଘଠନର କର୍ମକର୍ତ୍ତାମାନେ ଓଡଗାଁ ରଘୁନାଥ ଜୀଉଙ୍କ ମନ୍ଦିର ଠାରୁ ଏକବିଶାଳ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥଲେ।

ପ୍ରମୁଖ ଦାବି ଗୁଡିକ ମଧ୍ୟରେ ଦେଶରେ ଗୋବଂଶର ଯତ୍ନ ଓ ସୁରକ୍ଷା ପାଇଁ କେନ୍ଦ୍ରୀୟ ନିୟମ, ଗୋ'ମାତାଙ୍କୁ ରାଷ୍ଟ୍ରୀୟ ସମ୍ପତି ଘୋଷଣା, ଗୋବଂଶ ବୃଦ୍ଧି ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ସ୍ଥାପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରଏସଏସ ସଂଯୋଜକ ପ୍ରତାପ କୁମାର ଦାସ, ସୁଶାନ୍ତ କୁମାର ସାହୁ, ଅଚ୍ୟୁତାନନ୍ଦ ପଣ୍ଡା, ଜଗନ୍ନାଥ ପାଣିଗ୍ରାହୀ, ଶ୍ରୀନିବାସ ପ୍ରଧାନ, ସମୀର ସାହୁ, ରାଜେଶ ସେଠୀ, ସତ୍ୟଜିତ୍ ସାହୁ, ବାଦଲ ମହାରଣା, କାର୍ତ୍ତିକ ପଣ୍ଡା, ଭଗବାନ ପ୍ରଧାନ ଓ ବିରୂପାକ୍ଷ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭବିଷ୍ୟତରେ ଗୋତସ୍କରୀ କିମ୍ବା ଗୋ'ହତ୍ୟାକୁ ଆଦୌ ସହ୍ୟ କରାଯିବ ନାହିଁ ବୋଲି ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଏବଂ ଆର୍‌ଏସ୍‌ଏସ୍ ପକ୍ଷରୁ ମିଳିତ ଭାବରେ ଚେତାବନୀ ଦିଆଯାଇଛି।

## ବିଶ୍ୱ ପ୍ରାଣୀ ଦିବସରେ ଚାଷୀଙ୍କୁ ଉପେକ୍ଷା

**ନିମାପଡ଼ା,୨୮।୪/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ବିଶ୍ୱ ପ୍ରାଣୀ ଦିବସ ପାଳନରେ ପାତର ଅନ୍ତର ଓ ପ୍ରାଣୀ ପାଳକ, ଚାଷୀ, ବିଭାଗୀୟ କ୍ଷେତ୍ର କର୍ମଚାରୀ ମାନଙ୍କୁ ଉପେକ୍ଷା କରାଯାଇଥିବା ନଜରକୁ ଆସିଛି। ପୁରୀ ଜିଲ୍ଲାର ଏହି ଦିବସ ପିପିଲିସ୍ଥିତ ଏକ ବିଳାସପୂର୍ଣ୍ଣ ହୋଟେଲରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଜିଲ୍ଲାର ୧୧ଟି ବ୍ଲକ୍‌ର ଉନ୍ନତ ଚାଷୀ, ପ୍ରାଣୀଧନ ଚିକିତ୍ସକମାନେ ସାମିଲ ହେଉଥିଲେ। ଚଳିତ ଥର କିନ୍ତୁ କେବଳ ୩ଟି ବ୍ଲକ୍ ଯଥା ନିମାପଡ଼ା, ପିପିଲି, ସତ୍ୟବାଦୀ ବ୍ଲକ୍‌ର ମାତ୍ର ୩୦ଜଣ ଚାଷୀଙ୍କ ସମେତ ହାତଗଣତି କ୍ଷେତ୍ର କର୍ମଚାରୀଙ୍କ ଦେଖା ମିଳିଥିଲା। ଯାହାଫଳରେ ପ୍ରାଣୀ ପାଳକ ଦିବସର ଅସଲ ଉଦ୍ଦେଶ୍ୟ ସାଧିତ ହୋଇ ନଥିବା ଚର୍ଚ୍ଚା ଚାଲିଛି। ବିଭାଗୀୟ କ୍ଷେତ୍ର କର୍ମଚାରୀ, ପ୍ରାଣୀଧନ ନିରୀକ୍ଷକ, ଚାଷୀମାନେ ଯୋଗଦାନ କରିଥିଲେ। ପ୍ରତିଟି ବ୍ଲକ୍‌କୁ ଏହି ଦିବସରେ ସାମିଲ କରାଯାଇଥିଲେ ଉତ୍ସବ ପାଳନଟି ନିଆରା ହୋଇପାରି ଥାଆନ୍ତା। ତେବେ ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

## ଖାଲକୁ ଖସିପଡ଼ିଲା ଯାତ୍ରୀବାହୀ ବସ୍, ଅଳ୍ପକେ ବର୍ତ୍ତିଲେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ

**ଟାଙ୍ଗୀ,୨୮।୪/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଥାନା ୧୬ନଂ ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଅନେକ ଜୀବନ ଯାଉଥିଲେ ମଧ୍ୟ ପରିବହନ ବିଭାଗ କର୍ମଚାରୀ ଘରୋଇ କମ୍ପାନୀ ଠାରୁ ମାଲ ନେଇ ରାଜପଥ ଉପରେ ବେଆଇନ ପାର୍କିଂ କରିବାକୁ ପ୍ରଶୟ ଦେଉଥିବା ଅଭିଯୋଗ ହେଉଛି। ତେବେ ଆଜି ବେଆଇନ ପାର୍କିଂ ପାଇଁ ଏକ ବଡ ଦୁର୍ଘଟଣା ଘଟିଥିଲେ ମଧ୍ୟ ସୌଭାଗ୍ୟବଶତଃ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ଚକାନୟନ ନାମକ ଏକ ଯାତ୍ରୀବାହୀ ବସ୍ ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିବା ସମୟରେ ପଶୁପତିଗଡା ନିକଟରେ ଘରୋଇ କମ୍ପାନୀକୁ ଆସିଥିବା ଟ୍ରକ୍‌ଗୁଡ଼ିକ ରାସ୍ତା ଉପରେ ବେଆଇନ ପାର୍କିଂ ହୋଇଥିବା ବେଳେ ଏକ ପିକ୍‌ଅପ୍ ଡାଲା ଅଟୋଟି ରାସ୍ତା ପାର୍‌ହେବାକୁ ଯାଉଥିବା ସମୟରେ ଅଟୋ ସହ ଧକ୍କା ହୋଇ ରାସ୍ତାକଡ଼କୁ ଖସିପଡ଼ି ରହିଯାଇଥିଲା। ଖବର ପାଇ ତୁରନ୍ତ ରାଜପଥ ପୁଲିସ ଓ ଟାଙ୍ଗୀ ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାରକରି ଅନ୍ୟଗାଡିରେ ପଠାଥିଲେ।

## ଅସହାୟ ପରିବାରକୁ ମିଳିଲା ଅନ୍ତ୍ୟୋଦୟ ଗୃହ



**ଚାରିଛକ,୨୮।୪/ଏନ୍‌ଏନ୍‌ଏସ୍:** ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ଯୋଗୁଁ ଜଣେ ଅସହାୟା ଗରିବ ପରିବାରକୁ ନ୍ୟାୟ ମିଳିଛି। ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ଜୁଣୁପୁର ଗ୍ରାମର ରୋଗାକ୍ରାନ୍ତ ଦୁଶାସନ ପ୍ରଧାନଙ୍କ ପତ୍ନୀ ଶୋଭାମଣି ପ୍ରଧାନଙ୍କ ଦୁଃଖ ଭରା କାହାଣୀ ଗତ କିଛିଦିନ ତଳେ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇବା ପରେ, ସରକାରଙ୍କ ପକ୍ଷରୁ ତାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଶୋଭାମଣି ଓ ତାଙ୍କ ପରିବାର ଅତି ଅସୁବିଧାରେ କାଳାତିପାତ କରୁଥିଲେ। ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ତୁରନ୍ତ ଶୋଭାମଣିଙ୍କ ଘରକୁ ଯାଇ ସମସ୍ତ ବିଷୟ ଅନୁଧ୍ୟାନ କରିଥିଲେ ଏବଂ ନିମାପଡ଼ା ବିଡ଼ିଓଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ନିମାପଡ଼ା ବିଡ଼ିଓଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ଅଧିକାରୀ ଘଟଣାର ତଦନ୍ତକରି ଶୋଭାମଣିଙ୍କ ମାସିକ ଭତ୍ତାକୁ ୧୦୦୦ ଟଙ୍କାରୁ ୧୨୦୦ ଟଙ୍କାକୁ ବୃଦ୍ଧି କରାଯିବା ସହ ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

### ମୁଖ୍ୟମନ୍ତ୍ରୀଙ୍କ ଆରଡିସି ...

ଟଙ୍କା ଅଛି ସେ ନଆସିଲେ ଟଙ୍କା ଦିଆଯାଇ ପାରିବନାହିଁ। ତାଙ୍କର ମୃତ୍ୟୁ ହୋଇଥିବା କହିବାରୁ ତାଙ୍କ ଉତ୍ତରାଧିକାରୀ ନେଇ କି ଆସ ବୋଲି କହିଥିଲେ। ଏଥିରେ ବିବ୍ରତ ହୋଇ ଜିତୁ ମୁଣ୍ଡା ସିଧାସଳଖ ଯାଇ ଗାଁ ଶ୍ମଶାନ ଘାଟରେ ପହଞ୍ଚି ଥିଲେ। ସେଠାରେ ପୋତା ଯାଇଥିବା ଭଉଣୀର ମୃତଦେହ ବାହାର କରିଥିଲେ ଏବଂ ତାକୁ କାନ୍ଧରେ ପକାଇ ତିନି କିଲୋମିଟର ଦୂର ମଲ୍ଲୀପସି ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାକୁ ଚାଲିଚାଲି ଆସି ପହଞ୍ଚିଥିଲେ। କଙ୍କାଳକୁ ବ୍ୟାଙ୍କ ବାରଣ୍ଡାରେ ରଖି ଜମା ଥିବା ଟଙ୍କା ଦେବାକୁ ଦାବି କରିଥିଲେ। ଏଭଳି ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଏଥିପାଇଁ ଅନେକ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅମାନବିକତା ଓ ଅସମ୍ବେଦନଶୀଳତାକୁ ଦାୟୀ କରିଥିଲେ।

## ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




**ଖୋର୍ଦ୍ଧା,୨୮।୪/ଏନ୍‌ଏନ୍‌ଏସ୍:** ହିନ୍ଦୁ ସଂସ୍କୃତିର ଆରାଧ୍ୟା ଗୋମାତାଙ୍କୁ ରାଷ୍ଟ୍ରୀୟ ସ୍ତରରେ ସମ୍ମାନ, ଗୋହତ୍ୟା ବନ୍ଦ ଦାବିରେ ଆଜି ସର୍ବଭାରତୀୟ ସ୍ତରରେ ସାଧୁସନ୍ଥ ମାନଙ୍କ ଡାକରା ଗୋ ସମ୍ମାନ ଅଭିଯାନ ଆୟୋଜନ କରାଯାଇଛି। ଏହି କ୍ରମରେ ଏହି ଅଭିଯାନ, ଖୋର୍ଦ୍ଧା ଶାଖା ପକ୍ଷରୁ ଏକାଧିକ ଗୋ ସେବକ ନୂଆ ବସଷ୍ଟାଣ୍ଡ ଠାରୁ ଗୋମାତାଙ୍କୁ ସାଥିରେ ଧରି ବିଶାଳ ଶୋଭାଯାତ୍ରାରେ ବାହାରି ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଗୋମାତାଙ୍କୁ ରାଷ୍ଟ୍ରୀୟ ସମ୍ମାନ, ଗୋହତ୍ୟା ବନ୍ଦ ଆଇନ କଡାକଡି କରିବାକୁ ସ୍ଲୋଗାନ ଦେଇଥିଲେ। ଅଭିଯାନ ଖୋର୍ଦ୍ଧା ଆବାହକ ଗୋସେବକ ରାଧାମୋହନ ପ୍ରଧାନଙ୍କ ନେତୃତ୍ୱରେ ବିଶ୍ୱମ୍ଭର ଦାସ ମହାରାଜ ଯୋଗଦେଇ ଗୋମାତାର ସୁରକ୍ଷା, ସଂରକ୍ଷଣ, ସମ୍ବର୍ଦ୍ଧନ ହିନ୍ଦୁ ସମାଜ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଭୁପ୍ରସାଦ ମଙ୍ଗରାଜ, ଅଜୟ ମାଝି, ଶୁଭଙ୍କର ପାଇକରାୟ, ସତ୍ୟଜିତ ବେହେରା, ଉଦିତ ପ୍ରହରାଜ, ଏସ୍‌ଏମ୍ ଦିବ୍ୟପ୍ରକାଶ, କୌଶିକ ବରାଳଙ୍କ ସମେତ ଏକାଧିକ ଗୋସେବକ ଯୋଗଦେଇଥିଲେ।

## ଆଜିର ଇତିହାସ

- ୧୫୪୭-ମହାରାଣା ପ୍ରତାପଙ୍କ ମିତ୍ର ଓ ପରାମର୍ଶଦାତା ଭାମାଶାହ ଏହିଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୨୦-ପ୍ରସିଦ୍ଧ ଗଣିତଜ୍ଞ ରାମାନୁଜନ୍‌ଙ୍କର ନିଧନ ହୋଇଥିଲା।
- ୧୯୩୯-ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସରୁ ଇସ୍ତଫା ଦେଇଥିଲେ।
- ୧୯୭୯-ଭାରତୀୟ କ୍ରିକେଟର୍ ଆଶୀଷ ନେହେରା ଏହିଦିନ ଜନ୍ମଗ୍ରହଣ କରିଥିଲେ।
- ୨୦୨୦-ହିନ୍ଦୀ ସିନେମାର ପ୍ରସିଦ୍ଧ ଅଭିନେତା ଇରଫାନ ଖାନଙ୍କର ଦେହାନ୍ତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ଦିନଟି ମଉଜ ମସ୍ତିରେ ବିତିବ। କିଛି ସୁନ୍ଦର ମୁହୂର୍ତ୍ତ ବିତେଇବେ। ଆର୍ଥିକ ଲାଭର ସମ୍ଭାବନା ରହିଛି। ବୟସ୍କ ଲୋକଙ୍କର ପରାମର୍ଶ ଲାଭକାରୀ ପ୍ରମାଣିତ ହୋଇପାରେ। ବ୍ୟବସାୟିକ ସଫଳତା ମିଳିବାର ଯୋଗ ରହିଛି।

**ବୃଷ** – ମାନସିକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସହିତ ସାକ୍ଷାତ ହୋଇପାରେ। ସମ୍ପର୍କୀୟମାନେ ସହଯୋଗ କରିବେ। ରୋମାଣ୍ଟିକ୍ ମୁଡ୍‌ରେ ଅଚାନକ ଆସିଥିବା ପରିବର୍ତ୍ତନ ଚିନ୍ତାରେ ପକାଇବ।

**ମିଥୁନ** – ଆର୍ଥିକ ସ୍ତରରେ ଦିନଟି ଉତ୍ତମ। ଖର୍ଚ୍ଚ ଉପରେ ନଜର ରଖିବେ। ଜୀବନସାଥି ସହିତ ଖୁବ୍ ଭଲ ସମୟ ବିତେଇବେ। ଆଜି ଖାଲି ସମୟର ସଦୁପଯୋଗ କରିବେ। ବ୍ୟାପାରରେ ଉନ୍ନତି କରିବେ।

**କର୍କଟ** – ପିଲାଙ୍କ ସହିତ ଖୁବ୍ ଭଲ ସମୟ ବିତେଇବେ। ଅର୍ଥ ସଞ୍ଚୟର ବିଚାର ପୂରା ହେବ। ଉଚିତ ସଞ୍ଚୟ କରିବାରେ ସଫଳ ହେବେ। ଘରେ ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ ହୋଇପାରେ। ରୋମାଣ୍ଟିକ ଜୀବନ ଖୁବ୍ ଭଲ ରହିବ।

**ସିଂହ** – ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ନିବେଶରୁ ଲାଭ ପାଇବେ। ଜିଦ୍ଦି ସ୍ୱଭାବ ପରିବାର ଓ ପଡ଼ୋଶୀଙ୍କ ପାଇଁ ଚିନ୍ତାର କାରଣ ହେବ। ଲଭର୍ ସହିତ ସମୟ ବିତେଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ସୁଦୃଢ଼।

**କନ୍ୟା** – ଦିନଟି ଏନର୍ଜିରେ ଭରି ରହିବ। କାମର ଚାପ ଆପଙ୍କୁ ଚିଡ଼ଚିଡ଼ା କରିପାରେ। ଧାର୍ ନେଇଥିବା ଧନ ଫେରି ପାଇବେ। ଅଙ୍ଗୀକାରବଦ୍ଧତା ହେବା ପୂର୍ବରୁ ଆନ୍ତରିକ ଭାବନାକୁ ଶୁଣିବେ। ବୈବାହିକ ଜୀବନ ଆନନ୍ଦମୟ ରହିବ।

**ତୁଳା** – ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଦିନଟି ଉତ୍ତମ। ବିତ୍ତୀୟ ନେଣଦେଣ ସାବଧାନତାର ସହିତ ସମ୍ଭାଳିବେ। ପ୍ରେମ ଜୀବନ କିଛି ଅଦ୍ଭୁତ ଘଟଣା ନେଇ ଆସିବ। ନୂଆ ଜିନିଷକୁ ଶିଖିବା ପାଇଁ ଦିନଟି ଉତ୍ତମ।

**ବିଛା** – ଦିନଟି ଆପଣଙ୍କ ପାଇଁ ଉତ୍ତମ। ଧନ ଖର୍ଚ୍ଚ ପାଇଁ ମାନସିକ ଅଶାନ୍ତି ଦେଖାଦେବ। ବିବାଦ ଠାରୁ ଦୂରରେ ରହିବେ। ବସ୍ ଓ ସିନିୟର୍ସଙ୍କ ସହିତ ବୁଝାମଣା ଖରାପ ହୋଇପାରେ। ନିଜ ଲୋକଙ୍କ ସାଥ୍ ପାଇବେ।

**ଧନୁ** – ସ୍ୱାସ୍ଥ୍ୟ ପାଇଁ ଭଲ ଖାଦ୍ୟ ଗ୍ରହଣ କରନ୍ତୁ। ବିଦେଶୀ କାରବାରରେ ଧନ ହାନିର ସମ୍ଭାବନା ରହିଛି। କିଛି ଖାସ୍ ଯୋଜନା କରିବେ। ନୂଆ କାମ ଆରମ୍ଭ ନକଲେ ଭଲ। ସଙ୍ଗୀଙ୍କ ଦେଖଭାଲ କରିବେ।

**ମକର** – ଆଜି ଧର୍ମ-କର୍ମର ଅଂଶବିଶେଷ ହେବେ। ଧ୍ୟାନ ଓ ଯୋଗ ମାନସିକ ଦୃଢ଼ତା ବୃଦ୍ଧି କରିବ। କଠିନ ପରିଶ୍ରମ ଫଳଦାୟୀ ହେବ। ଖାଲି ସମୟର ଲାଭ ଉଠାଇ ପାରନ୍ତି। ପରିବାରର ସଦସ୍ୟଙ୍କ ସହିତ ସୁନ୍ଦର ସମୟ ବିତେଇବେ।

**କୁମ୍ଭ** – ନିଜର ଫିଲିଂସ୍‌କୁ ନିୟନ୍ତ୍ରଣରେ ରଖନ୍ତୁ। ଅଟକିଥିବା ଧନ ଫେରି ପାଇବେ। ପିଲାଙ୍କ ସହିତ ଧୈର୍ଯ୍ୟ ଧରିବାର ସମୟ। ସିନିୟର୍ସଙ୍କ ସହଯୋଗ ମିଳିବ। କାମ ଆଗକୁ ବଢ଼ିବ। ବ୍ୟସ୍ତ ରୁଟିନ୍‌ରୁ ସମୟ ବାହାର କରିବେ।

**ମୀନ** – କୌଣସି ସ୍ୱପ୍ନ ପୂରା ହୋଇପାରେ। ନିଜର ଉତ୍ସାହ ଉପରେ କାବୁ ରଖନ୍ତୁ। ଆୟର କ୍ଷମତାରେ ସୁଧାର ହେବ। କ୍ୟାରିୟର୍ ପାଇଁ ପେସାଗତ କ୍ଷମତାର ବ୍ୟବହାର କରିବେ। ଅସୀମିତ ସଫଳତା ମିଳିପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଅଫଳାକାଙ୍କ୍ଷିଭିର୍ଯଜ୍ଞୋ ବିଧିଦୃଷ୍ଟୋ ଯ ଇଜ୍ୟତେ।
ଯଷ୍ଟବ୍ୟମେବେତି ମନଃ ସମାଧାୟ ସ ସାତ୍ତ୍ୱିକଃ। (୧୭/୧୧)
ଅଭିସନ୍ଧାୟ ତୁ ଫଳଂ ଦମ୍ଭାର୍ଥମପି ଚୈବ ଯତ୍।
ଇଜ୍ୟତେ ଭରତଶ୍ରେଷ୍ଠ ତଂ ଯଜ୍ଞଂ ବିଦ୍ଧି ରାଜସମ୍। (୧୭/୧୨)
ବିଧିହୀନମସୃଷ୍ଟାନ୍ନଂ ମନ୍ତ୍ରହୀନମଦକ୍ଷିଣମ୍।
ଶ୍ରଦ୍ଧାବିରହିତଂ ଯଜ୍ଞଂ ତାମସଂ ପରିଚକ୍ଷତେ। (୧୭/୧୩)

ଫଳ ଆକାଂକ୍ଷା ତ୍ୟାଗ କରି ଯଜ୍ଞ କରିବା ବିଧେୟ। ଏହି ଜ୍ଞାନରେ ମନକୁ ସମାହିତ କରି ଶାସ୍ତ୍ର ଉକ୍ତି ବିଧାନ ଅନୁସାରେ ଯେଉଁ ଯଜ୍ଞ କରାଯାଏ, ତାକୁ ସାତ୍ତ୍ୱିକ ଯଜ୍ଞ କୁହାଯାଏ।
ଫଳ ପାଇବା ଇଚ୍ଛାରେ ଏବଂ ନିଜର ଧାର୍ମିକତା ଓ ମହତ୍ତ୍ୱ ଦେଖାଇବା ପାଇଁ ଯେଉଁ ଯଜ୍ଞ ଅନୁଷ୍ଠିତ ହୁଏ, ହେ ଭାରତ ଶ୍ରେଷ୍ଠ, ସେ ଯଜ୍ଞ ରାଜସିକ ବୋଲି ଜାଣ।
ଯେଉଁ ଯଜ୍ଞ ଶାସ୍ତ୍ରବିଧି ବର୍ଜିତ, ଯେଉଁଥିରେ ଅନ୍ନଦାନ ହୁଏ ନାହିଁ, ଶାସ୍ତ୍ରର ମନ୍ତ୍ର ଉଚ୍ଚାରିତ ହୁଏ ନାହିଁ, ଦକ୍ଷିଣା ଦିଆଯାଏ ନାହିଁ ଏବଂ ଯାହା ଶ୍ରଦ୍ଧା ସହକାରେ ଅନୁଷ୍ଠିତ ହୁଏ ନାହିଁ, ତାକୁ ତାମସ ଯଜ୍ଞ କୁହାଯାଏ।



# ଓଡ଼ିଶାର ଗାନ୍ଧୀ: ଗୋପବନ୍ଧୁ ଚୌଧୁରୀ

ଆଜୀବନ ଜନସେବାକୁ ଆପଣାଇଥିବା ଓଡ଼ିଆ ସଂଗ୍ରାମୀମାନଙ୍କ ମଧ୍ୟରୁ ଏକ ନାମ- ଗୋପବନ୍ଧୁ ଚୌଧୁରୀ। ଦେଶ ସ୍ୱାଧୀନ ହେବା ପରେ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ ନକରି ସେ ଜନସେବାରେ ବ୍ରତୀ ହୋଇଥିଲେ, କୋରାପୁଟରେ ଜନଜାତିର ବିକାଶ ପାଇଁ କାମ କରିଥିଲେ। ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନର ପ୍ରଚାର-ପ୍ରସାରକୁ ପୂରା ସମୟ ଦେଇଥିଲେ। ତାଙ୍କ ପିତା ଥିଲେ ଜଣେ ବଡ଼ ଜମିଦାର ଓ ଓକିଲ। ତେଣୁ ଶୈଶବ କାଳରୁ ଅଭାବ କ'ଣ ଜାଣିନଥିଲେ ଗୋପବନ୍ଧୁ। କିନ୍ତୁ ସର୍ବଦା ତାଙ୍କ ହୃଦୟ କାନ୍ଦୁଥିଲା ଗରିବ ଲୋକଙ୍କ ପାଇଁ। ଜଣେ ଧୀର, ଶାନ୍ତ, ସରଳ ଓ ବିନୟୀ ପ୍ରକୃତିର ବ୍ୟକ୍ତି ଥିଲେ। ଲୋକମୁଖରେ ସେ ଥିଲେ ଓଡ଼ିଶାର ଗାନ୍ଧୀ, ଜଣେ ଗାନ୍ଧୀବାଦୀ ସତ୍ୟାଗ୍ରହୀ। ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ଆଜୀବନ ସେ ଚାଲିଥିଲେ ଓ ଏଭଳି କୌଣସି କାମ ନଥିଲା ଯେଉଁଥିରେ ସେ ସାମିଲ ହୋଇନଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ ରମାଦେବୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ସେମାନଙ୍କର ଥିଲେ ଦୁଇଟି ସନ୍ତାନ- ମନମୋହନ ଚୌଧୁରୀ ଓ ଅନ୍ନପୂର୍ଣ୍ଣା ଚୌଧୁରୀ (ମହାରଣା)। ତାଙ୍କର ସାନଭାଇ ନବକୃଷ୍ଣ ଓ ଭ୍ରାତା-ବୋହୂ ମାଳତୀ ଚୌଧୁରୀ ସମସ୍ତେ ଥିଲେ ସ୍ୱାଧୀନତା ସଂଗ୍ରାମୀ। ଜଗତସିଂହପୁରର ମୂଳ ବାସିନ୍ଦା ଗୋପବନ୍ଧୁ ଚୌଧୁରୀଙ୍କ ଜନ୍ମ ହୋଇଥିଲା ୮ ମେ', ୧୮୯୫ରେ କଟକର ଏକ ଭଡ଼ାଘରେ। ଯେଉଁ ଘରେ ସେ ଜନ୍ମଗ୍ରହଣ କରିଥିଲେ ସେହି ଘର ପରବର୍ତ୍ତୀ ସମୟରେ 'ସ୍ୱରାଜ ଆଶ୍ରମ'ରେ ପରିଣତ ହୋଇଥିଲା। ରେଭେନ୍ସା କଲେଜିଏଟ୍ ସ୍କୁଲରୁ ରେଭେନ୍ସା କଲେଜ, ତା' ପରେ ପ୍ରେସିଡେନ୍ସି କଲେଜ, କୋଲକାତାରେ ତାଙ୍କର ସ୍ନାତକୋତ୍ତର ଶିକ୍ଷା ସରିବା ପରେ ଆଇନ ଶିକ୍ଷା ଅସମାପ୍ତ ରହିଥିଲା। ଡେପୁଟି ମାଜିଷ୍ଟ୍ରେଟ୍ ଚାକିରିରେ ଯୋଗ ଦେଇଥିଲେ ମଧ୍ୟ ଦେଶପ୍ରେମ ତାଙ୍କୁ ବାଧା ଦେଇଥିଲା। ସତ୍ୟବାଦୀ ଯାଇ ଉତ୍କଳମଣି ଗୋପବନ୍ଧୁଙ୍କ ଶିଷ୍ୟ ହେବା ପରେ କଂଗ୍ରେସରେ ଯୋଗଦାନ, ଗାନ୍ଧୀ ନୀତି ଅନୁସରଣ, ଖଦୀ ବସ୍ତ୍ର ଧାରଣ, ଆଶ୍ରମ ଗଠନ, ଦରିଦ୍ରଙ୍କ ସେବା ଆଦି ତାଙ୍କୁ ପରିଣତ କରିଥିଲା ଜଣେ ସମ୍ପୂର୍ଣ୍ଣ ଭିନ୍ନ ମଣିଷ ଭାବରେ। ତାଙ୍କର ଶେଷ ଜୀବନ କଟିଥିଲା କଟକର ଥୋରିଆ ସାହି ସ୍ଥିତ ଭୂଦାନ କାର୍ଯ୍ୟାଳୟରେ। ୨୯ ଏପ୍ରିଲ୍, ୧୯୫୮ରେ ଏହି 'ଧୂଳିମାଟିର ସନ୍ଥ' ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



# ନୃତ୍ୟ ଦିବସ

ନୃତ୍ୟକଳାର ଗୁରୁତ୍ୱ ଓ ମହତ୍ତ୍ୱ ପାଇଁ ପ୍ରତି ବର୍ଷ ଆଜିର ଦିନରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଏ। କଳାର ଏହି ସୁନ୍ଦର ରୂପକୁ ସେଲିବ୍ରେଟ୍ କରିବା ପାଇଁ ବିଶ୍ୱ ସ୍ତରରେ ଅନ୍ୟ ନୃତ୍ୟ ଶୈଳୀଗୁଡ଼ିକୁ ପ୍ରୋତ୍ସାହିତ କରାଯାଏ। ୟୁନେସ୍କୋର ପ୍ରଦର୍ଶନ କଳାଗୁଡ଼ିକର ପ୍ରମୁଖ ଭାଗୀଦାର, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା (ଆଇଟିଆଇ)ର ନୃତ୍ୟ ସମିତି ଦ୍ୱାରା ଏହି ଦିବସର ଆରମ୍ଭ କରାଯାଇଥିଲା। ୨୯ ତାରିଖ ଦିନଟିକୁ ଚୟନ କରାଯିବା ପଛରେ ରହିଛି କାରଣ। ଆଜି ଫ୍ରାନ୍ସିସୀ ନୃତ୍ୟ କଳାକାର ଜିନ୍-ଜର୍ଜେସ୍ ନୋଭେରେଙ୍କ ଜନ୍ମଦିନ। ୧୭୨୭ରେ ସେ ଜନ୍ମଗ୍ରହଣ କରିଥିଲେ। ସେ ଥିଲେ ଜଣେ ବେଲି ମାଷ୍ଟର ଓ ନୃତ୍ୟ ଶୈଳୀର ମହାନ ସୁଧାରକ। ଅନ୍ତର୍ଜାତୀୟ ନୃତ୍ୟ ଦିବସର ସ୍ଥାପନା ୧୯୮୨ରେ ହୋଇଥିଲା। ସେବେଠାରୁ ପ୍ରତ୍ୟେକ ବର୍ଷ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଇଁ ସନ୍ଦେଶ ଲେଖିବାକୁ ଚୟନିତ କରାଯାଏ। କାର୍ଯ୍ୟକ୍ରମଗୁଡ଼ିକରେ ଅନେକ ନୃତ୍ୟ ପ୍ରସ୍ତୁତି, ଶୈକ୍ଷିକ କାର୍ଯ୍ୟଶାଳା, ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଭାଷଣ, ନୃତ୍ୟ କଳାକାର, ମାନବୀୟ ପରିଯୋଜନା ଆଦିକୁ ସାମିଲ କରାଯାଇଥାଏ। ଏହି ଦିନଟି କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେଇଥାଏ। ଲୋକମାନଙ୍କ ମଧ୍ୟରେ ନୃତ୍ୟ କଳା ପାଇଁ ସଚେତନତା ବୃଦ୍ଧି କରେଇଥାଏ।

ନୃତ୍ୟ କେବଳ ଏକ କଳା ନୁହେଁ, ଏହା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପାଇଁ ବି ଅତ୍ୟନ୍ତ ଲାଭକାରୀ ପ୍ରକ୍ରିୟା। କୁହାଯାଏ ଯେ ୩୦ ମିନିଟ୍‌ର ନୃତ୍ୟ ସତ୍ର ଜଗିଙ୍ଗ୍ ସହିତ ସମାନ ହୋଇଥାଏ। ଏହା ସବୁଠାରୁ ଭଲ ଓ ମନୋରଞ୍ଜନକାରୀ ଫିଟ୍‌ନେସ୍ ବ୍ୟାୟାମଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏଥିରେ ଭାରି ଓଜନ ଉଠେଇବା ବା ଯନ୍ତ୍ରଣାଦାୟକ ବ୍ୟାୟାମ ଆଦିର ଆବଶ୍ୟକତା ହୁଏ ନାହିଁ। ନୃତ୍ୟ, ମାନସିକ ସ୍ୱାସ୍ଥ୍ୟ ପାଇଁ କେତେ ପ୍ରକାରର ଲାଭ ପ୍ରଦାନ କରିଥାଏ ଓ ଚାପମୁକ୍ତ ହେବାର ଏହା ଏକ ଶାନ୍‌ଦାର ଉପାୟ।





# ମାଟିରୁ ଶିଖନ୍ତୁ ସହନଶୀଳତା

ଆଜିର ସମୟରେ ପ୍ରତି ବ୍ୟକ୍ତି ସଫଳତାର ସନ୍ଧାନରେ ରହୁଛନ୍ତି। ଅର୍ଥ, ସମ୍ମାନ, ସୁବିଧା ଓ ଖୁବ୍ ଭଲ ଜୀବନ-ଏସବୁ ପାଇବା ପାଇଁ ଲୋକମାନେ ଦିନ-ରାତି ପରିଶ୍ରମ କରୁଛନ୍ତି। କିନ୍ତୁ ଅସଲ ସଫଳତାର ରହସ୍ୟ କ'ଣ ଜାଣିଛନ୍ତି କି ? ଏକ ସୁନ୍ଦର ମାଟିର ପାତ୍ର ହେବା ପାଇଁ କେତେ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ। ପ୍ରଥମେ ମାଟିକୁ ଖୋଳାଯାଏ। ଏହା ଆଖପାଖର ଭାଗରୁ ଅଲଗା ହୋଇଯାଏ। ଯେପରି କୌଣସି ଢ଼େଲା ରହିନଯିବ ସେଥିପାଇଁ ପରେ ଏହାକୁ ପିଟାଯାଇ ଗୁଣ୍ଡ କରାଯାଏ। ଏହାପରେ ପାଣି ଦେଇ ଚକଟି ଖରାରେ ଶୁଖେଇ ଦିଆଯାଏ। ଏତେ ସବୁ ପୀଡ଼ାକୁ ସହ୍ୟ କରିବା ପରେ ଏହା ଏକ ସୁନ୍ଦର, ମଜଭୁତ ଓ ଉପଯୋଗୀ ପାତ୍ରର ଆକାର ନେଇଥାଏ। ଯଦି ମାଟି ସହ୍ୟ କରନ୍ତା ନାହିଁ ତେବେ ପାତ୍ର ତିଆରି କରିବା ସମ୍ଭବପର ହୋଇପାରନ୍ତା କି ! ଠିକ୍ ସେହିଭଳି ଜୀବନରେ ବି ବିନା କଷ୍ଟ ସହି ସଫଳତା ପ୍ରାପ୍ତ କରିହୁଏ ନାହିଁ। ସଫଳତାର ରାସ୍ତା ସବୁବେଳେ ସହଜ ହୋଇନଥାଏ। ପ୍ରତି ବଡ଼ ଉପଲବ୍ଧି ପଛରେ ଥାଏ ସଂଘର୍ଷ, ଅସଫଳତା, ଆଲୋଚନା ଓ ଧୈର୍ଯ୍ୟ। ଯେଉଁ ଲୋକମାନେ କଠିନ ପରିସ୍ଥିତିକୁ ସହ୍ୟ କରି ଆଗକୁ ବଢ଼ିଥାନ୍ତି ସେମାନେ ପରବର୍ତ୍ତୀ ସମୟରେ ନାମ ଅର୍ଜନ କରିଥାନ୍ତି। ଖୁବ୍ ଭଲ କାମ କରୁଥିବା ବ୍ୟକ୍ତିମାନେ ସଫଳତା ପାଇବା ପରେ ସେମାନଙ୍କ ଭିତରେ ଚମକ ଦେଖିବାକୁ ମିଳେ। କିନ୍ତୁ ଖରାପ କର୍ମ କରୁଥିବା ଲୋକମାନଙ୍କର ପତନ ହୋଇଥାଏ। ପାର୍ଥକ୍ୟ ହେଉଛି କର୍ମ ଓ ସହନଶୀଳତାର। ଭଲ କର୍ମ ହେଉ ଅବା ଖରାପ କର୍ମ- ଦୁଇଟି ସାରା କାମ ପାଇଁ ପରିଶ୍ରମ କରିବାକୁ ପଡ଼ିଥାଏ କିନ୍ତୁ ପରିଣାମ ଅଲଗା ଅଲଗା ମିଳେ। ଖରାପ କର୍ମ କରିଥିବା ବ୍ୟକ୍ତି ପରିଶ୍ରମ ତ କରିଥାଏ କିନ୍ତୁ ଶେଷରେ ସେ ନିଜକୁ ନଷ୍ଟ କରିଦିଏ। ଏହାର ବିପରୀତରେ ଭଲ କର୍ମ, ସତ୍ୟ ଓ ଧୈର୍ଯ୍ୟର ସହିତ ଆଗକୁ ବଢୁଥିବା ବ୍ୟକ୍ତି ନା କେବଳ ସଫଳତା ପ୍ରାପ୍ତ କରିଥାଏ ତାହା ନୁହେଁ ଅନ୍ୟମାନଙ୍କ ପାଇ ପ୍ରେରଣା ମଧ୍ୟ ହୋଇଯାଏ। ତେଣୁ ମାଟି ପରି କଷ୍ଟ ସହିବାର କ୍ଷମତା ବୃଦ୍ଧି କରାନ୍ତୁ, ଅସଫଳତାକୁ ଶିଢ଼ି ଭାବରେ ମାନନ୍ତୁ ଓ ପ୍ରତି ଆହ୍ୱାନକୁ ବିକାଶର ଅବସର ଭାବରେ ଗ୍ରହଣ କରନ୍ତୁ।

# ବ୍ରହ୍ମାଣ୍ଡ ଉପରେ ସୁପର୍ ନଜର

ନାସା ନିର୍ମାଣ କରିଛି ନାନ୍ସି ଗ୍ରେସ୍ ରୋମାନ୍ ସ୍ପେସ୍ ଟେଲିସ୍କୋପ୍। ଏହାର ନାମ ନାନ୍ସି ଗ୍ରେସ୍ ରୋମାନ୍‌ଙ୍କ ନାମାନୁସାରେ ରଖାଯାଇଛି। ଏହି ସ୍ପେସ୍ ଏଜେନ୍ସି ବ୍ରହ୍ମାଣ୍ଡ ବିଷୟରେ ତଥ୍ୟ ଦେବାର ଏକ ମିଶନ। ଏହି ସ୍ପେସ୍ ଟେଲିସ୍କୋପ୍‌ର ଲମ୍ବା ୧୨ ମିଟର। ଏଥିରେ ଲାଗିଛି ୨.୪ ମିଟର ଲମ୍ବାର ଏକ ଦର୍ପଣ ଓ ଟେଲିସ୍କୋପ୍‌ର ଓଜନ ହେବ ୪,୦୦୦ କି.ଗ୍ରା ଠାରୁ ବି ଅଧିକ। ଏହାକୁ ନିର୍ମାଣ କରିବାକୁ ନାସାକୁ ଲାଗିଥିଲା ପାଖାପାଖି ୧୦ ବର୍ଷର ସମୟ ଓ ଭାରତୀୟ ମୁଦ୍ରା ଅନୁସାରେ ଏହାର ମୂଲ୍ୟ ହେବ ୩୦ ହଜାର କୋଟି। ଏହି ଟେଲିସ୍କୋପ୍‌କୁ 'ମଦର୍ ଅଫ୍ ହବଲ୍' ବୋଲି କୁହାଯାଉଛି। ରୋମାନ୍ ଟେଲିସ୍କୋପ୍‌ର ସବୁଠାରୁ ଖାସ୍ ଭାଗ ଏହାର ୱାଇଡ୍ ଫିଲ୍ଡ ଇନ୍‌ଷ୍ଟ୍ରୁମେଣ୍ଟ ଯେଉଁଟି ୩୦୦ ମେଗାପିକ୍ସଲ୍‌ର ଇନ୍‌ଫ୍ରାରେଡ୍ କ୍ୟାମେରା ଅଟେ। ଏହି କ୍ୟାମେରା ଏତେ ଶକ୍ତିଶାଳୀ ଯେ ଏହା ନିଜର ପୂରା ଜୀବନକାଳ ମଧ୍ୟରେ ଏକ ବିଲିଅନ୍ ଗ୍ୟାଲାକ୍ସିଙ୍କର ଫଟୋ ଉଠାଇବ। ହବଲ୍ ଟେଲିସ୍କୋପ୍ ପରି ଏହା ପରିଷ୍କାର ଫଟୋ ନେବା ସହିତ ଗୋଟିଏ ଥରରେ ଶହେ ଗୁଣ ବଡ଼ ଭାଗକୁ କଭର୍ କରୁଛି। ଏହି କାରଣରୁ ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ରୋମାନ୍ ବ୍ରହ୍ମାଣ୍ଡର ସେତିକି ସ୍ଥାନକୁ ଦେଖିନେବ ଯେତିକି ହବଲ୍ ଟେଲିସ୍କୋପ୍ ୩୦ ବର୍ଷ ଧରି ଦେଖିପାରି ନାହିଁ। ରୋମାନ୍ ଏହି କ୍ୟାମେରା ସହାୟତାରେ ଏକ ବହୁତ ବଡ଼ ୩ଡି ମ୍ୟାପ୍ ତିଆରି କରି ବିଲିଅନ୍ ବର୍ଷ ଧରି ଏଥିରେ କେଉଁ ପ୍ରକାରର ପରିବର୍ତ୍ତନ ହୋଇଛି ତାହା ଦେଖିବ। ଆଜି ଅପେକ୍ଷା ବ୍ରହ୍ମାଣ୍ଡ ଯେତେବେଳେ ବହୁତ ଛୋଟ ଥିଲା ସେ ସମୟ ପର୍ଯ୍ୟନ୍ତ ଏହା ଦେଖିବ। ଏପରି କରିବା ପାଇଁ ବିସ୍ଫୋଟିତ ତାରା (ସୁପର୍‌ନୋଭା), ଗ୍ୟାଲାକ୍ସିର ସମୂହ ଓ ଲକ୍ଷାଧିକ ଗ୍ୟାଲାକ୍ସିଙ୍କ ଆଲୋକକୁ ଷ୍ଟଡି କରିବ। ବ୍ରହ୍ମାଣ୍ଡର ବୟସ ଜାଣିବା ପାଇଁ ଏକ ଖାସ୍ କ୍ଲୁ ହେଉଛି ଦୂର ଗ୍ୟାଲାକ୍ସିଗୁଡ଼ିକର ଆଲୋକ ଲାଲ୍ ରଙ୍ଗ ଆଡ଼କୁ ହୋଇଯାଏ ଯେଉଁଥିରୁ ଜଣାପଡ଼େ ବ୍ରହ୍ମାଣ୍ଡ କେତେ ଦୂର। ଏହି ପରିବର୍ତ୍ତନକୁ ଏହି ଟେଲିସ୍କୋପ୍ କଏଦ କରିବା ସହିତ ଆମ ବ୍ରହ୍ମାଣ୍ଡ କିପରି ସମୟ ସହିତ ବଦଳୁଛି ସେ ବିଷୟରେ ମଧ୍ୟ ତଥ୍ୟ ଦେବ।



# ଫୁସ୍‌ଫୁସ୍ କ୍ୟାନ୍ସର୍

ଫୁସ୍‌ଫୁସ୍ କ୍ୟାନ୍ସର୍ ଏପରି ଏକ ରୋଗ ଯେଉଁଥି ପାଇଁ ଦାୟୀ ହୋଇଥାନ୍ତି ଖରାପ ଡାଏଟ୍, ଚାପ ବୃଦ୍ଧି, ଧୂମପାନ, ଖରାପ ଜୀବନଶୈଳୀ ଓ ବାୟୁ ପ୍ରଦୂଷଣ ପରି କାରଣଗୁଡ଼ିକ। ଦେଶରେ ଫୁସ୍‌ଫୁସ୍ କ୍ୟାନ୍ସର୍‌ର ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇ ଚାଲିଛି। ଏହାର ଲକ୍ଷଣ ବହୁତ ସହଜରେ ଓ ଶୀଘ୍ର ଜଣାପଡ଼େ ନାହିଁ। ଯେତେବେଳେ ଲକ୍ଷଣ ଜଣାପଡ଼େ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥାଏ।



**କାରଣ**-ଫୁସ୍‌ଫୁସ୍‌ର କୋଷିକାଗୁଡ଼ିକର ଅସାମାନ୍ୟ ବୃଦ୍ଧି ହେଲେ ଏହା କ୍ୟାନ୍ସର୍‌ର ରୂପ ନେଇଥାଏ। ଶରୀରର ମୁଖ୍ୟ ଭାଗଟି ହେଉଛି ଫୁସ୍‌ଫୁସ୍ ଯାହା ଆମକୁ ନିଃଶ୍ୱାସ-ପ୍ରଶ୍ୱାସ ନେବାରେ ସାହାଯ୍ୟ କରେ। ଧୂମପାନ କରୁଥିବା ଲୋକମାନେ ଏହି କ୍ୟାନ୍ସର୍ ଦ୍ୱାରା ଅଧିକ ପୀଡ଼ିତ ହୁଅନ୍ତି। ଯଦି କୌଣସି ବ୍ୟକ୍ତି ଦଶ ବର୍ଷ ଧରି ଲଗାତର ଧୂମପାନ କରୁଥାଏ ଓ ପରେ ଏହି ଅଭ୍ୟାସକୁ ଛାଡ଼ିଦିଏ ସେ ବ୍ୟକ୍ତି ମଧ୍ୟ ଫୁସ୍‌ଫୁସ୍ କ୍ୟାନ୍ସର୍ ଦ୍ୱାରା ଆକ୍ରାନ୍ତ ହୋଇପାରେ। ଧୂମପାନ କରୁନଥିବା ବ୍ୟକ୍ତିମାନଙ୍କୁ ମଧ୍ୟ କ୍ୟାନ୍ସର୍ ହୋଇପାରେ।

**ଷ୍ଟେଜ୍ ୦**-ଏହି ଷ୍ଟେଜ୍‌ରେ କ୍ୟାନ୍ସର ଫୁସ୍‌ଫୁସ୍ ବା ବ୍ରୋନେକ୍ସର ଉପର ସ୍ତରରେ ହୁଏ। ଏ ସମୟରେ ଫୁସ୍‌ଫୁସ୍‌ର ଅନ୍ୟ ଭାଗ କିମ୍ବା ଏହାର ବାହାରେ କ୍ୟାନ୍ସର୍ ବ୍ୟାପି ନଥାଏ।

**ଷ୍ଟେଜ୍ ୧**-ଫୁସ୍‌ଫୁସ୍ ବାହାରକୁ ବ୍ୟାପି ନଥାଏ।

**ଷ୍ଟେଜ୍ ୨**-ଏହା ପୂର୍ବାପେକ୍ଷା ବଡ଼ ରୂପ ନେଇଥାଏ। ଏଥିରେ ଫୁସ୍‌ଫୁସ୍‌ରେ ଥିବା ଲିମ୍ଫ୍ ନୋଡ୍ସ ପର୍ଯ୍ୟନ୍ତ କ୍ୟାନ୍ସର୍ ପହଞ୍ଚିଯାଏ। ଅନେକ ଥର ଗୋଟିଏ ଲୋବ୍‌ରେ ଏକାଧିକ ଟ୍ୟୁମର୍ ମଧ୍ୟ ହୋଇଯାଏ।

**ଷ୍ଟେଜ୍ ୩**- ଏହି ଚରଣରେ କ୍ୟାନ୍ସର୍ ପାଖରେ ଥିବା ଲିମ୍ଫ୍ ନୋଡ୍ସ ବା ସଂରଚନାଗୁଡ଼ିକରେ ବ୍ୟାପିଯାଏ। ଏହି ଷ୍ଟେଜ୍‌ରେ ଫୁସ୍‌ଫୁସ୍‌ର ଅନ୍ୟ ଭାଗରେ ଏକାଧିକ ସ୍ଥାନରେ ଟ୍ୟୁମର୍ ହୋଇଯାଏ।

**ଷ୍ଟେଜ୍ ୪**-ଏହି ଚରଣରେ କ୍ୟାନ୍ସର୍ ଆଖପାଖର ଦ୍ରବ, ହୃଦୟର ଆଖପାଖର ଦ୍ରବ ବା ଅନ୍ୟ ଅଙ୍ଗକୁ ବ୍ୟାପିଯାଏ।





# ଚର୍ଚ୍ଚାରେ ରନ୍‌ବୀର ଓ ଜୁହି ଭଟ୍ଟ

ୟୁଟ୍ୟୁବର୍ ଓ ପଡ୍‌କାଷ୍ଟର ରନ୍‌ବୀର ଆହ୍ଲାବାଦିଆ ଶୋ' 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ'ର ବିବାଦ ପରେ ଚର୍ଚ୍ଚାରେ ଅଛନ୍ତି। ତେବେ ଏଥରର ଚର୍ଚ୍ଚାର କାହାଣୀ ତାଙ୍କର ପ୍ରେମ ଜୀବନ। ନିକଟରେ ଆଇପିଏଲ୍ ମ୍ୟାଚ୍ ପରେ ଜଣେ ରହସ୍ୟମୟୀ ମହିଳାଙ୍କ ସହିତ ତାଙ୍କୁ ଦେଖିବାକୁ ମିଳିଥିଲା ଯାହାଙ୍କ ସହିତ ଡେଟିଂର ଖବର ମଧ୍ୟ ଆସିଥିଲା। କିଛି ଫଟୋ ସେ ସେୟାର୍ କରିଛନ୍ତି ଯେଉଁଥିରେ ଜୁହି ଭଟ୍ଟଙ୍କ ସହିତ ତାଙ୍କୁ ଦେଖିବାକୁ ମିଳୁଛି। ଏହା ସହିତ କେନିଆର ମସାଇ ମାରା ଟ୍ରିପ୍‌ର ଫଟୋ ମଧ୍ୟ ସେୟାର୍ କରିଛନ୍ତି। ଜୁହି ଭଟ୍ଟ ରହନ୍ତି ମୁମ୍ବାଇରେ ଓ ଅଭିନେତ୍ରୀ ହେବା ସହିତ ସେ ଜଣେ କଣ୍ଟେଣ୍ଟ କ୍ରିଏଟର୍। ସେ ୱେବ୍ ସିରିଜ, ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜର ଆସିଛନ୍ତି। ଏହା ସହିତ ବ୍ରାଣ୍ଡେଡ୍ ଡିଜିଟାଲ୍ କଣ୍ଟେଣ୍ଟ ପାଇଁ ବେଶ୍ ଜଣାଶୁଣା। ସେ କିଛି ଦିନ ପୂର୍ବରୁ ପ୍ରସାରିତ ହୋଇଥିବା ଶୋ' 'ଭୟ: ଦ ଗୌରବ ତିୱାରୀ ମିଷ୍ଟ୍ରି'ରେ ମଧ୍ୟ କାମ କରିଛନ୍ତି। ଅର୍ଜୁନ କାନୁନ୍‌ଗୋଙ୍କ ଗୀତ 'ମାହୀ ବେ'ରେ ମଧ୍ୟ ନଜର ଆସିଥିଲେ ଜୁହି। ସୋସିଆଲ୍ ମିଡିଆରେ ଖୁବ୍ ସକ୍ରିୟ ରହୁଥିବା ଜୁହୀ ଅନେକଗୁଡ଼ିଏ ଡ୍ୟାନ୍ସ ଭିଡିଓ କରିସାରିଲେଣି। ଜୁହି, ଫ୍ୟାସନ୍ ଓ ଜୀବନଶୈଳୀ କ୍ଷେତ୍ରରେ ନିଜର ଖାସ୍ ପରିଚୟ ସୃଷ୍ଟି କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ତାଙ୍କର ୪୮୦କେ ଫଲୋଅର୍ସ ଅଛନ୍ତି। ଦୁଇ ଦିନ ପୂର୍ବରୁ ସେ ସେୟାର୍ କରିଥିବା ମସାଇ ମାରାର ଭିଡିଓରେ ରନ୍‌ବୀର ଆହ୍ଲାବାଦିଆଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏବେ ସେମାନେ ନିଜ ସମ୍ପର୍କକୁ କନ୍‌ଫର୍ମ କରିସାରିଛନ୍ତି। ଜୁହି ଭଟ୍ଟ ନିଜ ଆକାଉଣ୍ଟରେ ଫିଟନେସ୍ ଭିଡିଓ ପ୍ରାୟତଃ ଅପ୍‌ଲୋଡ୍ କରନ୍ତି। ଫ୍ୟାସନ୍ ଆଡ଼କୁ ଲୋକଙ୍କର ଧ୍ୟାନ ଆକର୍ଷିତ କରନ୍ତି। ଜୁହୀଙ୍କ ପୂର୍ବରୁ ରନ୍‌ବୀର ଟିଭି ଅଭିନେତ୍ରୀ ନିକି ଶର୍ମାଙ୍କୁ ଡେଟ୍ କରୁଥିଲେ।



**ଆଜିର ମ୍ୟାଚ୍**

ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ମୁମ୍ବାଇ

### ମହିଳା ଟି-୨୦ ବିଶ୍ୱକପ୍ ପାଇଁ ଇଂଲଣ୍ଡ ଟିମ୍ ଘୋଷିତ

## ୧୮ ବର୍ଷୀୟା କୋର୍ଟିନ୍-କୋଲ୍‌ମ୍ୟାନ୍ ନୂଆ ମୁହଁ



**ଲଣ୍ଡନ,୨୮।୪/ଏଜେନ୍ସି:** ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ୧୫ ଜଣିଆ ଟିମ୍ ଘୋଷଣା କରିଛି। ଅନୁଭବୀ ନାଟ୍ ସିଭର୍-ବ୍ରଣ୍ଟଙ୍କୁ କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଛି ଏବଂ ସେ କ୍ୟାରିୟରର ସପ୍ତମ ଟି-୨୦ ବିଶ୍ୱକପ୍‌ରେ ଘରୋଇ ମାଟିରେ ଟିମ୍‌ର ନେତୃତ୍ୱ କରିବେ। ଚାର୍ଲି ଡିନ୍‌ଙ୍କୁ ଟିମ୍‌ର ଭାଇସ୍ କ୍ୟାପ୍‌ଟେନ୍ କରାଯାଇଥିବା ବେଳେ ଡାନି ୱ୍ୟାଟ୍-ହଜ୍ କ୍ୟାରିୟରର ଅଷ୍ଟମ ଟି-୨୦ ବିଶ୍ୱକପ୍ ଖେଳିବେ। ଟିମ୍‌ରେ ଅନ୍‌କ୍ୟାପ୍‌ଡ ୧୮ ବର୍ଷୀୟ ସ୍ପିନର୍ ଟିଲି କୋର୍ଟିନ୍-କୋଲ୍‌ମ୍ୟାନ୍‌ଙ୍କୁ ସୁଯୋଗ ମିଳିଛି। ସେ ଲିନ୍‌ସେ ସ୍ମିଥ୍, ସୋଫି ଏକ୍ଲେଷ୍ଟୋନ୍ ଏବଂ ଭାଇସ୍ କ୍ୟାପ୍‌ଟେନ୍ ଚାର୍ଲି ଡିନ୍‌ଙ୍କ ସହ ଟିମ୍‌ର ସ୍ପିନ୍ ଆଟାକ୍ ଦାୟିତ୍ୱ ନେବେ। ସେହିପରି ଇସି ୱଙ୍ଗ୍ ଓ ଲୌରେନ୍ ଫାଇଲର୍‌ଙ୍କୁ ପ୍ରଥମ ଥର ପାଇଁ ବିଶ୍ୱକପ୍ ଟିମ୍‌ରେ ସୁଯୋଗ ମିଳିଛି। ଏ ଦୁହେଁ ଲରେନ୍ ବେଲ୍, ଡାନି ଗିବ୍‌ସନ୍, ଫ୍ରେୟା କେମ୍ପ୍ ଏବଂ ସିଭର୍-ବ୍ରଣ୍ଟଙ୍କ ପେସ୍ ବାହିନୀର ସଦସ୍ୟ ହେବେ। ତେବେ ଲେଗ୍ ସ୍ପିନର୍ ସାରାହ ଗ୍ଲେନ୍‌ଙ୍କୁ ଟିମ୍‌ରେ ସାମିଲ କରାଯାଇ ନାହିଁ ଏବଂ ସେ ଏବେ ଆଙ୍ଗୁଠି ଆଘାତରୁ ସୁସ୍ଥ ହେଉଛନ୍ତି।

ମହିଳା ଟି-୨୦ ବିଶ୍ୱକପ୍ ଚଳିତ ବର୍ଷ ଜୁନ୍ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡରେ ଖେଳାଯିବ। ଜୁନ୍ ୩୦ ଓ ଜୁଲାଇ ୨ ତାରିଖରେ ସେମିଫାଇନାଲ୍ ଏବଂ ଜୁଲାଇ ୫ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ଟିମ୍ ଶ୍ରୀଲଙ୍କାକୁ ଭେଟିବ। ୧୨ ଟିମ୍‌ର ଏହି ଟୁର୍ଣ୍ଣାମେଣ୍ଟରେ ଇଂଲଣ୍ଡ ଗ୍ରୁପ୍-ବି'ରେ ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଓ ସ୍କଟ୍‌ଲାଣ୍ଡ ସହ ରହିଛି।

**ଇଂଲଣ୍ଡ ଟିମ୍:** ନାଟ୍ ସିଭର୍-ବ୍ରଣ୍ଟ (କ୍ୟାପ୍‌ଟେନ୍), ଲରେନ୍ ବେଲ୍, ଆଲିସ୍ କାପ୍‌ସେ, ଟିଲି କୋର୍ଟିନ୍-କୋଲ୍‌ମ୍ୟାନ୍, ଚାର୍ଲି ଡିନ୍, ସୋଫିଆ ଡଙ୍କଲେ, ସୋଫି ଏକ୍ଲେଷ୍ଟୋନ୍, ଲରେନ୍ ଫାଇଲର୍, ଡାନି ଗିବ୍‌ସନ୍, ଆମି ଜୋନ୍ସ, ଫ୍ରେୟା କେମ୍ପ୍, ହିଥର ନାଇଟ୍, ଲିନ୍‌ସେ ସ୍ମିଥ୍, ଇସି ୱଙ୍ଗ୍, ଡାନି ୱ୍ୟାଟ୍-ହଜ୍।

# ଅଟକିଲା ପଞ୍ଜାବର ବିଜୟ ରଥ

**ରାଜସ୍ଥାନ ୬ ୱିକେଟ୍‌ରେ ହରାଇଲା**

**ଜୟସ୍ୱାଲ୍-ଫରେରାଙ୍କ ଅର୍ଦ୍ଧଶତକ**

**ସୂର୍ଯ୍ୟବଂଶୀଙ୍କ ୧୬ ବଲ୍‌ରେ ୪୩ ରନ୍**



**ନ୍ୟୁ ଚଣ୍ଡିଗଡ଼,୨୮।୪/ଏଜେନ୍ସି:** ରାଜସ୍ଥାନ ରୟାଲ୍ସ ଚଳିତ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସର ବିଜୟ ରଥ ରୋକିଛି। ମଙ୍ଗଳବାର ମୁଲ୍ଲାନ୍‌ପୁରର ମହାରାଜା ଯାବବେନ୍ଦ୍ର ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୬ ୱିକେଟ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ହରାଇଛି। ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ପ୍ରଭସିମରନ୍ ସିଂହ (୫୯) ଓ ମାର୍କସ୍ ଷ୍ଟୋଇନିସ୍ (୬୨*)ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ୪ ୱିକେଟ୍ ହରାଇ ୨୨୨ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୧୯.୨ ଓଭର୍‌ରେ ୨୨୮ ରନ୍ କରି ୬ ୱିକେଟ୍‌ରେ ବିଜୟୀ ହୋଇଛି।

୨୨୩ ରନ୍‌ର ଜବାବରେ ରାଜସ୍ଥାନ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୧୬ ବଲ୍‌ରେ ୫ ଛକା ଓ ୩ ଚୌକା ସହାୟତାରେ ୪୩ ରନ୍ କରିଥିଲେ। ତେବେ ଚତୁର୍ଥ ଓଭର୍‌ରେ ଅର୍ଶଦୀପ୍ ସିଂହ ତାଙ୍କ ୱିକେଟ୍ ନେଇଥିଲେ। ଏହାପରେ ଯଶସ୍ୱୀ ଜୟସ୍ୱାଲ୍ ଧୂଆଁଧାର ବ୍ୟାଟିଂ କରି ୨୭ ବଲ୍‌ରେ ୫୧ ରନ୍‌ରେ ଆଉଟ୍ ହୋଇଥିଲେ। କ୍ୟାପ୍‌ଟେନ୍ ରିୟାନ୍ ପରାଗ ୨୯ ରନ୍ ଏବଂ ଧ୍ରୁବ ଜୁରେଲ୍ ୧୬ ରନ୍ କରି ଫେରିଥିଲେ। ଏହାପରେ ଡୋନୋଭାନ୍ ଫରେରା ଓ ଶୁଭମ୍ ଦୁବେ ବିସ୍ଫୋରକ ବ୍ୟାଟିଂ କରି ଟିମ୍‌କୁ ୧୯.୨ ଓଭର୍‌ରେ ବିଜୟ ଦେଇଥିଲେ। ଫରେରା ୨୬ ବଲ୍‌ରେ ୬ ଚୌକା ଓ ୩ ଛକା ବଳରେ ୫୨ ଏବଂ ଶୁଭମ୍ ୧୨ ବଲ୍‌ରେ ୩ ଚୌକା ଓ ଦୁଇ ଛକା ସହାୟତାରେ ୩୧ ରନ୍ କରି ଅପରାଜିତ ରହିଥିଲେ। ପଞ୍ଜାବ ପକ୍ଷରୁ ଯୁଜବେନ୍ଦ୍ର ଚହଲ୍ ୩ଟି ଏବଂ ଅର୍ଶଦୀପ୍ ସିଂହ ଗୋଟିଏ ୱିକେଟ୍ ନେଇଥିଲେ।

ଏହା ପୂର୍ବରୁ ପଞ୍ଜାବ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମ୍‌ରନ୍ ସିଂହ ଜୋରଦାର ଆରମ୍ଭ କରିଥିଲେ। ପ୍ରିୟାଂଶ ୧୧ ବଲ୍‌ରେ ୨୯ ରନ୍ କରି ତୃତୀୟ ଓଭର୍‌ରେ ଜୋଫ୍ରା ଆର୍ଚର୍‌ଙ୍କ ଶିକାର ହୋଇଥିଲେ। ଏହାପରେ ପ୍ରଭସିମ୍‌ରନ୍ ଓ କୁପର କୋନୋଲୀ ଇନିଂସ୍ ସମ୍ଭାଳି ପାୱାରପ୍ଲେରେ ଟିମ୍‌ର ସ୍କୋର୍ ୬୫/୧ରେ ପହଞ୍ଚାଇଥିଲେ। କୋନୋଲୀ ୩୦ ରନ୍ କରି ୯ମ ଓଭର୍‌ରେ ଯଶ୍‌ରାଜ ପୁଞ୍ଜାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହାପରେ ୩୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ପ୍ରଭସିମ୍‌ରନ୍ ୪୪ ବଲ୍‌ରେ ୫୯ ରନ୍ କରି ଯଶ୍ ରାଜ ପୁଞ୍ଜାଙ୍କ ଶିକାର ହୋଇଥିଲେ। ଶ୍ରେୟସ୍ ଆୟର୍ ୨୭ ବଲ୍‌ରେ ୩୦ ରନ୍‌ର ଯୋଗଦାନ ଦେଇଥିଲେ। କିନ୍ତୁ ମାର୍କସ୍ ଷ୍ଟୋଇନିସ୍ ଦ୍ରୁତ ରନ୍ ସଂଗ୍ରହ ସହ ୨୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରି ଟିମ୍‌ର ସ୍କୋର୍ ୨୨୨ ରନ୍‌ରେ ପହଞ୍ଚାଇଥିଲେ। ଷ୍ଟୋଇନିସ୍ ୨୨ ବଲ୍‌ରେ ୬୨ ରନ୍ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଯଶ୍‌ରାଜ୍ ପୁଞ୍ଜା ୨ଟି ୱିକେଟ୍ ନେଇଥିବା ବେଳେ ଆର୍ଚର ଓ ନାନ୍ଦ୍ରେ ବର୍ଗରଙ୍କୁ ୧-୧ ସଫଳତା ମିଳିଥିଲା।

### ଉତ୍ତର-ପୂର୍ବ ରାଜ୍ୟକୁ ବିସିସିଆଇର ନୂଆ ଉପହାର

## ୬ ଇନ୍‌ଡୋର ଟ୍ରେନିଂ ସେଣ୍ଟର୍ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ




**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଉତ୍ତର-ପୂର୍ବ ରାଜ୍ୟରେ କ୍ରିକେଟ୍‌ର ଉନ୍ନତି ପାଇଁ ଏକ ସ୍ୱର୍ଣ୍ଣିମ ପଦକ୍ଷେପ ନେଇଛି। ବିସିସିଆଇର ୬ ନୂଆ ଇନ୍‌ଡୋର ଟ୍ରେନିଂ ସେଣ୍ଟର୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ଉଦ୍‌ଘାଟନ କରିଛନ୍ତି। ଏ ସମସ୍ତ ଟ୍ରେନିଂ ସେଣ୍ଟର୍ ପୂରା ଉତ୍ତର-ପୂର୍ବ ରାଜ୍ୟର କ୍ରିକେଟର୍‌ଙ୍କୁ ବିଶ୍ୱ-ଶ୍ରେଣୀର ସୁବିଧା ପ୍ରଦାନ ନିମନ୍ତେ ନିର୍ମାଣ କରାଯାଇଛି। ମଣିପୁର କ୍ରିକେଟ୍ ସଂଘ (ଏମ୍‌ଏନ୍‌ସିଏ) ସମ୍ପାଦକ ଲାରେନ୍‌ଜମ୍ ଗୀତରଞ୍ଜନ ସିଂହ ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି, ଏହା ମଣିପୁର କ୍ରିକେଟ୍ ଇତିହାସର ଏକ ବହୁତ ବଡ଼ ଦିନ। ଆମେ ସମସ୍ତେ ପୂର୍ବତନ ବିସିସିଆଇ ସମ୍ପାଦକ ତଥା ବର୍ତ୍ତମାନର ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ଏଥିପାଇଁ କୃତଜ୍ଞତା ଜଣାଉଛୁ। ଜୟ ଶାହ ୨୦୨୪ରେ ଏହି ଟ୍ରେନିଂ ସେଣ୍ଟର୍‌ର ଆଧାର ଶିଳା ସ୍ଥାପନ କରିଥିଲେ। ଦୁଇବର୍ଷ ଦ୍ରୁତ ଗତିରେ କାର୍ଯ୍ୟ ହୋଇ ଏବେ ସମସ୍ତ ଇନ୍‌ଡୋର ଟ୍ରେନିଂ ସେଣ୍ଟର୍ ଖେଳାଳିଙ୍କ ସହାୟତା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ବିସିସିଆଇର ଏହି ଛଅ ନୂଆ ଟ୍ରେନିଂ ସେଣ୍ଟର୍ ସିକ୍କିମ୍‌ର ରଙ୍ଗପୋ, ଅରୁଣାଚଳ ପ୍ରଦେଶର ଦୋଇମୁଖ, ମଣିପୁରର ଇମ୍ଫାଲ୍, ମେଘାଳୟର ମଦନକୁରକଲଙ୍ଗ, ମିଜୋରାମ୍‌ର ଆଇଜଲ୍ ଏବଂ ନାଗାଲାଣ୍ଡର ଦିମାପୁରରେ ନିର୍ମାଣ କରାଯାଇଛି। ଏହି ସେଣ୍ଟର୍‌ଗୁଡ଼ିକୁ ହାଇ-ପରଫର୍ମାନ୍ସ ସେଣ୍ଟର୍ ଭାବେ ଡିଜାଇନ୍ କରାଯାଇଛି, ଯେଉଁଥିରେ ଇନ୍‌ଡୋର୍ ପ୍ରାକ୍ଟିସ୍ ପିଚ୍, ହାଇଟେକ୍ ଜିମ୍, ଟେମ୍ପରେଚର୍ କଣ୍ଟ୍ରୋଲ୍ଡ ସ୍ୱିମିଂ ପୁଲ୍ ଏବଂ ଡେଡିକେଟେଡ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଓ ଟ୍ରେନିଂ ବ୍ଲକ୍ ସାମିଲ। ଏହି ସୁବିଧା ଦ୍ୱାରା ବର୍ଷ ସାରା ଟ୍ରେନିଂ ହୋଇପାରିବ। ବିଶେଷକରି ଏହି ଅଞ୍ଚଳରେ ଦୀର୍ଘ ସମୟର ମୌସୁମୀ ଋତୁକୁ ସାମ୍ନା କରିବାରେ ସହାୟତା ମିଳିବ। ଫଳରେ ଖେଳାଳିଙ୍କୁ ଟ୍ରେନିଂ ପାଇଁ ଦେଶର ଅନ୍ୟ ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଉଦ୍‌ଘାଟନ ଅବସରରେ ଜୟ ଶାହ ମଧ୍ୟ ଉପସ୍ଥିତ ଥିଲେ। ବିସିସିଆଇ ସଭାପତି ମିଥୁନ ମିନ୍‌ହାସ୍ କହିଛନ୍ତି, ଏହି ସେଣ୍ଟର୍ ଜରିଆରେ ଏଠାକାର ଉଦୀୟମାନ କ୍ରିକେଟର୍‌ଙ୍କୁ ଦେଶର ଅନ୍ୟ ସ୍ଥାନ ଭଳି ଉନ୍ନତ ମାନର ସୁବିଧା ଯେପରି ମିଳେ ତାହା ସୁନିଶ୍ଚିତ କରାଯାଇଛି।

## ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ୍ ପାଇଁ ବିନେଶ୍‌ଙ୍କ ପଞ୍ଜୀକରଣ



**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ଭାରତର ଷ୍ଟାର୍ ମହିଳା ପହେଲମାନ ବିନେଶ ଫୋଗଟ୍ ସୋମବାର ରାତିରେ ଗୋଣ୍ଡାରେ ହେବାକୁ ଥିବା ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ୍ ପାଇଁ ସଫଳତାର ସହ ପଞ୍ଜୀକରଣ କରିଛନ୍ତି। ମଙ୍ଗଳବାର ବିନେଶ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ସେ ଅଭିଯୋଗ କରିଥିଲେ ଯେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ତାଙ୍କ ଭାଗୀଦାରୀରେ ବାଧା ଉପୁଜାଉଛି। ବିଳମ୍ବରେ ତାଙ୍କ ପଞ୍ଜୀକରଣକୁ ନେଇ ସୃଷ୍ଟି ହୋଇଥିବା ଭ୍ରମ ସ୍ଥିତି ମଧ୍ୟ ମଧ୍ୟରେ ଏହି ସ୍ପଷ୍ଟୀକରଣ ସାମ୍ନାକୁ ଆସିଛି।

ଡବ୍ଲ୍ୟୁଏଫ୍‌ଆଇ କହିଥିଲା, ପଞ୍ଜୀକରଣ ପୋର୍ଟାଲ୍‌ରେ ବୈଷୟିକ ତ୍ରୁଟି ପାଇଁ କେବଳ ବିନେଶ ନୁହନ୍ତି, ବରଂ ଅନେକ ପହେଲ୍‌ମାନ ପ୍ରଥମରୁ ପ୍ରକ୍ରିୟା ପୂରା କରିପାରି ନଥିଲେ। ପରେ ଲିଙ୍କ୍ ଉପଲବ୍ଧ ହେବା ପରେ ବିନେଶ ନିଜ ପଞ୍ଜୀକରଣ କରାଇବାରେ ସଫଳ ହୋଇଛନ୍ତି। ବିନେଶ ସୋସିଆଲ୍ ମିଡିଆରେ ଲେଖିଛନ୍ତି, 'ଆଗାମୀ ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାପାଇଁ ମୋର ପଞ୍ଜୀକରଣ ଆଜି ସକାଳେ ପୂରା ହୋଇଛି। ଗତକାଲି ଲିଙ୍କ୍ ବନ୍ଦ କାରଣରୁ ପଞ୍ଜୀକରଣ କରିପାରି ନଥିଲି। ସମସ୍ତଙ୍କ ସମର୍ଥନ ପାଇଁ ଧନ୍ୟବାଦ। ୨୦ ମାସ ପରେ ପ୍ରଥମ ପ୍ରତିଯୋଗିତାରେ ଭାଗ ନେବାକୁ ନେଇ ଉତ୍ସାହିତ ଅଛି।'

ମେ' ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୋଣ୍ଡାରେ ହେବାକୁ ଥିବା ଆଗାମୀ ଜାତୀୟ ଓପନ୍ ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ବିନେଶ ୫୭ କିଲୋଗ୍ରାମ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍‌ରେ ଅଧିକ ଓଜନ କାରଣରୁ ଅଯୋଗ୍ୟ ଘୋଷିତ ହେବା ପରେ ଏହା ତାଙ୍କର ପ୍ରଥମ ଟୁର୍ଣ୍ଣାମେଣ୍ଟ୍ ହେବ। ସେ ଏହା ପୂର୍ବରୁ ସନ୍ନ୍ୟାସ ଘୋଷଣା କରିଥିଲେ। ମାତ୍ର ଚଳିତ ବର୍ଷ ଏସିଆନ୍ ଗେମ୍ସ ଏବଂ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌କୁ ଧ୍ୟାନରେ ରଖି ନିଜ ନିଷ୍ପତ୍ତି ପରିବର୍ତ୍ତନ କରିଛନ୍ତି। ୨୦୨୪ ଅକ୍ଟୋବରରେ ସେ ହରିଆଣା ବିଧାନସଭା ନିର୍ବାଚନରେ କଂଗ୍ରେସ ଟିକେଟ୍‌ରେ ବିଧାୟକ ନିର୍ବାଚିତ ହୋଇଥିଲେ ଏବଂ ଇତିମଧ୍ୟରେ ସେ ମା' ମଧ୍ୟ ହୋଇଛନ୍ତି।

## ଅଜମତୁଲ୍ଲାହ ଉମରଜଇଙ୍କ ମାତୃ ବିୟୋଗ

### ଆଇପିଏଲ୍ ଅଧାରୁ ସ୍ୱଦେଶ ଫେରିଲେ



**ନ୍ୟୁ ଚଣ୍ଡିଗଡ଼,୨୮।୪/ଏଜେନ୍ସି:** ରାଜସ୍ଥାନ ରୟାଲ୍ସ ବିପକ୍ଷ ମଙ୍ଗଳବାରର ମ୍ୟାଚ୍ ପୂର୍ବରୁ ପଞ୍ଜାବ କିଙ୍ଗ୍‌ସ ଟିମ୍‌କୁ ବଡ଼ ଝଟ୍‌କା ଲାଗିଛି। ମା'ଙ୍କ ପରଲୋକ କାରଣରୁ ଟିମ୍‌ର ବିଦେଶୀ ଖେଳାଳି ଅଲ୍‌ରାଉଣ୍ଡର୍ ଅମଜତୁଲ୍ଲାହ ଉମରଜାଇ ଆଇପିଏଲ୍ ଅଧାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପଞ୍ଜାବ କିଙ୍ଗ୍‌ସ କ୍ୟାପ୍‌ଟେନ୍ ଶ୍ରେୟସ୍ ଆୟର୍ ଏହି ସୂଚନା ଦେବା ସହିତ ଅଜମତୁଲ୍ଲାହଙ୍କ ପରିବାର ପ୍ରତି ସହାନୁଭୂତି ମଧ୍ୟ ଜଣାଇଛନ୍ତି। ବିଶ୍ୱର ନମ୍ବର ଏକ ଅଲ୍‌ରାଉଣ୍ଡର୍ ଅଜମତୁଲ୍ଲାହ ଉମରଜଇଙ୍କୁ ପଞ୍ଜାବ କିଙ୍ଗ୍‌ସ ୨.୪୦ କୋଟି ଟଙ୍କାରେ ନିଜ ସହ ସାମିଲ କରିଥିଲା। ମାତ୍ର ଏହି ଖେଳାଳିଙ୍କୁ ଏବେ ସୁଦ୍ଧା ସୁଯୋଗ ମିଳିନାହିଁ ଏବଂ ଏପ୍ରିଲ୍ ୨୭ରେ ତାଙ୍କ ମା'ଙ୍କ ଦେହାନ୍ତ ହୋଇଛି। ଫଳରେ ତାଙ୍କୁ ଆଫଗାନିସ୍ତାନ ଫେରିବାକୁ ପଡ଼ିଛି। ଏବେ ସେ କେବେ ଫେରିବେ, ସେ ସମ୍ପର୍କରେ କୌଣସି ସୂଚନା ନାହିଁ।

## ଥୋମାସ୍ କପ୍ କ୍ୱାର୍ଟର୍ ଫାଇନାଲ୍‌ରେ ଭାରତ

### ଉବର୍ କପ୍ ଗ୍ରୁପ୍ ପର୍ଯ୍ୟାୟରେ ଅଭିଯାନ ଶେଷ

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ୍ ଟିମ୍ ଥୋମାସ୍ କପ୍‌ରେ ଉନ୍ନତ ପ୍ରଦର୍ଶନ ଜାରିରଖି କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ପକ୍କା କରିଛି। ତେବେ ମହିଳା ଟିମ୍‌ର ଉବର୍ କପ୍ ଗ୍ରୁପ୍ ପର୍ଯ୍ୟାୟରୁ ଅଭିଯାନ ଶେଷ ହୋଇଛି। ଡେନ୍‌ମାର୍କର ହୋର୍ସେନ୍ସରେ ଗ୍ରୁପ୍-ଏ'ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଟିମ୍ ୫-୦ରେ ଅଷ୍ଟ୍ରେଲିଆକୁ କ୍ଲିନ୍ ସ୍ୱିପ୍ କରିଛି। ଏହା ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ କାନାଡାକୁ ୪-୧ରେ ପରାଜିତ କରିଥିଲା। ଏବେ ବୁଧବାର ଭାରତର ମୁକାବିଲା ଟପ୍ ସିଡ୍ ଚୀନ୍ ସହିତ ହେବ, ଯେଉଁଥିରୁ ଗ୍ରୁପ୍-ଏ'ର ଟପ୍ ଟିମ୍ ସ୍ଥିର ହେବ।

ମ୍ୟାଚ୍‌ର ଆରମ୍ଭ ଲକ୍ଷ୍ୟ ସେନ୍ କରିଥଲେ। ସେ ଏପ୍ରେମ୍ ଷ୍ଟିଫେନ୍ ସାମ୍‌ଙ୍କୁ ୨୧-୧୪, ୨୧-୧୬ରେ ହରାଇ ଭାରତର ଖାତା ଖୋଲିଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ ଏସୀୟ ଚାମ୍ପିଅନ୍‌ଶିପ୍ ରୌପ୍ୟ ବିଜେତା ଆୟୁଷ ସେଟ୍ଟୀ ୨୧-୮, ୨୧-୬ରେ ଶ୍ରେୟ ଡାଣ୍ଟ୍‌ଙ୍କୁ ହରାଇ ସ୍କୋର୍ ୨-୦ କରିଥିଲେ। ଭାରତର ଷ୍ଟାର୍ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ୍ ରାଙ୍କୀରେଡ୍ଡୀ ଏବଂ ଚିରାଗ ସେଟ୍ଟୀ ତୃତୀୟ ମ୍ୟାଚ୍ ଜିତି ଅଜେୟ ଅଗ୍ରଣୀ ପ୍ରଦାନ କରିଥିଲେ। ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ଯୋଡ଼ି ରିଜ୍‌କି ହିଦାୟତ୍ ଏବଂ ଜ୍ୟାକ୍ ୟୁ'ଙ୍କୁ ୨୧-୧୪, ୨୧-୧୬ରେ ହରାଇବା ପରେ ଭାରତର କ୍ୱାର୍ଟର୍ ଫାଇନାଲ୍ ସ୍ଥାନ ପକ୍କା ହୋଇଥିଲା। ୩ୟ ସିଙ୍ଗଲ୍ସରେ ଏଚ୍‌ଏସ୍ ପ୍ରଣୟ ୨୧-୧୧, ୨୧-୧୭ରେ ଋଷି ହୋଣ୍ଡା ଭୂପତିଙ୍କୁ ମାତ୍‌ଦେଇ ଭାରତକୁ ୪-୦ରେ ଆଗୁଆ କରିଥିଲେ। ଅନ୍ତିମ ଡବଲ୍ସରେ ହରିହରନ୍ ଅମଶକରୁଣନ୍ ଏବଂ ଏମ୍‌ଆର୍ ଅର୍ଜୁନ୍ ୨୧-୧୨, ୨୧-୧୦ରେ ଏଣ୍ଡିଆ ରାମାଦିୟାନ୍‌ସ୍ୟାହ ଏବଂ ଏପ୍ରେମ୍ ସାମ୍‌ଙ୍କୁ ହରାଇ କ୍ଲିନ୍ ସ୍ୱିପ୍ ପୂରା କରିଥିଲେ। ମହିଳା ବିଭାଗରେ ଗ୍ରୁପ୍-ଏ'ର ଅନ୍ତିମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ଚୀନ୍ ୫-୦ରେ ଭାରତକୁ ହରାଇ ଟୁର୍ଣ୍ଣାମେଣ୍ଟରୁ ବିଦାନ କରିଛି। ୱାଙ୍ଗ୍ ଝି ୟୀ ପ୍ରଥମେ ପିଭି ସିନ୍ଧୁଙ୍କ ହରାଇବା ପରେ ବିଶ୍ୱ ନଂ-୨ ଚେନ୍ ୟୁ ଫେନ୍ ସିଧା ଗେମ୍‌ରେ ଈଶାରାଣୀ ବରୁଆଙ୍କୁ ହରାଇ ୨-୦ରେ ଚୀନ୍‌ରେ ଆଗୁଆ କରିଥିଲେ। ଡବଲ୍ସ ମ୍ୟାଚ୍‌ରେ ଚୀନ୍ ପ୍ରଭାବ ଜାହିର କରି ଲିୟୁ/ତାନ୍ ଏବଂ ଲୁୟୋ/ଝାଙ୍ଗ୍‌ଙ୍କ ଯୋଡ଼ି ନିଜ ନିଜ ମ୍ୟାଚ୍ ଜିତି କ୍ଲିନ୍ ସ୍ୱିପ୍ କରିଥିଲେ। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଗୋଟିଏ ବିଜୟ ଓ ଦୁଇଟି ପରାଜୟ ସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି।

### ଆଇସିସି ମହିଳା ଟି-୨୦ ର୍‍ୟାଙ୍କିଙ୍ଗ୍: ୪ର୍ଥକୁ ଉଠିଲେ ଦୀପ୍ତି

## ପଞ୍ଚମ ସ୍ଥାନକୁ ଖସିଲେ ମନ୍ଧାନା



**ଦୁବାଇ,୨୮।୪/ଏଜେନ୍ସି:** ଭାରତୀୟ ଭାଇସ୍ କ୍ୟାପ୍‌ଟେନ୍ ସ୍ମୃତି ମନ୍ଧାନା ମଙ୍ଗଳବାର ଜାରୀ ସଦ୍ୟତମ ଆଇସିସି ମହିଳା ଟି-୨୦ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ସୂଚୀରେ ଗୋଟିଏ ସ୍ଥାନର କ୍ଷତି ସହିତ ପଞ୍ଚମ ସ୍ଥାନକୁ ଖସିଆସିଛନ୍ତି। ତେବେ ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମା ବୋଲିଂ ର୍‍ୟାଙ୍କିଙ୍ଗ୍‌ର ଚତୁର୍ଥ ସ୍ଥାନକୁ ଉଠିଛନ୍ତି। ବ୍ୟାଟିଂ ସୂଚୀରେ ଅନ୍ୟ ପ୍ରମୁଖ ପରିବର୍ତ୍ତନରେ ଭାରତୀୟ କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌର୍ ଗୋଟିଏ ସ୍ଥାନର ସୁଧାର ଫଳରେ ୬୪୬ ପଏଣ୍ଟ ସହ ପୁଣିଥରେ ଟପ୍-୧୦ରେ ପ୍ରବେଶ କରିଛନ୍ତି। ନିକଟରେ ଶେଷ ହୋଇଥିବା ସାଉଥ୍ ଆଫ୍ରିକା ବିପକ୍ଷ ସିରିଜ୍‌ରେ ୧୬୯ ରନ୍ କରିବା ପରେ ହରମନପ୍ରୀତ୍‌ଙ୍କୁ ର୍‍ୟାଙ୍କିଙ୍ଗ୍‌ରେ ଏହି ଲାଭ ମିଳିଛି। ଏହା ବ୍ୟତୀତ ରିଚା ଘୋଷ ଦୁଇଟି ସ୍ଥାନ ଉପରକୁ ଉଠି ୨୨ତମ ସ୍ଥାନରେ ପହଞ୍ଚିଛନ୍ତି। ସାଉଥ୍ ଆଫ୍ରିକା କ୍ୟାପ୍‌ଟେନ୍ ଲୌରା ୱଲ୍‌ଭର୍ଡ଼ଟ୍ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଦୁଇଟି ସ୍ଥାନର ସୁଧାର ସହ ତୃତୀୟ ସ୍ଥାନରେ ରହିଛନ୍ତି ଏବଂ କ୍ୟାରିୟର୍‌ର ସର୍ବଶ୍ରେଷ୍ଠ ୭୮୬ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ଜର୍ଜିଆ ଭୋଲ୍ ୮୧୫ ପଏଣ୍ଟ୍ ସହ ଶୀର୍ଷରେ ଥିବାବେଳେ ବେଥ୍ ମୁନି (୭୮୮) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବୋଲିଂ ସୂଚୀରେ ପାକିସ୍ତାନୀ ସ୍ପିନର୍ ସାଦିୟା ଇକ୍‌ବାଲ୍ ଶୀର୍ଷ ସ୍ଥାନରେ ବଜାୟ ରହିଥିବା ବେଳେ ଭାରତୀୟ ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମା ଏବଂ ସାଉଥ୍ ଆଫ୍ରିକା ସ୍ପିନର୍ ନୋନ୍‌କୁଲୁଲେକୋ ମଲାବା ସଂଯୁକ୍ତ ଭାବେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଭାରତର ଯୁବ ଖେଳାଳି ଶ୍ରୀ ଚରଣୀ କ୍ୟାରିୟର୍‌ର ସର୍ବଶ୍ରେଷ୍ଠ ରେଟିଂ ହାସଲ କରିଛନ୍ତି। ବେନୋନୀରେ ସାଉଥ୍ ଆଫ୍ରିକା ବିପକ୍ଷ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଦୁଇଟି ୱିକେଟ୍ ନେବାପରେ ଏହି ବାମହାତୀ ବୋଲର୍ ୧୨ ସ୍ଥାନର ଲମ୍ଫ ପ୍ରଦାନ କରି ଏକାଦଶରେ ପହଞ୍ଚିଛନ୍ତି।

**ଦେଶ ବିଦେଶ**

## ବିଜେପି ମନ୍ତ୍ରୀ ନିତେଶ ରାଣେଙ୍କୁ ଏକମାସ ଜେଲ୍



**ମୁମ୍ବାଇ,୨୮।୪/ଏଜେନ୍ସି:** ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଏବଂ ବିଜେପି ନେତା ନିତେଶ ରାଣେଙ୍କୁ ସିନ୍ଧୁଦୁର୍ଗ କୋର୍ଟ ଇଞ୍ଜିନିୟର୍‌ଙ୍କ ଉପରକୁ କାଦୁଅ ପକାଇବା ମାମଲାରେ ଏକମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। କୋର୍ଟ ତାଙ୍କ ଆଦେଶରେ କହିଛନ୍ତି, ଜନପ୍ରତିନିଧି (ସାଂସଦ, ବିଧାୟକ କିମ୍ବା ପାର୍ଷଦ) ଆଇନ ନିଜ ହାତକୁ ନେଇପାରିବେ ନାହିଁ। ଅବଶ୍ୟ ପରେ ହାଇକୋର୍ଟ ଦଣ୍ଡାଦେଶ ଉପରେ ରୋକ୍ ଲଗାଇ ଅପିଲ୍ କରିବା ପାଇଁ ସମୟ ଦେଇଛନ୍ତି। ଏହି ମାମଲାରେ ବାକି ୨୯ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଛି। ଏହି ମାମଲାରେ ୨୦୧୯ ଜୁଲାଇନ୍ ୪ ତାରିଖର। ନିତେଶ ରାଣେ ଏନ୍‌ଏଚ୍‌ଏଆଇ ସବ୍-ଡିଭିଜନାଲ୍ ଇଞ୍ଜିନିୟର୍ ପ୍ରକାଶ ଶେଖେକର୍‌ଙ୍କୁ ମୁମ୍ବାଇ-ଗୋଆ ହାଇୱେ ପ୍ରଶସ୍ତୀକରଣ କାମର ନିରୀକ୍ଷଣ ପାଇଁ ଡକାଇଥିଲେ। ସଡ଼କର ଖରାପ ସ୍ଥିତି ଏବଂ ପାଣି ଭରି ରହୁଥିବାକୁ ନେଇ ରାଣେ ଅସନ୍ତୋଷ ପ୍ରକାଶ କରିବା ସହିତ ସମର୍ଥକଙ୍କ ସହ ଇଞ୍ଜିନିୟର୍‌ଙ୍କୁ ଉପରେ କାଦୁଅ ପାଣିରେ ଚାଲିବାକୁ ବାଧ କରିଥିଲେ। ସେ ସମୟରେ ନିତେଶ ରାଣେ କଂଗ୍ରେସ ପାର୍ଟିରେ ଥିଲେ। ଏବେ ସେ ବିଜେପି ବିଧାୟକ ଭାବେ ମହାରାଷ୍ଟ୍ର ସରକାରରେ ମତ୍ସ୍ୟ ପାଳନ ଓ ବନ୍ଦର ମନ୍ତ୍ରୀ ଅଛନ୍ତି।

## ଗୁଜରାଟର ସମସ୍ତ ୧୫ ନଗର ନିଗମରେ ବିଜେପି ବିଜୟୀ

### କର୍ମକର୍ତ୍ତାଙ୍କୁ ବଧାଇ ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ



**ଗାନ୍ଧୀନଗର,୨୮।୪/ଏଜେନ୍ସି:** ଭାରତୀୟ ଜନତା ପାର୍ଟି (ବିଜେପି) ଗୁଜରାଟ ସ୍ଥାନୀୟ ନିର୍ବାଚନରେ ଚମତ୍କାର ବିଜୟ ହାସଲ କରିଛି। ପାର୍ଟି ରାଜ୍ୟର ସମସ୍ତ ୧୫ ନଗର ନିଗମରେ ବିଜୟୀ ହୋଇଛି। ପାର୍ଟି ରାଜକୋଟ, ଜାମନଗର, ଅହମଦାବାଦ, ଭାବନଗର, ସୁରତ ଏବଂ ମୋରବୀ ନଗର ନିଗମ ପୁଣିଥରେ କବ୍‌ଜା କରିଥିବା ବେଳେ ୯ ନୂଆ ନଗର ନିଗମରେ ହୋଇଥିବା ପ୍ରଥମ ନିର୍ବାଚନରେ ବିଜେପିକୁ ସଫଳତା ମିଳିଛି।

ରାଜ୍ୟର ୧୫ ନଗର ନିଗମ, ୮୪ ନଗରପାଳିକା, ୩୪ ଜିଲ୍ଲା ପଞ୍ଚାୟତ ଏବଂ ୨୪୦ ତାଲୁକ ପଞ୍ଚାୟତ ପାଇଁ ହୋଇଥିବା ନିର୍ବାଚନର ମଙ୍ଗଳବାର ସକାଳ ୮ଟାରେ ଗଣତି ହୋଇଥିଲା। ରାଜ୍ୟରେ ମୋଟ ୯୯୯୨ ଆସନରେ ଭୋଟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯୯୮୬ ଆସନର ଫଳାଫଳ ପ୍ରକାଶ ପାଇଛି। ଏହା ମଧ୍ୟରୁ ବିଜେପି ୭୪୯୧ ଆସନରେ ବିଜୟୀ ହୋଇଛି। କଂଗ୍ରେସକୁ ୧୭୪୦ ଏବଂ ଅନ୍ୟମାନଙ୍କୁ ୭୫୫ ଆସନ ମିଳିଛି। ଏହି ନିର୍ବାଚନରେ ବିଜେପିର ଷ୍ଟ୍ରାଇକ୍ ରେଟ୍ ୭୬% ହୋଇଥିବା ବେଳେ କଂଗ୍ରେସ ଦ୍ୱିତୀୟ ବଡ଼ ପାର୍ଟି ଭାବେ ଉଭା ହୋଇଛି। ଅନ୍ୟପକ୍ଷରେ ଗୋଧ୍ରା ୱାର୍ଡ ନମ୍ବର-୭ରେ ସ୍ୱାଧୀନ ମହିଳା ପ୍ରାର୍ଥୀ ଅପେକ୍ଷାବେନ୍ ନୈନେଭାଇ ସୋନି ବିଜୟୀ ହୋଇଛନ୍ତି। ଏହି ଆସନରେ ଶତପ୍ରତିଶତ ଭୋଟର୍ ମୁସ୍‌ଲିମ୍। ଏହି ସବୁ ଆସନରେ ଏପ୍ରିଲ୍ ୨୬ ତାରିଖରେ ମତଦାନ ହୋଇଥିଲା। ମୋଟ ୪ କୋଟି ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର୍ ମତଦାନ କରିଥିଲେ। ବିଜେପିର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ୍ ମିଡିଆ ପୋଷ୍ଟ ଜରିଆରେ ପାର୍ଟି କର୍ମକର୍ତ୍ତାଙ୍କୁ ବଧାଇ ଜଣାଇଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra